ବର୍ଷ-୨୫, ସଂଖ୍ୟା-୧୫୬
ଭୁବନେଶ୍ୱର
୦୮, ଜୁନ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 156
Bhubaneswar
08, June, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



'ଲ୍ୟାଣ୍ଡଫଲ୍'ରେ ଅଭିନେତ୍ରୀ ଦିବ୍ୟାସ୍ମାତା

# କନ୍ଧମାଳ ଓ ସୋନପୁର ଜିଲ୍ଲା ପାଇଁ ସ୍ୱାସ୍ଥ୍ୟ, ଜଳସେଚନ ପ୍ରକଳ୍ପ

- ଫୁଲବାଣୀ ମେଡିକାଲ କଲେଜ ଓ ହସ୍ପିଟାଲ ଉଦ୍‌ଘାଟିତ
- ୭୫୦ କୋଟିର ୧୦ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
- ସୋନପୁରରେ ୩୨୩ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ୫୬ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ
- ସୁନାର ଜିଲ୍ଲା ହେବ ସୁବର୍ଣ୍ଣପୁର : ମୁଖ୍ୟମନ୍ତ୍ରୀ





**ଫୁଲବାଣୀ/ସୋନପୁର,୭।୬(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କନ୍ଧମାଳ ଓ ସୋନପୁର ଜିଲ୍ଲା ଗସ୍ତ କରି ୧୦୭୫ କୋଟି ଟଙ୍କାର ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଫୁଲବାଣୀ ଠାରେ ୧୦୦ ସିଟ ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଶୁଭ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। କନ୍ଧମାଳବାସୀଙ୍କ ବହୁଦିନର ଆଶା ପୂରଣ କରିଛି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସେମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। କନ୍ଧମାଳର ଏହି ମେଡିକାଲ୍ କଲେଜ୍ କେବଳ ଚିକିତ୍ସା ଶିକ୍ଷା ପ୍ରଦାନ କରିବ ନୁହେଁ, ବରଂ ଏହା ଏଠାରେ ଏକ ସୁନିଶ୍ଚିତ ଓ ଗୁଣବତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ହେବ। ଏହି ୬୫୦ ଶଯ୍ୟା ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦ୍ୱାରା କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସଭାରେ ଉଦବୋଧନ ଦେଇ ସେ କହିଥିଲେଯେ, ଆମ ସରକାର ଆସିବା ମାତ୍ରେ ଓଡିଶା ଲୋକଙ୍କ ବହୁ ଆକାଙ୍କ୍ଷିତ 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଯାହାକୁ ରାଜନୈତିକ କାରଣରୁଆପଣମାନଙ୍କଠୁ ଦୂରେଇ ରଖାଯାଇଥିଲା, କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଓଡିଶାର ସାଢେ ତିନିକୋଟିଲୋକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଦେଶର ୨୯ ହଜାର ବେସରକାରୀ ମେଡିକାଲରେ ପାଇ ପାରିବେ। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ସମ୍ମିଳିତ ଭାବେ ଉତ୍ତମ ସ୍ୱାସ୍ଥ୍ୟ ସେବାର ସୁବିଧା ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରୁଛି। ଏହି ତିନୋଟି ସ୍ୱାସ୍ଥ୍ୟ ସେବା ଯୋଜନା ଦ୍ୱାରା ରାଜ୍ୟର ୮୦ ପ୍ରତିଶତରୁ ବି ଅଧିକ ସାଧାରଣ ଜନତା ସୁବିଧା ପାଇବେ। ସେ କହିଥିଲେଯେ, ଗତ ୨୪ ବର୍ଷରେ ବିଶ୍ୱସ୍ତରୀୟ ସେବା ନାଁରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସଂପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିଲା। ଏହାକୁ ସଜାଡିବା ସହିତ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ କାର୍ଯ୍ୟ ଜାରି ରହିଛି। ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇଁ ଆସନ୍ତା ଏକ ବର୍ଷ ମଧ୍ୟରେ ଓଡିଶାରେ ଡାକ୍ତରଙ୍କ ଅଭାବ ରହିବ ନାହିଁ, ପ୍ରତ୍ୟେକ ହସ୍ପିଟାଲରେ ଆବଶ୍ୟକ ଡାକ୍ତରଙ୍କୁ ପୋଷ୍ଟିଂ କରାଯିବ। ଏହି ସେବା ପାଇଁ ଆବଶ୍ୟକ ପାଣ୍ଠି। ମୁଁ ସେଥିପାଇଁ କୌଣସି କାର୍ପଣ୍ୟ କରିନାହିଁ। ଚଳିତ ବଜେଟରେ କେବଳ ସ୍ୱାସ୍ଥ୍ୟ ସେବା ପାଇଁ ୨୩ ହଜାର ୬୩୫ କୋଟି ଟଙ୍କାର ପ୍ରାବଧାନ କରିଛି ଯାହା ମୋଟ ବଜେଟର ୮.୨ ପ୍ରତିଶତ। ଏହା ରାଜ୍ୟ ଇତିହାସରେ ସବୁଠାରୁ ଅଧିକ। ଏଥିରୁ ଆପଣମାନେ ଜାଣିପାରୁଥିବେ ସରକାର ସ୍ୱାସ୍ଥ୍ୟସେବାକୁ କେତେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ମହାବିଦ୍ୟାଳୟ, କନ୍ଧମାଳ ଓ ଆଖପାଖ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଶିକ୍ଷାର ଏକ ନୂଆ ଦ୍ୱାର ଖୋଲିଛି। ଏହି ୧୦୦ ସିଟ ବିଶିଷ୍ଟ ମହାବିଦ୍ୟାଳୟରୁ ସ୍ନାତକ ପାଇବା ପରେ ଭେଷଜ ବିଶେଷଜ୍ଞମାନେ ଭବିଷ୍ୟତରେ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ। ଏହା ସ୍ଥାନୀୟ ରୋଜଗାର, ଗବେଷଣା ଓ ଅର୍ଥନୈତିକ ବିକାଶ ପାଇଁ ମଧ୍ୟ ଏକ ଶକ୍ତିଶାଳୀ ଇଞ୍ଜିନ ଭାବରେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ଫୁଲବାଣୀ ଠାରେ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ମାନଙ୍କ ମଧ୍ୟରୁ ୬୫୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୫ ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ ହେବା ସହିତ ପ୍ରାୟ ୯୪ କୋଟିରୁ ଉର୍ଦ୍ଧ୍ୱ ୫ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି ।

ସେହିପରି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାରେ ୩୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପ ମୂଲ୍ୟର ୫୬ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୮୦ କୋଟି ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି ଏବଂ ୨୪୪ କୋଟି ଟଙ୍କା ମୂଲ୍ୟର ୪୫ ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି। ଏହିସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଡ଼କ ନିର୍ମାଣ, ଜଳସେଚନ, ସେତୁନିର୍ମାଣ, ସ୍ୱାସ୍ଥ୍ୟ ସେବା ପ୍ରକଳ୍ପ, ମେଗା ଲିଫ୍‌ଟ ପ୍ରୋଜେକ୍ଟ ଏବଂ ହଷ୍ଟେଲ ଇତ୍ୟାଦି ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ଉପରେ ଗୋଧନେଶ୍ୱର ଓ ଖଇରମାଳ (ବୀରମହାରାଜପୁର ବ୍ଲକ) ସହିତ ଉଲୁଣ୍ଡାର ହରିହର ଜୋର ଏବଂ ବୀରମହାରାଜପୁରର ସୁରୁବାଲି ଠାରେ ୪ଟି ନଦୀଗର୍ଭ ଜଳାଶୟ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ ।ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଆମ ସରକାର ଯାହା କଥା ଦିଅନ୍ତି, ତାହା କରିକି ଦେଖାନ୍ତି । ଆମେ ପ୍ରତିଶ୍ରୁତି ଦେଇଥିବା ୨୧ ଟି କାର୍ଯ୍ୟକ୍ରମ ମଧ୍ୟରୁ ଏକ ବର୍ଷ ଭିତରେ ୧୧ ଟି କାର୍ଯ୍ୟକାରୀ କରିଛୁ। ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ କ୍ୟାବିନେଟ ନିଷ୍ପତି ନେଇ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛୁ । ଚାଷୀମାନଙ୍କୁ ଅସମୟରେ ସାହାଯ୍ୟ କରିବା ପାଇଁ ଅଦିନିଆ ବର୍ଷା କ୍ଷୟ କ୍ଷତିକୁ ଇତିହାସ ସୃଷ୍ଟି କରି ରିଲିଫ୍ କୋଡରେ ଅନ୍ତର୍ଭୁକ୍ତ କରିଛୁ । ଆଜି ବିକାଶ ପଥରେ ଓଡ଼ିଶା ଅଗ୍ରସର ହେଉଛି।

## ସମ୍ବଲପୁରରେ ସର୍ଚ୍ଚ ଅପରେସନ

ସମ୍ବଲପୁର,୭।୬(ମହାଭାରତ): ବହୁଦିନର ନୀରବତା ପରେ ସମ୍ବଲପୁର ଜିଲାରେ ପୁଣିଥରେ ମାଓବାଦୀ ସକ୍ରିୟ ହୋଇଉଠିଥିବା ଅନୁମାନ କରାଯାଉଛି। ସୋନପୁର, ବୌଦ୍ଧ, ରେଢ଼ାଖୋଲ ଅଞ୍ଚଳର ଠେଙ୍ଗୋ ଡ୍ୟାମ ସଂଲଗ୍ନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ବିଶେଷକରି ଚରମାଳ ଥାନା ଅନ୍ତର୍ଗତ ଅଞ୍ଚଳରେ ମାଓବାଦୀ ସକ୍ରିୟ ଥିବା ଗୋଇନ୍ଦା ସୂଚନା ମିଳିଛି।

ଏପରିକି କେତେକ ସ୍ଥାନରେ ମାଓବାଦୀ ପୋଷ୍ଟର ଲାଗିଥିବା ମଧ୍ୟ ସୂଚନା ମିଳିଛି। ତେବେ ଏଠାରେ ରହିଥିବା ମାଓବାଦୀଙ୍କ ସଂଖ୍ୟା ସଠିକ ଭାବେ ଜଣାପଡ଼ିନାହିଁ। ପୂର୍ବରୁ ସମ୍ବଲପୁରରେ ମାଓବାଦୀଙ୍କ ଗତିବିଧି ଥିବା ବେଳେ ଦୀର୍ଘବର୍ଷ ହେଲା ଏଠାରେ ମାଓବାଦୀଙ୍କୁ ଗତିବିଧି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅପରପକ୍ଷରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ପରେ ଅର୍ଦ୍ଧ ସାମରିକ ବାହିନୀ, ଏସ୍ଓଜି ଯବାନଙ୍କୁ ପକ୍ଷରୁ ମିଳିତ ଭାବେ ଚରମାଳ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏପରିକି ଚରମାଳ ଓ ନାକଟିଦେଉଳ ଥାନାରେ ଏସ୍ଓଜି ଯବାନ ଡେରା ପକାଇଥିବା ମଧ୍ୟ ଖବର ମିଳିଛି ।ସୂଚନାଯୋଗ୍ୟ, ଛତିଶଗଡ଼ରେ ମାଓବାଦୀ ବିରୋଧୀ ଅପରେଶନ 'କାଗାର'ର ବଡ଼ ସଫଳତା ପରେ ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷରତ ମାଓବାଦୀ ଏବେ ଓଡ଼ିଶା ମୁହାଁ ହୋଇଥିବା ଅନୁମାନ କରାଯାଏ। ଛତିଶଗଡ଼ରେ ସରଣ୍ଡା ଜଙ୍ଗଲରେ ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣା ପରେ ଛତିଶଗଡ଼ ସୀମାନ୍ତ କେରେଗୁଡ଼ା ଜଙ୍ଗଲରେ ନକ୍ସଲ ଦମନ ଅଭିଯାନ ଜୋରଦାର ଚାଲିଥିଲା।

# ଟପ୍ କ୍ୟାଡର ଭାସ୍କର ସହ ୭ ମାଓବାଦୀ ମୃତ

ମାଲକାନଗିରି,୭।୬(ମହାଭାରତ): ମାଲକାନଗିରି ସୀମାନ୍ତ ଛତିଶଗଡରେ ନକ୍ସଲଙ୍କୁ ଆଉ ତ୍ରାହି ନାହିଁ। ଲଗାତାର ଅପରେସନ ଜାରି ରହିଥିବା ବେଳେ ସଂଗଠନର ବଡ଼ ବଡ଼ କ୍ୟାଡର ନକ୍ସଲଙ୍କର ମୃତ୍ୟୁ ସଂଗଠନକୁ ଏବେ ଚିନ୍ତାରେ ପକାଇଛି। ଗତକାଲି ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନରେ ହୋଇଥିବା ଏନକାଉଣ୍ଟରରେ ଆଉ ଜଣେ ଦୁର୍ଦ୍ଦାନ୍ତ ନକ୍ସଲ ମୃତ୍ୟୁବରଣ କରିଛି। ଏଥିସହ ୭ ଜଣ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ଦୁଇ ଦିନ ତଳେ କେନ୍ଦ୍ରୀୟ କମିଟିର ସଦସ୍ୟ ସୁଧାକରର ମୃତ୍ୟୁ ହୋଇଥିବା ବେଳେ ଗତକାଲି ଏନକାଉଣ୍ଟରରେ ଅଢେ ଜଣେ ଆଗଧାଡ଼ିର ନକ୍ସଲ ଭାସ୍କରର ମୃତ୍ୟୁ ହୋଇଛି। ଭାସ୍କର ନାମରେ ସରକାର ୪୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଭାସ୍କର ନିକଟରେ ଏକ ଏକେ-୪୭ ବନ୍ଧୁକ ଜବତ କରିଛି ପୁଲିସ।

ବସ୍ତର ପୁଲିସ ଆଇଜି ପି. ସୁନ୍ଦରରାଜ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତ ୪, ୫ ଓ ୬ ତାରିଖ ୩ ଦିନ ଧରି ନ୍ୟାସନାଲ ପାର୍କ ଜଙ୍ଗଲରେ ସର୍ଚ୍ଚ ଅପରେସନ ସମୟରେ ମାଓବାଦୀଙ୍କ ସହିତ ଗୁଳିବିନିମୟ ଘଟିଥିଲା। ଏହି ଗୁଳିବିନିମୟ ସମୟରେ ୭ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ୨ ମାଓବାଦୀଙ୍କ ପରିଚୟ ମିଳିଥିବାବେଳେ ଅନ୍ୟ ୫ଜଣଙ୍କର ପରିଚୟ ଜଣାପଡ଼ିନାହିଁ। ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ମାଓବାଦୀ ରହିଛନ୍ତି। ଏମାନେ ସମସ୍ତେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ନାମକ ମାଓବାଦୀ ସଂଗଠନ ପାଇଁ କାମ କରୁଥିବା ଜଣାପଡ଼ିଛି।

ପୁଲିସର କହିବା ଅନୁଯାୟୀ ମୁଣ୍ଡଗୁଲା ଭାସ୍କର ରାଓ ଅରଫ ମଇଲାରାପୁ ତେଲେଙ୍ଗାନା ଜିଲ୍ଲାର ଆଦିଲାବାଦ



ଜିଲ୍ଲାର ଉରୁମାଦଲା ଗ୍ରାମର ବାସିନ୍ଦା। ସେ ତେଲେଙ୍ଗାନା ଷ୍ଟେଟ କମିଟିର ସ୍ୱତନ୍ତ୍ର ଜୋନାଲ କମିଟର ସଦସ୍ୟ ରହିଥିଲା। ଏଥିସହ ତେଲେଙ୍ଗାନା ରାଜ୍ୟ ସମିତିର ମଞ୍ଚେରିୟଲ କୋମରା ଭୀମ ସଂଗଠନର ସଚିବ ମଧ୍ୟ ରହିଥିଲା। ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଜାରି ରହିଛି। ଏହି ଏନକାଉଣ୍ଟରରେ ଆହୁରି କେତେ ନକ୍ସଲ ମୃତାହତ ହୋଇଛନ୍ତି ସେନେଇ ତଦନ୍ତ ଚାଲିଥିବା ପୁଲିସ କହିଛି। ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ ତେଲେଙ୍ଗାନା ଷ୍ଟେଟ କମିଟି ନକ୍ସଲ ସଂଗଠନର ପ୍ରେସ ଇନଚାର୍ଜ ପ୍ରକାଶ ସମେତ ବହୁ ନକ୍ସଲ ଏଠାରେ କ୍ୟାମ୍ପ କରି ରହିଛନ୍ତି। ପୁଲିସ ତୁରନ୍ତ ଚଢାଉ କରିଥିଲା। ତେବେ ବହୁ ନକ୍ସଲ ଏହି ଏନକାଉଣ୍ଟରରେ ଖସି ପଳାଇବାରେ ସଫଳ ହୋଇଥିବା ପୁଲିସ କହିଛି। ତେବେ ଆହୁରି ଅଧିକା ନକ୍ସଲ ମୃତ୍ୟୁବରଣ କରିଥିବା ପୁଲିସ ଅନୁମାନ କରୁଛି।

ପୁଲିସର କହିବା ଅନୁଯାୟୀ ମୁଣ୍ଡଗୁଲା ଭାସ୍କର ରାଓ ଅରଫ ମଇଲାରାପୁ ତେଲେଙ୍ଗାନା ଜିଲ୍ଲାର ଆଦିଲାବାଦ ଜିଲ୍ଲାର ଉରୁମାଦଲା ଗ୍ରାମର ବାସିନ୍ଦା। ସେ ତେଲେଙ୍ଗାନା ଷ୍ଟେଟ କମିଟିର ସ୍ୱତନ୍ତ୍ର ଜୋନାଲ କମିଟର ସଦସ୍ୟ ରହିଥିଲା। ଏଥିସହ ତେଲେଙ୍ଗାନା ରାଜ୍ୟ ସମିତିର ମଞ୍ଚେରିୟଲ କୋମରା ଭୀମ ସଂଗଠନର ସଚିବ ମଧ୍ୟ ରହିଥିଲା। ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଜାରି ରହିଛି। ଏହି ଏନକାଉଣ୍ଟରରେ ଆହୁରି କେତେ ନକ୍ସଲ ମୃତାହତ ହୋଇଛନ୍ତି ସେନେଇ ତଦନ୍ତ ଚାଲିଥିବା ପୁଲିସ କହିଛି। ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ ତେଲେଙ୍ଗାନା ଷ୍ଟେଟ କମିଟି ନକ୍ସଲ ସଂଗଠନର ପ୍ରେସ ଇନଚାର୍ଜ ପ୍ରକାଶ ସମେତ ବହୁ ନକ୍ସଲ ଏଠାରେ କ୍ୟାମ୍ପ କରି ରହିଛନ୍ତି। ପୁଲିସ ତୁରନ୍ତ ଚଢାଉ କରିଥିଲା। ତେବେ ବହୁ ନକ୍ସଲ ଏହି ଏନକାଉଣ୍ଟରରେ ଖସି ପଳାଇବାରେ ସଫଳ ହୋଇଥିବା ପୁଲିସ କହିଛି। ତେବେ ଆହୁରି ଅଧିକା ନକ୍ସଲ ମୃତ୍ୟୁବରଣ କରିଥିବା ପୁଲିସ ଅନୁମାନ କରୁଛି।

# ୨୦ରେ ଆସିବେ ମୋଦୀ



**ଭୁବନେଶ୍ୱର,୭।୬(ମହାଭାରତ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ନେଇ ସମାରୋହ ପାଇଁ ଜୁନ ୧୨ ନୁହଁ ଜୁନ ୨୦ ରେ ଆସିବେ ପ୍ରଧାନମନ୍ତ୍ରୀ ମୋଦି। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପାଳନ ଉତ୍ସବରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ । ୧୨ ତାରିଖ ମୂଳ କାର୍ଯ୍ୟକ୍ରମ ୨୦ ତାରିଖକୁ ଘୁଂଚାଇ ଦିଆଯାଇଛି। ଆଜି ଆସିବ ୧୨ ରୁ ୨୦ ତାରିଖ ଯାଏଁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଭୁବନେଶ୍ୱର ଜନତା ମଇଦାନ ନଚେତ ବାଲିଯାତ୍ରା ପଡ଼ିଆରେ ଆୟୋଜନ ହେବ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି ସରକାରଙ୍କ ପ୍ରଥମ ବାର୍ଷିକୀ ପାଳନ ଉତ୍ସବରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ କାର୍ଯ୍ୟକ୍ରମ ଏବଂ ତାଙ୍କ ଗସ୍ତ ସମୟରେ ଘୋଷଣା ସମ୍ପର୍କରେ ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି। ଏଥିଲାଗି ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। ଭୁବନେଶ୍ୱରର ଜନତା ମଇଦାନ କିମ୍ବା ବାଲିଯାତ୍ରା ପଡ଼ିଆରେ ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଜେପି ସରକାର ଗତ ବର୍ଷ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ନିଜର ସଫଳତା ବଖାଣିବେ। ସୂତ୍ର ଅନୁଯାୟୀ ଏହି ଉତ୍ସବରେ ଏକ ପ୍ରଦର୍ଶନ ରିପୋର୍ଟ କାର୍ଡ, ବିଷୟବସ୍ତୁ ଡକ୍ୟୁମେଣ୍ଟାରୀ ଏବଂ ମହିଳା ସଶକ୍ତିକରଣ, ଯୁବ ବିକାଶ, ଆଦିବାସୀ କଲ୍ୟାଣ ଏବଂ କୃଷକଙ୍କ ସମସ୍ୟା ଉପରେ କେନ୍ଦ୍ରିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।ରାଜନୈତିକ ସମୀକ୍ଷକଙ୍କ ଅନୁସାରେ ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାର ଓ ବିଜେପି ନେତାମାନଙ୍କର ମନୋବଳ ବୃଦ୍ଧି କରିବ।

ତେବେ ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ହେବ। କେବଳ ୨୦ ତାରିଖ ପାଇଁ ସ୍ଥାନ ନିରୂପଣ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

# ୨୬.୯୦ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି



**ନୂଆଦିଲ୍ଲୀ,୭।୬(ମହାଭାରତ):** ଭାରତରେ ଅତ୍ୟନ୍ତ ଦାରିଦ୍ର୍ୟତାରେ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା ହ୍ରାସ ହୋଇଛି। ଏ ନେଇ ବିଶ୍ୱ ବ୍ୟାଙ୍କର ତାଜା ରିପୋର୍ଟ ଅନୁସାରେ ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଭାରତର ଅତ୍ୟନ୍ତ ଦରିଦ୍ରଙ୍କ ସଂଖ୍ୟା ୨୭.୧%ରୁ ହ୍ରାସ ହୋଇ ଏବେ ମାତ୍ର ୫.୩% ରହିଛି। ରିପୋର୍ଟ ଅନୁସାରେ ୨୦୧୧-୧୨ରେ ୩୪.୪୪ କୋଟି ଲୋକେ ଅତ୍ୟନ୍ତ ଦାରିଦ୍ର୍ୟତା ମଧ୍ୟରେ କାଳାତିପାତ କରୁଥିଲେ। ତେବେ ୨୦୨୨-୨୩ ବେଳକୁ ଏହି ସଂଖ୍ୟା ୭.୫୨ କୋଟିକୁ ଖସି ଆସିଛି ।ଅର୍ଥାତ ଏହି ସମୟରେ ୨୬କୋଟି ଲୋକେ ନିଜକୁ ଦାରିଦ୍ର୍ୟ ଶିଙ୍କୁଳିରୁ ମୁକ୍ତ କରିଛନ୍ତି।

୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ୨୬ କୋଟି ୯୦ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ଦିଗରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଛି। ବିଶ୍ୱବ୍ୟାଙ୍କର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୧୧-୧୨ରେ ଅତ୍ୟଧିକ ଦାରିଦ୍ର୍ୟ ହାର ୨୭.୧%ରୁ ୨୦୨୨-୨୩ରେ ୫.୩%କୁ ହ୍ରାସ ପାଇଛି ।୨୦୧୧-୧୨ରେ, ଭାରତରେ ପ୍ରାୟ ୩୪୪.୪୭ ନିୟୁତ ଲୋକ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ବାସ କରୁଥିଲେ ।୨୦୨୨-୨୩ ସୁଦ୍ଧା ଏହି ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇ ୭୫.୨୪ ନିୟୁତରେ ପହଞ୍ଚିଛି ।ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ୨୦୧୧-୧୨ରେ ଗରିବଙ୍କ ସଂଖ୍ୟା ୬୫% ଥିଲା। ଗତ ଦଶନ୍ଧି ମଧ୍ୟରେ ମୋଟ ଦାରିଦ୍ର୍ୟ ହ୍ରାସରେ ଏହି ରାଜ୍ୟଗୁଡ଼ିକର ଦୁଇ ତୃତୀୟାଂଶ ଯୋଗଦାନ ରହିଛି। ୨୦୧୭ ମୂଲ୍ୟ ସୂଚକାଙ୍କ ଉପରେ ଆଧାର କରି ଦୈନିକ ଦାରିଦ୍ର୍ୟ ସୀମାରେଖା ୨.୧୫ ଡଲାର ବ୍ୟବହାର କରି ଭାରତରେ ଦାରିଦ୍ର୍ୟ ହାର ୨୦୧୧ରେ ୧୬.୨%ରୁ ୨୦୨୨ରେ ୨.୩%କୁ ହ୍ରାସ ପାଇଛି ।ଏହାର ଅର୍ଥ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ୨୦୫.୯୩ ନିୟୁତରୁ ୩୩.୬୬ ନିୟୁତକୁ ହ୍ରାସ ପାଇଛି। ବିଶ୍ୱବ୍ୟାଙ୍କ ଉତ୍କଟ ଦାରିଦ୍ର୍ୟକୁ ଦୈନିକ ୩.୦୦ ଆମେରିକୀୟ ଡଲାରରୁ କମ୍ ଆୟ ସ୍ଥିର କରାଯାଇଛି ଯାହା ୨୦୨୧ ମୂଲ୍ୟ ସୂଚକାଙ୍କ ଉପରେ ପର୍ଯ୍ୟବସିତ। ବିଶ୍ୱବ୍ୟାଙ୍କର ଅନ୍ତର୍ଜାତୀୟ ଗରୀବ ସୀମାରେଖା ଦୈନିକ ୩ ଡଲାର ଆକଳନ ଉପରେ ଆଧାରିତ, ଯାହା ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ବ୍ୟାପକ ଅଭାବକୁ ଦର୍ଶାଏ। ତଥ୍ୟରୁ ଏହା ମଧ୍ୟ ଜଣା ପଡିଛି ଯେ ଏହି ତୀବ୍ର ହ୍ରାସ ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ଦେଖାଯାଇଛି। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୧୮.୪%ରୁ ୨.୮%କୁ ହ୍ରାସ ପାଇଥିବା ବେଳେ ସହରାଞ୍ଚଳରେ ଏହି ହାର ୧୦.୭%ରୁ ୧.୧%କୁ ହ୍ରାସ ପାଇଛି। ଏହି ଦାରିଦ୍ର୍ୟ ହ୍ରାସ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଧାରଣର ମାନ ଭଳି ସୂଚକରେ ଉନ୍ନତିକୁ ଦର୍ଶାଉଛି ।ଏହା ଛଡା ଭାରତ ବହୁମୁଖୀ ଦାରିଦ୍ର୍ୟତା ହ୍ରାସରେ ମଧ୍ୟ ସଫଳତା ହାସଲ କରିଛି। ତଥ୍ୟ ଅନୁସାରେ ବହୁମୁଖୀ ଗରିବ ସୂଚକାଙ୍କ (ଏମପିଆଇ) ୨୦୦୫-୦୬ରେ ୫୩.୮%ରୁ ହ୍ରାସ ହୋଇ ୨୦୧୯-୨୧ ସୁଦ୍ଧା ୧୬.୪% ହୋଇଯାଇଛି ଓ ୨୦୨୨-୨୩ରେ ଏହା ଆହୁରି ଅଧିକ ହ୍ରାସ ହୋଇ ୧୫.୫% ହୋଇଯାଇଛି ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟରେ କୁହାଯାଇଛି।

## ୬ ମହଲାରୁ ଖସିପଡ଼ିଲେ ଶ୍ରମିକ

କଟକ,୭।୬(ମହାଭାରତ):କଟକ ସହରରେ ପୁଣି ଅଘଟଣ ଘଟିଛି । କ୍ୟାଣ୍ଟୋନ୍‌ମେଣ୍ଟ ଥାନା ଅଧୀନ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆଜି ଏକ ଅଘଟଣ ଘଟିଛି। ଏଠାରେ ଚାଲିଥିବା ନିର୍ମାଣାଧୀନ ୬ ମହଲା କୋଠାରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ସୁଜୟ କୁମାର (୨୦)। ସେ ବିହାର ନିବାସୀ ଥିଲେ। ମୃତଦେହକୁ ପୋଷ୍ଟମର୍ଟମ ପାଇଁ କଟକ ବଡ଼ଡାକ୍ତରଖାନା ନିଆଯାଇଛି ।କଟକରେ ନିର୍ମାଣ କାମରେ ଅଘଟଣ ଘଟିବା ନୂଆ କଥା ନୁହେଁ। ବାରମ୍ବାର ଏହି ଭଳି ଅଘଟଣ ଘଟୁଛି ।ବିଗତ ଦିନରେ ନିର୍ମାଣ କାମରେ ଦୁର୍ଘଟଣା ଯୋଗୁଁ ଅନେକ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଶୈଳବାଳା ମହିଳା ସ୍ୱୟଂଶାସତ ମହାବିଦ୍ୟାଳୟର ଉନ୍ନତ ଭିତ୍ତିଭୂମି ପାଇଁ ନିର୍ମାଣ କାମ ଜାରି ରହିଛି। ଏଠାରେ ଏକ ଛଅ ମହଲା କୋଠାର କାମ ଚାଲିଛି। ଅନ୍ୟ ଦିନ ଭଳି ଏହି ଛଅ ମହଲା କୋଠାରେ ଆଜି ମଧ୍ୟ ଶ୍ରମିକମାନେ କାମ କରୁଥିଲେ। ଏହି ଶ୍ରମିକମାନଙ୍କ ମଧ୍ୟରେ ଓଡ଼ିଆ ସମେତ କିଛି ବିହାରର ଯୁବକ ମଧ୍ୟ ସାମିଲ ଥିଲେ। ତେବେ ସନ୍ଧ୍ୟା ସମୟରେ ନିର୍ମାଣ ବେଳେ ଅଘଟଣ ଘଟିଥିଲା। ବିହାର ନିବାସୀ ସୁଜୟ କୁମାର କୌଣସି ମତେ ୬ ମହଲା କୋଠାରୁ ଖସି ପଡ଼ିଥିଲେ ।

# ମହାପ୍ରଭୁଙ୍କ ପାଇଁ ଖୋଲାଯିବ ଡିଜିଟାଲ ହୁଣ୍ଡି



**ଭୁବନେଶ୍ୱର,୭।୬ (ମହାଭାରତ):** ମହାପ୍ରଭୁଙ୍କ ପାଣ୍ଠି ବଢ଼ାଇବାକୁ ଆରମ୍ଭ ହେବ ସମର୍ପଣ କାର୍ଯ୍ୟକ୍ରମ। ଏହା ଜରିଆରେ ଦେଶର କୋଣ ଅନୁକୋଣରେ ଥିବା ବ୍ୟାଙ୍କର ବିଭିନ୍ନ ଶାଖାରେ ରହିବ ଡିଜିଟାଲ ହୁଣ୍ଡି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆଇନ ବିଭାଗ। ଯାହାକୁ ସ୍ୱାଗତ କରିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ।

ମହାପ୍ରଭୁଙ୍କ ପାଇଁ ଖୋଲାଯିବ ଡିଜିଟାଲ ହୁଣ୍ଡି। 'ସମର୍ପଣ' କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାର ବ୍ୟାଙ୍କରେ ରହିବ ସ୍ୱତନ୍ତ୍ର ହୁଣ୍ଡି। ଶ୍ରୀମନ୍ଦିର ପାଣ୍ଠି ବଢାଇବା ଓ ଅନଲାଇନ୍ ଦାନ ବ୍ୟବସ୍ଥାରେ ସୁଧାର ଓ ସରଳିକରଣ କରିବାକୁ ଏଭଳି ବଡ଼ ପଦକ୍ଷେପ ନେଇଛନ୍ତି ମୋହନ ସରକାର। ସମର୍ପଣ ନାଁରେ ଆରମ୍ଭ ହେବାକୁ ଥିବା ନୂଆ। କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତତ୍ପରତା ପ୍ରକାଶ କରିଛି ଆଇନ ବିଭାଗ। ଦେଶରେ ଥିବା ବ୍ୟାଙ୍କ ଗୁଡ଼ିକର ସବୁ ଶାଖାରେ ଯେଭଳି ହୁଣ୍ଡି ଲାଗିବ, ସେଥିପାଇଁ ବ୍ୟାଙ୍କ ସିଏମ୍‌ସି ମାନଙ୍କ ସହ ନେଇ ଆଲୋଚନା ଆରମ୍ଭ ହୋଇଛି। ଆଇନମନ୍ତ୍ରୀ କହିଛନ୍ତି ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ଜଗନ୍ନାଥ ପ୍ରେମୀମାନେ ସେମାନଙ୍କ ବିଭିନ୍ନ ମାଙ୍ଗଳିକ କର୍ମ ଏବଂ ପର୍ବପର୍ବାଣୀରେ ମହାପ୍ରଭୁଙ୍କୁ ଦାନ କରିବାକୁ ଚାହାଁନ୍ତି। ତେଣୁ ଏହାକୁ ଆଖି ଆଗରେ ରଖି ଏଭଳି ଏକ ଦୀର୍ଘସୂତ୍ରୀ ଯୋଜନା ହାତକୁ ନିଆଯାଇଛି। ଯାହାଦ୍ୱାରା ଭକ୍ତଟିଏ ଚାହିଁଲେ ଅନଲାଇନ୍, ୟୁପିଆଇ ଜରିଆରେ ଦାନ କରିପାରିବେ। ଏଥିରେ ସଂପୂର୍ଣ୍ଣ ସ୍ୱଚ୍ଛତା ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସବୁ ବ୍ୟାଙ୍କରେ ଶ୍ରୀଜଗନ୍ନାଥ ମନ୍ଦିରର ଆକାଉଣ୍ଟରେ ଦାନ ପାଇଁ ଅନଲାଇନ ବ୍ୟବସ୍ଥା ସହ ୟୁପିଆଇ ସ୍କାନର ଲାଗିବ। ଜଣେ ଭକ୍ତ ସୁବିଧାରେ ସ୍କାନ କରି କିମ୍ବା ଅନଲାଇନ ବ୍ୟାଙ୍କିଂ ମାଧ୍ୟମରେ ସହଜରେ ଦାନ କରିପାରିବେ। ଏହି ବ୍ୟବସ୍ଥାରୁ ଫାଇଦା ପାଇବା ପାଇଁ କିଛି ଫେକ୍ ସ୍କାନର ଲଗାଇ ସାଇବର ଲୁଟେରା ମଧ୍ୟ ଲୁଟି ପାରନ୍ତି। ତେଣୁ ସେ ଦିଗରେ ସରକାରଙ୍କ କଡ଼ା ନଜର ରହିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ପୂର୍ବତନ ବ୍ୟାଙ୍କର। ସେହିପରି ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ପରିଚାଳନା କମିଟି ସଦସ୍ୟ।

## ଘର ଭିତରେ ବିସ୍ଫୋରଣ ଘଟି ମହିଳା ମୃତ

**ଖୋର୍ଦ୍ଧା,୭।୬(ମହାଭାରତ) :** ଘର ଭିତରେ ବିସ୍ଫୋରଣ ଘଟି ମହିଳା ମୃତ, ଶିଶୁ ଆହତ ହୋଇଛନ୍ତି। ବୋଲଗଡ଼ ଥାନା ଖଙ୍ଗୁରିଆ। ପଞ୍ଚାୟତ ଇଚ୍ଛାପୁର ଗାଁରେ ଘଟିଛି ଏଭଳି ଅଘଟଣା। ଆହତ ଶିଶୁ ବୋଲଗଡ଼ ମେଡିକାଲରେ ଭର୍ତ୍ତି ହୋଇଛି। ବିସ୍ଫୋରଣର କାରଣ ଜଣାପଡ଼ି ନଥିବା ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି। ବିସ୍ଫୋରଣରେ ୨୭ ବର୍ଷିୟା ଲିଲି ବେଗମ୍ ନାମକ ଜଣେ ମହିଳାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ମହିଳା ଓ ଶିଶୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବୋଲଗଡ ମେଡିକାଲରେ ଚିକିତ୍ସା କରାଯାଉଛି। କୁହାଯାଉଛି ଘର ଭିତରେ ବୋମା ଥିଲା। ଆଉ ଘର ସଫା ବେଳେ ଏହା ଫୁଟିଗଲା। ହେଲେ ବୋମା କେଉଁଠୁ ଆସିଲା, ସେ ପରିବାରରେ ବୋମା ତିଆରି କରାଯାଉଥିଲା କି, ଏନେଇ ସ୍ଥାନୀୟ ପୋଲିସ ତଦନ୍ତ ଜାରି ରଖିଛି।

# ପିଏମ୍ ଆବାସ ପାଇଁ ମାଗଣା ବାଲି

**ଭୁବନେଶ୍ୱର, ୭।୬ (ମହାଭାରତ) :** ପ୍ରଧାନମନ୍ତ୍ରୀ ଆବାସ ଘର ଲାଗି ଦୁଇ ଟ୍ରାକ୍ଟର୍ ମାଗଣା ବାଲି ଦିଆଯିବ। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ପିଏମ୍ ଆବାସ ଘର ପାଇଁ ମାଗଣାରେ ବାଲି ଦିଆଯିବା ନେଇ ସରକାର ସ୍ଥିର କରିଛନ୍ତି। ବାଲି ଚୋରାଚାଲାଣ ରୋକିବା ପାଇଁ ନୂଆ। ଏସଓପି ଆସିବ। ଏଥିଲାଗି କ୍ୟାବିନେଟରେ ଆଲୋଚନା ହୋଇଛି। ଏନେଇ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଗରିବ ଲୋକଙ୍କୁ ମାଗଣାରେ ବାଲି ଦିଆଗଲେ ସେମାନେ ଘର ଖଣ୍ଡେ ସହଜରେ ତିଆରି କରିପାରିବେ। ସେମାନଙ୍କୁ ପରମିଟ୍ ଇସ୍ୟୁ କରାଯିବ, ଯାହାଦ୍ୱାରା ଗରିବ ଲୋକେ ବାଲି ମାଗଣାରେ ଆଣିପାରିବେ। ନଦୀ ଭିତରୁ ପଶି ବାଲି କାଢ଼ିବା ବନ୍ଦ ହେବ। ହାଇୱା ବ୍ୟବହାର ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା ଏତେ ଲୋଡ଼ ନେଇପାରୁନାହିଁ। ଏହା ନଷ୍ଟ ହେଉଛି। ତେଣୁ କେତେ ଓଜନର ବାଲି ଗାଡ଼ି ଯାଉଛି, ଏସବୁକୁ ନେଇ ନୂଆ। ଏସଓପି ଆସିବାକୁ ଯାଉଛି। ଏଥିସହ କପ୍ତିପଦାରେ ଅତିରିକ୍ତ ତହସିଲଦାରଙ୍କୁ ମାଡ଼ ମାରିବା ଘଟଣା, ପ୍ରତିକ୍ରିୟା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି , ଯିଏ ବି ଏହି କାଣ୍ଡ କରିଛି ତାକୁ ଖୋଜିଖୋଜି ଦଣ୍ଡ ଦିଆଯିବ। ବାଲି ତସ୍କରୀକୁ ରୋକିବାକୁ ପ୍ରଶାସନ ଉଦ୍ୟମ କରୁଛି। ମନ୍ତ୍ରୀ କହିଛନ୍ତି, ଯେଉଁମାନେ ବାଲି ମାଫିଆ। କରୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତ ସେ ପର୍ଯ୍ୟନ୍ତ ହେବ ଯେଉଁ ପର୍ଯ୍ୟନ୍ତ ସେମାନେ ଧରା ନପଡ଼ିଛନ୍ତି। କେହି ବର୍ତ୍ତିବା କଥା ନୁହେଁ, ପାତାଳରେ ଥିଲେ ବି ବାନ୍ଧିକି ଆଣି ଦଣ୍ଡ ଦିଆଯିବ ବୋଲି କହିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ।

# ଗଜା ମୁଗ ଚାଟ

ଗଜାମୁଗ ଖୁବ ସ୍ୱାସ୍ଥ୍ୟକର । ଏହାକୁ ଖାଇବାକୁ ମଧ୍ୟ ଖୁବ ଲୋକ ପସନ୍ଦ କରନ୍ତି । ଗଜାମୁଗକୁ ବହୁ ଝାଲ କରି ମଧ୍ୟ ଖାଇ ଥାଆନ୍ତି। ତେବେ ଆମେ ଆପଣଙ୍କୁ ଗଜାମୁଗର ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଗଜାମୁଗ ଚାଟ ବିଷୟରେ କହିବାକୁ ଯାଉଛୁ । ଯାହାକୁ ପ୍ରସ୍ତୁତ କରିବା ଖୁବ ସହଜ ।

ଆବଶ୍ୟକୀୟ ସାମଗ୍ରୀ: ୧କପ ଗଜାମୁଗ,୧ଚାମଚ ତେଲ,ଅଧାଚାମଚ ସୋରିଷ,ଅଧା ଚାମଚ ଜିରା,ଭୃର୍ସୁଙ୍ଗ ପତ୍ର,୨ଟି କଟା ପିଆଜ,୧ଚାମଚ ଅଦା ରସୁଣ ପେଷ୍ଟ,ଅଧା ଚାମଚ ଲଙ୍କା ଗୁଣ୍ଡ,ଏକ ଚୁଟକି ହଳଦୀ ଗୁଣ୍ଡ,୧ଚାମଚ ଧନିଆ ଜିରାଗୁଣ୍ଡ,ଚାଟ ମସଲା,ଗୋଟିଏ କଟା ଟମାଟୋ,ଦହି,ଲୁଣ ସ୍ୱାଦ ଅନୁସାରେ,କଟା ଧନିଆ ।

ପ୍ରସ୍ତୁତି ପ୍ରଣାଳୀ: କଢାଇରେ ତେଲ ଗରମ କରି ଜିରା ସୋରିଷ ଫୁଟାନ୍ତୁ । ଏବେ ଏଥିରେ କଞ୍ଚାଲଙ୍କା ଏବଂ ଭୃର୍ସୁଙ୍ଗ ପତ୍ର ପକାନ୍ତୁ । ଏବେ ଏଥିରେ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଧନିଆ ଜିରାଗୁଣ୍ଡ, ହଳଦୀ ଗୁଣ୍ଡ ପକାନ୍ତୁ ।ଏହା ଉପରେ କଟା ଟମାଟୋ ପକାନ୍ତୁ। ମସଲା ଭଲ ଭାବେ କଷି ହେଲା ପରେ ଏଥିରେ ଗଜା ମୁଗ ପକାଇ ସିଝିବା ପାଇଁ ଅଳ୍ପ ପାଣି ଓ ଲୁଣ ଦିଅନ୍ତୁ। ୪ରୁ ୫ମିନିଟ ସିଝାଇବା ପରେ ଅଳ୍ପ ଚାଟ ମସଲା ପକାଇ ଗ୍ୟାସ ବନ୍ଦ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା । ଆପଣଙ୍କ ଗଜାମୁଗ ଚାଟ । ଏବେ ଏକ ପାତ୍ରକୁ କାଢି ତା ଉପରେ ଦହି ପକାନ୍ତୁ। କଟା ପିଆଜ,ଟମାଟୋ ଓ କଟା ଧନିଆ ପକାଇ ସଜାଇ ଦିଅନ୍ତୁ।ଏବେ ଗରମା ଗରମା ଖାଆନ୍ତୁ ଓ ଖୁଆନ୍ତୁ ।



## ଖବର

# ଆସୁଛି ରଜ: ବଡ଼ ପରଦାରେ ହେବ ଅନନ୍ତା-ବୁଟୁ ଲଢ଼େଇ







ଏଥର ରଜ ବଜାରରେ ମୁହାଁମୁହିଁ ହେବେ ଅନନ୍ତା ଓ ବୁଟୁ। ଜଣେ ଖାଣ୍ଟି ଓଡ଼ିଆବର ଅନୁଭବ ଦେବ ତ' ପୁଣି ଅନ୍ୟ ଜଣେ ଡରରେ ଥରାଇବ। କାରଣ ବହୁ ଦିନ ବ୍ୟବଧାନରେ ରଜ ବଜାରକୁ ଆସୁଛନ୍ତି ଦୁଇ ସୁପରଷ୍ଟାର ସବ୍ୟସାଚୀ ମିଶ୍ର ଓ ବାବୁସାନ ମହାନ୍ତି। ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ରାଣ୍ଡୀପୁଅ ଅନନ୍ତା' ଗଳ୍ପ ଆଧାରିତ ସବ୍ୟସାଚୀଙ୍କ ଚଳଚ୍ଚିତ୍ର 'ଅନନ୍ତା' ଓ ହରର୍ ବିଷୟବସ୍ତୁକୁ ନେଇ ବାବୁସାନଙ୍କ ଚଳଚ୍ଚିତ୍ର 'ବୋଉ, ବୁଟୁ ଓ ଭୂତ' ରଜ ବଜାରରେ ଦର୍ଶକଙ୍କୁ ସିନେମା ହଲ୍‌କୁ ଟାଣିବ ବୋଲି ଆଶା କରାଯାଉଛି। ଉଭୟ ଚଳଚ୍ଚିତ୍ର ରଜ ପୂର୍ବଦିନ ଶୁକ୍ରବାର ଅର୍ଥାତ ଜୁନ୍ ୧୨ରେ ରିଲିଜ୍ ହେବ। 'ଅନନ୍ତା'ର ନିର୍ଦ୍ଦେଶନା ଦେଇଛନ୍ତି ସବ୍ୟସାଚୀ ମହାପାତ୍ର ଓ କୁମାର ସିଦେବ ମହାପାତ୍ର। ଏହି ଚଳଚ୍ଚିତ୍ରରେ ଫକୀର ମୋହନଙ୍କ କାଳଜୟୀ ଚରିତ୍ର 'ଅନନ୍ତା' ଭୂମିକାରେ ନଜର ଆସିବେ ଅଭିନେତା ସବ୍ୟସାଚୀ ମିଶ୍ର। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ। ସବ୍ୟସାଚୀ ଓ ସୂର୍ଯ୍ୟମୟୀ ପ୍ରଥମ ଥର ପାଇଁ ସ୍କ୍ରିନ ସେୟାର କରୁଥିବା ବେଳେ ଏଥିରେ କୁନା ତ୍ରିପାଠୀ, ଜ୍ୟୋର୍ତିମୟୀ ପଣ୍ଡା ଓ ତାପସ ସରଗରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଗତ ୩୦ ତାରିଖରେ 'ଅନନ୍ତା'ର ଦ୍ୱିତୀୟ ଗୀତ 'ମଲ୍ଲୀ ଢଅପ' ରିଲିଜ୍ ହୋଇଛି। ଏହି ଗୀତରେ ଖାଣ୍ଟି ଓଡ଼ିଆତ୍ୱର ଓ ଦେଶୀ ତଡ୍କା ଦେଖିବାକୁ ମିଳିଥିବା ବେଳେ ରିଲିଜ୍ର କିଛି ସେକେଣ୍ଡ ମଧ୍ୟରେ ଏହା ବେଶ୍ ଭାଇରାଲ ହୋଇଥିଲ। ନିର୍ମାତା 'ଆମର ମ୍ୟୁଜିକ' ନିଜ ୟୁଟ୍ୟୁବ ଚ୍ୟାନେଲରେ ଏହି ଗୀତ ରିଲିଜ କରିଛନ୍ତି। ଗୀତରେ ଶ୍ରୀଧରନ୍ ମହାନ୍ତି, କରୁଣାକର ସେଠୀ, ସଞ୍ଜୁ ମହାନ୍ତି ଓ ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଛନ୍ତି। ଅଭିଜିତ ମଜୁମଦାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ନିର୍ମଳ ନାୟକ ଗୀତ ଲେଖିଛନ୍ତି।

ଅନ୍ୟପଟେ, ଏହି ଚଳଚ୍ଚିତ୍ରକୁ ସିଧାସଳଖ ଟକ୍କର ଦେବ 'ବୋଉ, ବୁଟୁ ଓ ଭୂତ'। ଏଥିରେ ଦର୍ଶକ ବାବୁସାନଙ୍କ ସହ ବର୍ଷୀୟାନ ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କ ଯୋଡ଼ିକୁ ଦେଖିବାକୁ ପାଇବେ। ଏଥିସହ ସ୍ୱର୍ଗତ ଉତ୍ତମ ମହାନ୍ତି ମଧ୍ୟ ନଜର ଆସିବେ। ଏଥିରେ ବାବୁସାନଙ୍କ ଜବର୍ଦସ୍ତ କମେଡି ସହ ଭୂତର ଡରାଣ ବି ଦେଖିବାକୁ ମିଳିବ। ଚଳଚ୍ଚିତ୍ରରେ ବାବୁସାନଙ୍କ ବିପକ୍ଷରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ନଜର ଆସିବେ। 'ଅଜବ ସଞ୍ଜୁର ଗଜବ ଲଭ', 'ଚକୋଲେଟ', 'ଲୋଫର', 'ଥୁକୁଲ' ପରେ ଏହି ଯୋଡ଼ି ପୁଣି ଥରେ ଏହି ସିନେମାରେ ପଞ୍ଚମ ଥର ପାଇଁ ଏକାଠି ନଜର ଆସିବେ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଜଗଦୀଶ ମିଶ୍ର ଓ ପ୍ରଯୋଜନା କରିଛନ୍ତି ବାବୁସାନଙ୍କ ପତ୍ନୀ ତୃପ୍ତି ମହାନ୍ତି।

# ପଞ୍ଚଦେବତାଙ୍କୁ ପୂଜା କରାଯାଏ କାହିଁକି ?



ଶାସ୍ତ୍ର ଅନୁସାରେ ପାଞ୍ଚ ଜଣଙ୍କୁ ପ୍ରମୁଖ ଦେବତା ଭାବେ ବିଚାର କରାଯାଇଛି। ତେଣୁ ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ସେମାନଙ୍କୁ ପୂଜା କରିବା ଅନିବାର୍ଯ୍ୟ ବୋଲି ପରମ୍ପରା ରହିଛି। ତେବେ ଏହି ପଞ୍ଚଦେବଙ୍କୁ ବିଧିବଧ ଭାବେ ପୂଜା କଲେ ସମସ୍ତ କାର୍ଯ୍ୟ ନିର୍ବିଘ୍ନ ପୂର୍ଣ୍ଣ ହୋଇଥାଏ। ଏହି ପଞ୍ଚ ଦେବଙ୍କ ମଧ୍ୟରେ ଅଛନ୍ତି, ଶ୍ରୀଗଣେଶ, ଶ୍ରୀବିଷ୍ଣୁ, ଶ୍ରୀଶିବ, ଶ୍ରୀସୂର୍ଯ୍ୟ ଏବଂ ଦେବୀ ମାତା। ଆହୁରି ଆମ ଶରୀର ପଞ୍ଚ ମହାଭୂତରେ ଗଠିତ। ତେଣୁ ସେହି ପଞ୍ଚତତ୍ତ୍ୱରେ ଏହି ପାଞ୍ଚ ଦେବାଦେବୀ ବାସ କରନ୍ତି ବୋଲି ବି ବିଶ୍ୱାସ କରାଯାଏ। ଗଣେଶଙ୍କୁ ଜଳ ତତ୍ତ୍ୱ, ବିଷ୍ଣୁଙ୍କୁ ବାୟୁ ତତ୍ତ୍ୱ, ଶିବଙ୍କୁ ପୃଥ୍ୱୀ ତତ୍ତ୍ୱ, ସୂର୍ଯ୍ୟଙ୍କୁ ଆକାଶ ତତ୍ତ୍ୱ ଏବଂ ଦେବୀଙ୍କୁ ଅଗ୍ନି ତତ୍ତ୍ୱ ବୋଲି ବିଚାର କରାଯାଏ। ଆମ ଜୀବନ ପାଇଁ ସର୍ବପ୍ରଥମେ ଜଳର ଆବଶ୍ୟକତା ରହିଛି। ଏଣୁ ଶ୍ରୀଗଣେଶଙ୍କୁ ପ୍ରଥମେ ପୂଜା କରାଯାଏ। ଏହିପରି ଭାବେ ଏସମସ୍ତ ଦେବାଦେବୀଙ୍କୁ ପଞ୍ଚଦେବତା ଭାବେ ନିତ୍ୟ ପୂଜା କରାଯାଇଥାଏ। ଯେହେତୁ ଆମ ଶରୀରରେ ପଞ୍ଚ ତତ୍ତ୍ୱ ବିଦ୍ୟମାନ ତେଣୁ ପଞ୍ଚ ଦେବତା ମଧ୍ୟ ସେହି ଅନୁସାରେ ବିଦ୍ୟମାନ ଅଛନ୍ତି। ପଞ୍ଚ ଦେବାତଙ୍କୁ ପୂଜା କରିବା ଅର୍ଥ ନିଜେ ନିଜକୁ ପୂଜା କରିବା ସହ ସମାନ ବୋଲି ବିଚାର କରାଯାଏ।

# ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର



ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

# ନିୟମିତ ଅଣ୍ଟା ଯନ୍ତ୍ରଣା ଲାଗି ରହୁଥିଲେ



ସୁସ୍ଥ ରହିବା ପାଇଁ ଶରୀରକୁ ପୋଷକ ତ□ର ଆବଶ୍ୟକତା ରହିଛି। ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍, କାର୍ବୋହାଇଡ୍ରେଟ ସହ ଅନ୍ୟାନ୍ୟ ପୋଷକ ତ□ ରହିଛି। କ୍ୟାଲସିୟମ ବିଶେଷ କରି ହାଡ ଓ ଦାନ୍ତକୁ ସୁସ୍ଥ ରଖିବା ପାଇଁ ମହ□ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶରୀରରେ କ୍ୟାଲସିୟମ ଅଭାବ କାରଣରୁ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଶରୀରରେ ବିଭିନ୍ନ ସ୍ଥାନରେ ଯନ୍ତ୍ରଣା ହେବା ସହ ହାଡ ଦର୍ବୁଳ ହେବାକୁ ଆରମ୍ଭ କରିଥାଏ। ତେଣୁ ନିଜ ଖାଦ୍ୟରେ କ୍ୟାଲସିୟମ ଥିବା ଖାଦ୍ୟ ନିଶ୍ଚୟ ସାମିଲ କରନ୍ତୁ। ଜାଣନ୍ତୁ..

ସୁସ୍ଥ ରହିବା ପାଇଁ ନିଜ ଖାଦ୍ୟରେ ବାଦାମ ନିଶ୍ଚୟ ସାମିଲ କରନ୍ତୁ। ଏଥିରେ କ୍ୟାଲସିୟମ ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ବ୍ୟତୀତ ବାଦାମରେ ଭିଟାମିନ୍ ଇ, ମାଗ୍ନେସିୟମ, ଫାଇବର ଓ ପ୍ରୋଟିନ ମାତ୍ରା ମଧ୍ୟ ରହିଛି। ନିର୍ଦ୍ଦିଷ୍ଟ ପରିମାଣରେ ବାଦାମ ସେବନ କରିବା ଦ୍ୱାରା ହାଡ ସୁସ୍ଥ ରହିବା ସହ ମଜଭୁତ ହୋଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଶରୀରକୁ ଅନେକ ରୋଗରୁ ମଧ୍ୟ ରକ୍ଷା କରିଥାଏ।

ନିୟମିତ ଦହି ଖାଇବା ଦ୍ୱାରା କ୍ୟାଲସିୟମର ଅଭାବ ପୂରଣ ହୋଇଥାଏ। ଏହା ହାଡକୁ ମଜଭୁତ ରଖିବା ସହ ପେଟ ଜନିତ ଅନେକ ସମସ୍ୟାକୁ ଦୂର କରିଥାଏ। ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ଭିଟାମିନ ବି୬, ଭିଟାମିନ ବି୧୨ ଭଳି ପୋଷକ ତ□ ରହିଛି। ଏହା ଆପଣଙ୍କୁ ସୁସ୍ଥ ରହିବାରେ ସହାୟକ ହୋଇଥାଏ।

ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ,ସେମାନେ କ୍ୟାଲସିୟମର ଅଭାବ ପୂରଣ ପାଇଁ ସୋୟା ମିଲ୍କ ସେବନ କରି ପାରିବେ। ଏଥିରେ କ୍ୟାଲସିୟମ, ପ୍ରୋଟିନ୍ ଓ ଫାଇବର ପର୍ଯ୍ୟାପ୍ତ ପରିମାଣରେ ରହିଛି। ଏହା ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

ସବୁଜ ପନିପରିବା ଓ ବିଭିନ୍ନ ପ୍ରକାର ଶାଗ ପୋଷକ ତ□ରେ ଭରପୁର। ଏସବୁରେ କ୍ୟାଲସିୟମ, ପୋଟାସିୟମ, ଆଇରନ ଓ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଛି। ଶରୀରରେ କ୍ୟାଲସିୟମର ଅଭାବ ପୂରଣ ପାଇଁ ନିଜ ଖାଦ୍ୟରେ କଦଳୀ, ପାଳଙ୍ଗ ସହ ଅନ୍ୟାନ୍ୟ ପନିପରିବା ସାମିଲ କରନ୍ତୁ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ହାଡ ଓ ମାଂସପେଶୀରେ ଅନୁଭବ ହେଉଥିବା ଯନ୍ତ୍ରଣା ଦୂର କରିଥାଏ।



# ଏହି ଅଭ୍ୟାସ କାରଣରୁ ଦୁର୍ବଳ ହୋଇଥାଏ ହାଡ

ସୁସ୍ଥ ରହିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ସହ ନିଜର କିଛି ନିତିଦିନିଆ ଅଭ୍ୟାସ ଉପରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ଶରୀରର ସମସ୍ତ ଅଙ୍ଗ ସଠିକ୍ ଭାବେ କାମ କରିବା ପାଇଁ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବା ଉଚିତ। ଅନେକ ସମୟରେ ଏପରି ହୋଇଥାଏ, କିଛି ଅଭ୍ୟାସ କାରଣରୁ ହାଡ ଦୁର୍ବଳ ହେବାକୁ ଲାଗିଥାଏ। ବିଶେଷ କରି ବୟସ ବଢିବା ସହ ଏହି ସମସ୍ୟା ଅଧିକ ଦେଖାଯାଏ। ମାତ୍ର ବର୍ତ୍ତମାନ ସମୟରେ ଏହା ଅଧିକାଂଶଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିଛି ଖରାପ ଅଭ୍ୟାସ ହାଡ ଉପରେ ଅନେକ ପ୍ରଭାବ ପକାଇଥାଏ।

ସଠିକ୍ ଭାବେ ଖାଦ୍ୟ ସେବନ ନକରିବା,ଖରାପ ଜୀବନଶୈଳୀ କାରଣରୁ କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ଦେଖାଯାଉଛି। ହାଡ ଦୁର୍ବଳ ହେବାକୁ ଆରମ୍ଭ କରୁଛି। ହାଡ ଗୁଡିକ ଦୁର୍ବଳ ହେବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। କିଛି ଅଭ୍ୟାସ କାରଣରୁ ଶରୀର କ୍ୟାଲସିୟମ ଓ ଭିଟାମିନ୍ ଡିର ଅଭାବ ହୋଇଥାଏ। ଜାଣନ୍ତୁ..

ଶରୀରର ହାଡ ଦୁର୍ବଳ ହେବାକୁ ଆରମ୍ଭ କଲେ,ପ୍ରଥମେ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ ଡି ଯୁକ୍ତ ଖାଦ୍ୟର ଅଭାବ ଥିଲେ ହାଡ ଦୁର୍ବଳ ହୋଇଯାଏ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ। ନିୟମିତ ଭାବେ ଏଭଳି ଖାଦ୍ୟର ସେବନ କରିବା ଦ୍ୱାରା କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ନିୟମିତ କ୍ଷୀର ପିଅନ୍ତୁ। ଏହାଦ୍ୱାରା କ୍ୟାଲସିୟମ ଅଭାବ ପୂରଣ ହୋଇଥାଏ।

ଅଧିକାଂଶ କାର୍ଯ୍ୟାଳୟ ହେଉ ଅଥବା ଘରେ କାମ କରିବା କାରଣରୁ ଥକ୍କାପଣ ପାଇଁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାଆନ୍ତି। ଅଫିସରେ ଚେୟାରରେ ବସି ଘଣ୍ଟା ଘଣ୍ଟା କାମ କରିଥାଆନ୍ତି। ଏହାଦ୍ୱାରା ହାଡ ଦୁର୍ବଳ ହୋଇଥାଏ। ତେଣୁ ନିୟମିତ ଭାବେ ୩୦ ମିନିଟ୍ ଯାଏଁ ବ୍ୟାୟାମ କରନ୍ତୁ।

# ରାଜ୍ୟର ଚୂଡ଼ାନ୍ତ ଆଇଟି ନୀତିରେ ସଂଶୋଧିତ ରିହାତି ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ

**ଗବେଷଣା ଭିତିରେ ୫ କୋଟି ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା**

ଭୁବନେଶ୍ୱର,୭।୬(ମହାଭାରତ): ଇଲେକ୍ଟ୍ରୋନିକ ଗବେଷଣା"ଓଡ଼ିଶା ପ୍ରଦତ ସୁବିଧା: ଇ.ଏସ୍.ଡି.ଏମ୍. ଲକ୍ଷ୍ୟ ପୂରଣ ଦିଗରେ ଏକ ଅନୁପ୍ରେରଣା" ଶୀର୍ଷକ ଏହି କର୍ମଶାଳାରେ ଆଇ.ଟି. ଶିଳ୍ପ କ୍ଷେତ୍ରର ପ୍ରତିନିଧି ଓ ଇ. ଆଣ୍ଡ ଆଇ.ଟି. ବିଭାଗ ଉଚ୍ଚ ପଦାଧିକାରୀଙ୍କ ମଧ୍ୟରେ ସରକାରଙ୍କ ନୀତି ତଥା ଶିଳ୍ପ ଅନୁକୂଳ ପ୍ରସ୍ତାବ ସଂପର୍କରେ ଆଲୋଚନା ତଥା ମତ ବିନିମୟ ହୋଇଥିଲା।

ଉପସ୍ଥିତ ହିତଧାରକମାନେ ସେମାନଙ୍କ ପରିଚୟ ଏବଂ ନିଜ ନିଜ ସଂସ୍ଥାର ସଫଳତା ସହ ବିଭିନ୍ନ ସମସ୍ୟା ବଖାଣିବା ପରେ ବିଭାଗ ପକ୍ଷରୁ କରାଯାଇଥିବା ପଲିସି ସଂଶୋଧନ ଓ ପଲିସିର ଲକ୍ଷ୍ୟ ସଂପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା ।

କର୍ମଶାଳାକୁ ସମ୍ବୋଧିତ କରି ପ୍ରମୁଖ ସଚିବ ବିଶାଳ କୁମାର ଦେବ କହିଥିଲେ, "ଇଲେକ୍ଟ୍ରୋନିକ୍ସ ନୀତିରେ ଆଗାମୀ ସଂଶୋଧନ ବିଷୟରେ ଆପଣଙ୍କୁ ଅବଗତ କରାଇବା ହେଉଛି ଏହି ବୈଠକର ଉଦ୍ଦେଶ୍ୟ । ପ୍ରୋତ୍ସାହନ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ କେବଳ ତାହା ହିଁ ଯଥେଷ୍ଟ ନୁହେଁ।" ଯେକୌଣସି ନୀତିର ଯଥୋଚିତ ଲାଭ ଉଠାଇବା ପାଇଁ ଏକ ଦୃଢ଼ ଏବଂ ବ୍ୟାପକ ଇକୋସିଷ୍ଟମ ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ । ପରେ, ଇ.ଏଣ୍ଡ.ଆଇ.ଟି. ବିଭାଗର ପ୍ରତିନିଧିମାନେ ନୀତି ଢାଞ୍ଚାରେ ପ୍ରସ୍ତାବିତ ସଂଶୋଧନ ଉପସ୍ଥାପନ କରିଥିଲେ। ପ୍ରମୁଖ ଉଲ୍ଲେଖନୀୟ ବିଷୟଗୁଡ଼ିକ ମଧ୍ୟରେ ଭୂମି ପ୍ରିମିୟମରେ ଶତପ୍ରତିଶତ ରିହାତି, ଷ୍ଟାମ୍ପ ଡ୍ୟୁଟି ଛାଡ଼, ଲିଜ୍ ଭଡ଼ା ରିହାତି, ବିଦ୍ୟୁତ୍ ଶୁଳ୍କ ରିହାତି, ସ୍ଥିର ପୁଞ୍ଜି ପ୍ରୋତ୍ସାହନ ଏବଂ ମାନବ ପୁଞ୍ଜି ବିକାଶ ପ୍ରୋତ୍ସାହନ ଇତ୍ୟାଦି ସଂପର୍କରେ ହିତଧାରକମାନଙ୍କୁ ଜଣାଇଥିଲେ । ଅତିରିକ୍ତ ପଦକ୍ଷେପ ସ୍ୱରୂପ ପରିବର୍ଦ୍ଧିତ ଇ.ପି.ଆଇ.ଏବଂ ଇ.ଏସ୍.ଆଇ. ପ୍ରତିପୂରଣ, ଷ୍ଟେଟ ଜି.ଏସ୍.ଟି. ପ୍ରତିପୂରଣ, ଆଭ୍ୟନ୍ତରୀଣ ପେଟେଣ୍ଟ ପଞ୍ଜୀକରଣ ୭୫ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଏବଂ ମାର୍କେଟିଂ ପ୍ରୋତ୍ସାହନ ଆଦି ସଂପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା । ପାଞ୍ଚକୋଟି ଟଙ୍କା ପର୍ଯ୍ୟନ୍ତ ବର୍ଦ୍ଧିତ ଗବେଷଣା ଏବଂ ବିକାଶ ସହାୟତା, ଇ.ଏସ.ଡି.ଏମ୍. ପାର୍କ ବିକାଶ ପାଇଁ ସର୍ବାଧିକ ୬୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଏବଂ ସବୁଜ ଶକ୍ତିର ସୁଲଭତା ସଂପର୍କରେ ମଧ୍ୟ ବିଭାଗର ପ୍ରତିନିଧି ଜଣାଇଥିଲେ ।

ଏହି ଉପସ୍ଥାପନାରେ କୁଶଳୀ ପ୍ରତିଭାର ଧାରାକୁ ସୁଦୃଢ଼ କରିବା ପାଇଁ ଷ୍ଟାଇପେଣ୍ଡ ସହ ଦେଶରେ ସର୍ବପ୍ରଥମ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଏବଂ ଇ.ଏସ୍.ଡି.ଏମ୍. କ୍ଷେତ୍ର ମଧ୍ୟରେ ଯୋଗାଣ ଶୃଙ୍ଖଳା ଦକ୍ଷତାକୁ ଉନ୍ନତ କରିବା ପାଇଁ ଲଜିଷ୍ଟିକ୍ସ ସବସିଡ଼ିର ଯୋଜନା ସଂପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା ।

ଏହାପରେ ଉପସ୍ଥିତ ହିତାଧିକାରୀମାନେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଆବଶ୍ୟକ କରୁଥିବା ବିଭିନ୍ନ ସୁବିଧା ସଂପର୍କରେ ଆଲୋଚନା କରିବା ସହିତ ସୁଚାରୁ କାର୍ଯ୍ୟ ସଂପାଦନ କ୍ଷେତ୍ରରେ ରହୁଥିବା ବିଭିନ୍ନ ପ୍ରତିବନ୍ଧକ ଦୂର କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ରିହାତି ପ୍ରାପ୍ତି, ଉତ୍ପାଦିତ ସାମଗ୍ରୀର ଭଣ୍ଡାରଣ, ମାର୍କେଟିଂ ପାଇଁ କେନ୍ଦ୍ରୀୟ ସୁବିଧା, କୁଶଳୀ କର୍ମୀଙ୍କ ଅଭାବ, ପ୍ଲଗ୍ ଆଣ୍ଡ ପ୍ଲେ ଭିତ୍ତିରେ ସ୍ଥାନ ଯୋଗାଣ, ଉତ୍ପାଦନ କେନ୍ଦ୍ର ଭିତରେ ପରୀକ୍ଷଣ ସୁବିଧାର ଉପଲବ୍ଧତା ଏବଂ କମ୍ପୋନେଣ୍ଟ ଉତ୍ପାଦନ ଆଦି ସଂପର୍କରେ ସେମାନେ ଉଲ୍ଲେଖ କରିଥିଲେ ।

ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମାନସ ରଞ୍ଜନ ପଣ୍ଡା ଦେଶ ଭିତରେ ଇଲେକ୍ଟ୍ରୋନିକ ସାମଗ୍ରୀର ଉତ୍ପାଦନ ତଥା ଚାହିଦା ଏବଂ ରପ୍ତାନି ପୂର୍ବାପେକ୍ଷା ୫ ଗୁଣା ବୃଦ୍ଧି ପାଇଥିବା ସଂପର୍କରେ ସୂଚନା ଦେବା ସହ କମ୍ପୋନେଣ୍ଟ ଉତ୍ପାଦନ ପାଇଁ ରାଜ୍ୟର ଆଇ.ଟି. ନୀତିକୁ କେନ୍ଦ୍ରୀୟ ନୀତି ସହ ସମନ୍ୱିତ କରାଯାଇଛି ବୋଲି କହିଥିଲେ । ତାଙ୍କ ଶେଷ ମନ୍ତବ୍ୟରେ, ପ୍ରମୁଖ ସଚିବ ଶ୍ରୀ ଦେବ କହିଥିଲେ, 'ଆଜିର ଆଲୋଚନା ନୀତି କାର୍ଯ୍ୟାନ୍ୱୟନ ଏବଂ ଦାବି ପ୍ରକ୍ରିୟାକରଣ ସଂପର୍କୀୟ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ଆଲୋକପାତ କରିଛି । ଏଗୁଡ଼ିକର ସମାଧାନ ନିମନ୍ତେ ପ୍ରତ୍ୟେକ ନୀତି ପାଇଁ ସମର୍ପିତ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଏହାଦ୍ୱାରା ସୁଗମ କାର୍ଯ୍ୟାନ୍ୱୟନ ଏବଂ ଦ୍ରୁତ ସମାଧାନ ସୁନିଶ୍ଚିତ ହୋଇପାରିବ । ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଥିଲେ ମଧ୍ୟ ଆଗକୁ ଆହୁରି ଦୀର୍ଘ ଯାତ୍ରା ବାକି ଅଛି। ବିଭିନ୍ନ ରାଜ୍ୟ ଦୃଢ଼ ନୀତି ପ୍ରଦାନ କରିପାରିବେ, କିନ୍ତୁ ସଫଳତାର ପ୍ରକୃତ ମାପକାଠି ହେଉଛି ପୁଞ୍ଜି ନିବେଶର ନିରନ୍ତରତା । ଆର୍ଥିକ ପରିଚାଳନାରେ ଓଡ଼ିଶାର ଶୀର୍ଷ ସ୍ଥାନ ହାସଲ ନେଇ ନୀତି ଆୟୋଗର ଘୋଷଣା ଆମର ଦୃଢ଼ ଶାସନ ଏବଂ ଆର୍ଥିକ ଶୃଙ୍ଖଳାକୁ ପ୍ରତିଫଳିତ କରୁଛି। ଆମେ ଏହି ଶକ୍ତିକୁ ଏକ ସମୃଦ୍ଧ ଇ.ଏସ୍.ଡି.ଏମ୍. ଇକୋସିଷ୍ଟମ ନିର୍ମାଣରେ ବିନିଯୋଗ କରିବାକୁ ସଂକଳ୍ପବଦ୍ଧ।

# ପିଆଇବି ଏବଂ ସିବିସି ଭୁବନେଶ୍ୱର କାର୍ଯ୍ୟାଳୟ ପରିଦର୍ଶନ କଲେ ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ଧୀରେନ୍ଦ୍ର ଓଝା

ଭୁବନେଶ୍ୱର,୭।୬(ନି.ପ୍ର.): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଧୀରେନ୍ଦ୍ର ଓଝା ଆଜି ପିଆଇବି ଭୁବନେଶ୍ୱର ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଭୁବନେଶ୍ୱର କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ସେ ପିଆଇବି ଓ ସିବିସିର ବିଭିନ୍ନ କାର୍ଯ୍ୟଧାରା ଅନୁଧ୍ୟାନ କରିଛନ୍ତି। ବିଶେଷ କରି ଭାରତ ସରକାରଙ୍କ ଯୋଜନା ଏବଂ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ନିମନ୍ତେ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ବିଷୟରେ ଶ୍ରୀ ଓଝା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରର ୧୧ ବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା



ସମ୍ପର୍କରେ ଶ୍ରୀ ଓଝା ସମୀକ୍ଷା କରିଥିଲେ । ସେ ମଧ୍ୟ ସିବିସି ଦ୍ୱାରା ସମ୍ପାଦନ କରାଯାଉଥିବା କ୍ଷେତ୍ରୀୟ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ଭୁବନେଶ୍ୱରରେ ପ୍ରସ୍ତାବିତ ଆଞ୍ଚଳିକ ସୂଚନା ଭବନ ନିର୍ମାଣସ୍ଥଳୀ ବୁଲି ଦେଖିଥିଲେ ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ପିଆଇବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରଥଯାତ୍ରା ସୁରୁଖୁରୁରେ ଚାଲିବା ପାଇଁ କମିଟି ଗଠନ ହୋଇଛି : ଆଇନ ମନ୍ତ୍ରୀ

ଭୁବନେଶ୍ୱର,୭।୬(ମହାଭାରତ): ଶୃଙ୍ଖଳିତ ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିବା ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ରଥଯାତ୍ରା ସୁରୁଖୁରୁରେ ଚାଲିବା ପାଇଁ କମିଟି ଗଠନ ହୋଇଛି। ସେମାନଙ୍କ ବୈଠକ ପର୍ଯ୍ୟାୟ କ୍ରମେ ଚାଲିଛି। ବିଶେଷ କରି ସ୍ନାନ ଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଯାତ୍ରାକୁ କିଭଳି ସୁଚାରୁ ରୁପେ ତୁଲାଇ ହେବ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଆଇନ ମନ୍ତ୍ରୀ ପର୍ଯ୍ୟନ୍ତ ଚୂଡ଼ାନ୍ତ ସମୀକ୍ଷା କରନ୍ତି। ଏହାକୁ ଆହୁରି ସୁରୁଖୁରୁରେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା ଏହି କମିଟିରେ ଆଇନ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗରର ମନ୍ତ୍ରୀ ସାମିଲ ଅଛନ୍ତି । ଏହି କମିଟି ରଥଯାତ୍ରାର ସମ୍ପୂର୍ଣ୍ଣ ତଦାରଖ କରିବ ।

# "ଓଡିଶାର କୃଷି ବ୍ୟବସାୟ ସମ୍ଭାବନା" ଶୀର୍ଷକ ଜାତୀୟ ସେମିନାରକୁ ଉଦ୍‌ଘାଟନ କଲେ ରାଜ୍ୟପାଳ

ଭୁବନେଶ୍ୱର,୭।୬(ମହାଭାରତ): କୃଷିରେ ଅଭାବୀ କ୍ଷେତ୍ରଗୁଡ଼ିକ ଚିହ୍ନଟ କରି ଓଡିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ ଏବଂ ଗବେଷକମାନଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଶନିବାର ଓୟୁଏଟି (ଓଡିଶା ୟୁନିଭରସିଟି ଅଫ୍ ଏଗ୍ରିକଲଚର୍ ଆଣ୍ଡ୍ ଟେକ୍ନୋଲୋଜି) ଓ ଆଇ.ଏସ୍.ଏ.ଏମ୍. (ଇଣ୍ଡିଆନ ସୋସାଇଟି ଅଫ୍ ଏଗ୍ରିକଲଚରାଲ ମାର୍କେଟିଂ) ହାଇଦ୍ରାବାଦ ଆନୁକୂଲ୍ୟରେ ଓୟୁଏଟି ଠାରେ ''ଓଡିଶାର କୃଷି ବ୍ୟବସାୟ ସମ୍ଭାବନା'' ଶୀର୍ଷକ ଜାତୀୟ ସେମିନାରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତିତ ବିଭିନ୍ନ ଯୋଜନାଗୁଡ଼ିକ ଶୈକ୍ଷିକ ପାଠ୍ୟକ୍ରମରେ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଅଧିକ ଲୋକ ବିଶେଷ କରି ଚାଷୀମାନେ ସେମାନଙ୍କ ପାଇଁ ଉପଲବ୍ଧ ସୁବିଧା ଓ ଲାଭ ପାଇପାରିବେ। କୃଷକମାନଙ୍କ ମଧ୍ୟରେ ଉଦ୍ୟୋଗୀୟତାକୁ ପ୍ରୋତ୍ସାହିତ କରିବା ଏବଂ ଆଧୁନିକ କୃଷି ବ୍ୟବସାୟ ଧାରା ସହିତ ପ୍ରସ୍ତୁତ କରିବାକୁ ଦକ୍ଷତା ଭିତିକ ତାଲିମ୍ ନିମନ୍ତେ ଏକାଡେମିକ୍ କମ୍ୟୁନିଟି ଏବଂ ନୀତି ନିର୍ଦ୍ଧାରକମାନେ ବ୍ୟାପକ ମଡେଲ ନିର୍ମାଣ କରିବାକୁ ରାଜ୍ୟପାଳ କହିଥିଲେ।

ରାଜ୍ୟର କୃଷି ଶକ୍ତି ଉପରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ ଓଡିଶାର ଅନନ୍ୟ କୃଷି




ଜଳବାୟୁ ପରିସ୍ଥିତି ଉପକୂଳବର୍ତୀ ସମତଳ ଅଂଚଳରୁ ଜଙ୍ଗଲପୂର୍ଣ୍ଣ ଉଚ୍ଚଭୂମି ପର୍ଯ୍ୟନ୍ତ ଏହା ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ପାଇଁ ଉପଯୁକ୍ତ ଅଟେ। ୫୦ ଶତକଡ଼ାରୁ ଅଧିକ ଜନସଂଖ୍ୟା କୃଷି ଉପରେ ନିର୍ଭର କରୁଥିବାରୁ କୃଷି ବ୍ୟବସାୟ ଗ୍ରାମୀଣ ସମୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ଶକ୍ତିଶାଳୀ ଇଂଜିନ ଭାବରେ କାର୍ଯ୍ୟ କରିପାରିବ। କୃଷି ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି, ଶୀତଳ ଶୃଙ୍ଖଳ, ଗୋଦାମ ଏବଂ ରପ୍ତାନୀ ଭିତିକ କୃଷି କ୍ଷେତ୍ରରେ ଓଡିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି। ବିଶେଷକରି ହଳଦୀ, ବାଜରା, ଆମ୍ବ, ସାମୁଦ୍ରିକ ମାଛ ଏବଂ ପନିପରିବା ଭଳି ଉଚ୍ଚ ସମ୍ଭାବ୍ୟ ଫସଲ କ୍ଷେତ୍ରରେ ଉଜ୍ଜଳ ସମ୍ଭାବନା ରହିଛି ବୋଲି ରାଜ୍ୟପାଳ କହିଥିଲେ। କୃଷି ବ୍ୟବସାୟର ଅଭିବୃଦ୍ଧି ପାଇଁ ସ୍ଥାୟୀ ପଥ ବିଷୟରେ ଆଲୋଚନା କରିବା ନିମନ୍ତେ ଗବେଷକ, ନୀତି ନିର୍ଦ୍ଧାରକ ଏବଂ ଅଂଶୀଦାରମାନଙ୍କୁ ଏକତ୍ରିତ କରିବା ପାଇଁ ଓୟୁଏଟି ଓ ଆଇଏସ୍ଏଏମ୍‌କୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଉଦ୍ୟାନ କୃଷି, ମତ୍ସ୍ୟପାଳନ, ଦୁଗ୍ଧ, ମକା ଏବଂ ଡାଲି ଭଳି ବାଣିଜ୍ୟିକ ଫସଲର ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହୋଇ ରାଜ୍ୟ ବଜାର ଉନ୍ମୁଖୀ କୃଷି ଆଡକୁ ଗତି କରୁଛି ବୋଲି କହିଥିଲେ। ଷ୍ଟାର୍ଟ ଅପ୍ ଓଡିଶା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଏଗ୍ରି ବିଜିନେସ୍ ସେଂଟର ଇତ୍ୟାଦି ସରକାରଙ୍କ ପଦକ୍ଷେପ ସଂପର୍କରେ ରାଜ୍ୟପାଳ ଉଲ୍ଲେଖ କରି ଏହା କୃଷି କ୍ଷେତ୍ରରେ ନବସୃଜନ, ଉଦ୍ୟୋଗୀୟତାକୁ ପ୍ରୋତ୍ସାହିତ କରୁଛି ବୋଲି କହିବା ସହିତ ଗ୍ରେଡିଂ, ପ୍ୟାକେଜିଂ ଏବଂ ଅମଳ ପରବର୍ତୀ ପରିଚାଳନାରେ ତାଲିମ ପ୍ରଦାନ କରାଯାଇ ଚାଷୀମାନଙ୍କୁ ବିଶ୍ୱ ବଜାର ସହିତ ଯୋଡିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ କ୍ଲଷ୍ଟର ଆଧାରିତ ମଡେଲ ମାଧ୍ୟମରେ ଏଫ.ପି.ଓ., ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କୁ ସଶକ୍ତ କରାଯାଇଛି ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଓୟୁଏଟିର ଭାଇସ୍ ଚାନସେଲର ପ୍ରଫେସର ପ୍ରଭାତ କୁମାର ରାଉଳ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଭାଇସ୍ ଚାନସେଲର ପ୍ରଫେସର ବିଧୁଭୂଷଣ ମିଶ୍ର, ଆଇ.ଏସ୍.ଏ.ଏମ୍.ର ସେକ୍ରେଟାରୀ ତଥା ମ୍ୟାନେଜିଂ ଡିରେକ୍ଟର ଡ.ଟି. ସତ୍ୟନାରାୟଣ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରାରମ୍ଭରେ କଲେଜ୍ ଅଫ୍ ଏଗ୍ରିକଲଚରର ଡିନ୍ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଫେସର ସର୍ବନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚିତ ହୋଇଥିଲା

## ଶିକ୍ଷକଗୌରବ ବନମାଳୀଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳିତ

କଟକ,୭।୬(ମହାଭାରତ): ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲଷ୍ଟା)ର ପ୍ରାଣ ପ୍ରତିଷ୍ଠାତା ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୬ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବ ଝାଞ୍ଜିରୀମଙ୍ଗଳାସ୍ଥିତ 'ଓଲଷ୍ଟା' କାର୍ଯ୍ୟାଳୟଠାରେ ରାଜ୍ୟସଂଘ ସଭାପତି ବିକ୍ରମ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ କଟକ ମହାନଗର ନିଗମ ମେୟର ସୁବାସ ସିଂହ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବା ବେଳେ, ମୁଖ୍ୟ ଅତିଥିଭାବେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ବିଶିଷ୍ଟ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ଡ. ବିଶ୍ୱଜିତ ଘୋଷ, ମୁଖ୍ୟବକ୍ତା ପୁରୀ ସୁରଜମଲ ସାହା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଜେନା, ସମ୍ମାନୀତ ଅତିଥିଭାବେ ଓଲଷ୍ଟାର ପ୍ରାକ୍ତନ ସଭାପତି ସାରଦା ପ୍ରସନ୍ନ ମହାପାତ୍ର, ଶିକ୍ଷକ ଦର୍ପଣର ପ୍ରାକ୍ତନ ମୁଖ୍ୟ ସଂପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦାନ କରି ବ୍ରହ୍ମଚାରୀଙ୍କ ଆଦର୍ଶ ଓ ବିଚାରଧାରା ସଂପର୍କରେ ନିଜ ନିଜର ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସାଧାରଣ ସଂପାଦକ ସୁକାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ ସହ ବିଜୟ କୁମାର ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଗଠନର ସମସ୍ତ କର୍ମକର୍ତା ଓ କାର୍ଯ୍ୟକାରୀ କମିଟି ସଭ୍ୟ ସଭ୍ୟାମାନଙ୍କ ସହ ଓଡ଼ିଶାରୁ କୋଣ ଅନୁକୋଣରୁ ଆସିଥିବା ଶତାଧିକ ଶିକ୍ଷକ ଶିକ୍ଷିକା ବ୍ରହ୍ମଚାରୀଙ୍କ ଜୀବନାଦର୍ଶ ସଂପର୍କରେ ସ୍ମୃତିଚାରଣ କରିଥିଲେ।

# ଶ୍ରୀ ଅନ୍ନ ଅଭିଯାନର ବାର୍ଷିକ କାର୍ଯ୍ୟ ଯୋଜନାର ସମୀକ୍ଷା ବୈଠକ

ଭୁବନେଶ୍ୱର,୭।୬(ମହାଭାରତ): କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ଖରିଫ ଚାଷ ପାଇଁ ଶ୍ରୀ ଅନ୍ନ ଅଭିଯାନର ବାର୍ଷିକ କାର୍ଯ୍ୟ ଯୋଜନାର ସମୀକ୍ଷା କରାଯାଇଛି। ଶ୍ରୀ ଅନ୍ନ ଅଭିଯାନ କୃଷି ବିଭାଗର ଏକ ଯୁଗାନ୍ତକାରୀ ଯୋଜନା। ଏହା ଆମ ରାଜ୍ୟର ପାରମ୍ପରିକ ଖାଦ୍ୟ ଯଥା ମାଣ୍ଡିଆ, ସୁଆଁ, ବାଜରା, କାଙ୍ଗୁ ଇତ୍ୟାଦିର ପୁନରୁଦ୍ଧାର କରିବାରେ ବିଶେଷ ରୂପେ ଫଳପ୍ରଦ ହୋଇପାରିଛି। ଏହି ଯୋଜନାର ସୁଫଳ ଯୋଗୁଁ ଗରିବଙ୍କ ଖାଦ୍ୟ ଆଜି ପଞ୍ଚତାରକା ରେସ୍ତୋରାଁରେ ପହଞ୍ଚି ପାରିଛି। କେବଳ ସେତିକି ନୁହେଁ ଆଜି ଦୈନନ୍ଦିନ ଜୀବନରେ ବହୁ ନେତା, ଅଭିନେତାଙ୍କ ଖାଦ୍ୟ ତାଲିକାରେ ସାମିଲ ହୋଇପାରିଛି। ଆସନ୍ତା ଖରିଫ ଋତୁରେ ଶ୍ରୀ ଅନ୍ନର ଉତ୍ପାଦନ, ଅମଳ ପରବର୍ତୀ ପରିଚାଳନା, ବିକ୍ରୟରେ ବୃଦ୍ଧି ଇତ୍ୟାଦି ବିଷୟରେ ଅଧିକ ଗୁରୁତ୍ୱ ଦେବାକୁ ଡ଼ ପାଢୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଅଧିକ ଜମିରେ ମାଣ୍ଡିଆ ଜାତୀୟ ଫସଲ ଚାଷ କରି ଓଡ଼ିଶାକୁ ଶ୍ରୀଅନ୍ନର ହବ୍ କରିବାକୁ ପରାମର୍ଶ ଦେଇଛନ୍ତି। ଏହା କେବଳ ଲୋକଙ୍କୁ ରୋଜଗାର ପ୍ରଦାନ କରୁନି ବରଂ ଜନଜାତି ଓ ଆଦିବାସୀ ସମ୍ପ୍ରଦାୟଙ୍କୁ ଆର୍ଥିକରୂପେ ସଶକ୍ତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରୁଛି ଏବଂ ଆମକୁ ଆମର ପାରମ୍ପରିକ ଖାଦ୍ୟ ସଂସ୍କୃତି ସହ ଯୋଡ଼ି ରଖୁଛି ବୋଲି ସଚିବ ଡ଼ ପାଢୀ ଅଭିହିତ କରିଥିଲେ।

ବୈଠକରେ କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ ସୁଦର୍ଶନ ଚକ୍ରବର୍ତୀ, ଭାରତୀୟ ପୁଷ୍ଟିଶସ୍ୟ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ, ଡିନ ଗବେଷଣା ,ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର, ଭାରତୀୟ ଖାଦ୍ୟ ନିଗମ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଓଏସଏସଓପିସିଏ , ରାଜ୍ୟ ବିହନ ନିଗମ, ଆପିକଲ୍, ଟିଡିସିସିଓଏଲ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ସିଏମଓ ଅଫିସ ନାଁ କହି ଠକେଇ

ଭୁବନେଶ୍ୱର,୭।୬(ମହାଭାରତ): ସିଏମଓ ଅଫିସ ନାଁ କହି ଠକେଇ, ଇଞ୍ଜିନିୟରଙ୍କଠାରୁ ୨ ଲକ୍ଷ ଠକିନେଲେ ଦୁର୍ବୃତ୍ତ । ଦାଦାବଟିର ଶିକାର ହୋଇଛନ୍ତି ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ । କିଛି ଦିନ ତଳେ ଜଣେ ଯୁବକ ତାଙ୍କୁ ଫୋନ କରି 'ମୁଁ ସିଏମ ଅଫିସରୁ କହୁଥିଲି, ଦୁଇ ଲକ୍ଷ ଟଙ୍କା ନଦେଲେ ମାଲକାନଗିରି ପଠାଇଦେବି' ବୋଲି ଧମକ ଦେଇଥିଲେ। ଜଣେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏଭଳି ଢଙ୍ଗରେ ଧମକ ଦେଇ ୨ ଲକ୍ଷ ଟଙ୍କା ଲୁଟି ନେଇଛି ଧୂର୍ତ୍ତ। ଦୁଇ ଲକ୍ଷ ନେବାପରେ ମଧ୍ୟ ଡରାଇ ଧମକାଇ ଆହୁରି ୫ ଲକ୍ଷ ଟଙ୍କା ମାଗୁଛି। ଦାଦା ବଟିର ଶିକାର ହୋଇଥିବା ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ ଏୟାରଫିଲ୍ଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରତାପ କୁମାର ହରିପାଲ ଅନୁଗୁଳ ରାସ୍ତା ଓ କୋଠାବାଡ଼ି ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଭାବେ କାମ କରୁଛନ୍ତି। ପ୍ରାୟ ଏକମାସ ପୂର୍ବେ ଜାନକୀବଲ୍ଲଭ ମହାପାତ୍ର ନାମକ ଜଣେ ବ୍ୟକ୍ତି ତାଙ୍କୁ କଲ୍ କରିଥିଲା। ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ବୋଲି ପରିଚୟ ଦେବା ସହିତ ମାଲକାନଗିରି ବଦଳି କରିଦେବ ବୋଲି ଧମକ ଦେଇଥିଲା। ବଦଳି ରୋକିବାକୁ ହେଲେ ଦୁଇ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ୍ ଆସିଥିବାରୁ ପ୍ରତାପ ଭୟରେ ଆଉ କୌଣସି ଉପାୟ ନପାଇ ତା' କଥାରେ ରାଜି ହୋଇ ଯାଇଥିଲେ।

# ରାଜଭବନରେ ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ

ଭୁବନେଶ୍ୱର, ୭।୬(ମହାଭାରତ): ସମବାୟ ସଂସ୍ଥାଗୁଡ଼ିକ ରାଜ୍ୟ ତଥା ଦେଶର ସାମାଜିକ ଓ ଅର୍ଥନୈତିକ ପରିବର୍ତନର ଶକ୍ତିଶାଳୀ ମାଧ୍ୟମ ଭାବେ ଉଭା ହୋଇଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଜୀବିକା ସୃଷ୍ଟି ଏବଂ ଗୋଷ୍ଠୀ ସଶକ୍ତିକରଣ କ୍ଷେତ୍ରରେ ସମବାୟ ସଂସ୍ଥା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିବା ସହିତ ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ସମର୍ପଣର ସହିତ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆନ୍ତର୍ଜାତୀୟ ସମବାୟ ବର୍ଷ – ୨୦୨୫କୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ମିଳିତ ଜାତିସଂଘର ଜେନେରାଲ୍ ଆସେମ୍ବ୍ଲି ସାଧାରଣ ସଭା ୨୦୨୫ ବର୍ଷକୁ "ସମବାୟ ଏକ ଉନ୍ନତ ବିଶ୍ୱ ନିର୍ମାଣ କରେ" ଶୀର୍ଷକ ସହିତ ଆନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଘୋଷଣା କରିଛି। ଏହା ସମବାୟର ସ୍ଥାୟୀ ବିଶ୍ୱ ପ୍ରଭାବ ଉପରେ ଗୁରୁତ୍ୱ ଆରୋପ କରେ ଏବଂ ଆଜିର ବିଶ୍ୱ ଚ୍ୟାଲେଞ୍ଜର ସମାଧାନ ଭାବରେ ସମବାୟ ଉଭା ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ସମବାୟକୁ କେନ୍ଦ୍ର ସରକାରଙ୍କ ଏକ ସ୍ୱତନ୍ତ୍ର ମନ୍ତ୍ରାଣାଳୟ ଭାବେ ପ୍ରତିଷ୍ଠା କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ।

ପୁଣି ରାଜ୍ୟପାଳ କହିଥିଲେ ଯେ ଏହି ପଦକ୍ଷେପ ପୃଥକ ପ୍ରଶାସନିକ, ଆଇନ୍‌ଗତ ଏବଂ ନୀତିଗତ ଢାଂଚାକୁ ତୃଣମୂଳସ୍ତରରେ ସମବାୟକୁ ସୁଦୃଢ କରିବା, ବ୍ୟବସାୟ କରିବାର ସହଜତା ପାଇଁ ପ୍ରକ୍ରିୟାକୁ ସୁଗମ କରିବା ଏବଂ ବହୁ ରାଜ୍ୟ ସମବାୟ ସମିତି ବିକାଶ ପାଇଁ ସକ୍ଷମ କରିବାରେ ସହାୟକ ହେବ। ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଏକ ଉତ୍ସବ ପାଳନ ନୁହେଁ ବରଂ ସାମୁହିକ ଶକ୍ତି, ଗଣତାନ୍ତ୍ରିକ ଧାରା, ପାରସ୍ପରିକ ସହଯୋଗ ଏବଂ ସହଭାଗୀ ସମୃଦ୍ଧିର ଦୃଷ୍ଟିକୋଣର ପାଳନ ଯାହା ସମବାୟ ମଡେଲକୁ ପରିଭାଷିତ କରେ। ଏହି ସମାରୋହରେ ଓଡିଶା ଷ୍ଟେଟ୍ ମାର୍କେଟିଂ ଫେଡେରେସନ ଏବଂ ତିନୋଟି ନୂତନ ଭାବେ ପ୍ରତିଷ୍ଠିତ ଜାତୀୟ ସମବାୟ ସଂସ୍ଥା ଯଥା ନେସନାଲ କୋଅପରେଟିଭ୍ ଅର୍ଗାନିକ୍ସ ଲି଼, ନେସେନାଲ କୋଅପରେଟିଭ ଏକ୍ସପୋର୍ଟସ୍ ଲି଼ ଏବଂ ଭାରତୀୟ ବୀଜ ସହକାରୀ ସମିତି ଲି଼ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ପତ୍ର କେବଳ ଆନୁଷ୍ଠାନିକ ଚୁକ୍ତିନାମା ନୁହେଁ ବରଂ ଏହା ତୃଣମୂଳ ଏବଂ ଜାତୀୟସ୍ତରୀୟ ପ୍ରତିଷ୍ଠାନ ମଧ୍ୟରେ ଦୃଢ଼ ସଂପର୍କ ସ୍ଥାପନ କରିବ। ଏହା ଆମର ଚାଷୀ, ଉତ୍ପାଦକ ଏବଂ ସମବାୟ ସଦସ୍ୟଙ୍କ ପାଇଁ ଉତମ ବିପଣନ, ଉନ୍ନତ ଇନପୁଟ୍ ଏବଂ ଉନ୍ନତ ଆୟ ମାଧ୍ୟମରେ ଲାଭ ପହଂଚାଇବ ବୋଲି ରାଜ୍ୟପାଳ କହିଥିଲେ। ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ଜାତୀୟସ୍ତରୀୟ ସଂସ୍ଥାଗୁଡ଼ିକରେ ଆନୁଷ୍ଠାନିକ ଭାବେ ନୂତନ ସଦସ୍ୟ ଭାବେ ଯୋଗଦେଇଥିବା ପାକ୍ସ ଏବଂ ଲାମ୍ପସ୍‌ମାନଙ୍କୁ ରାଜ୍ୟପାଳ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ।

ଏତଦ୍‌ବ୍ୟତୀତ ଓଡିଶାର ଅନେକ ଅଗ୍ରଣୀ ସମବାୟ ବ୍ରାଣ୍ଡ୍ ଏବଂ ଅନୁଷ୍ଠାନ ଯଥା – ବୟନିକା, ଉତ୍କଳିକା, ଟିଡିସିସି, ଅମ୍ଳାନ ଏବଂ ଓମ୍‌ଫେଡ ସେମାନଙ୍କର ଉତ୍ପାଦ ଏବଂ ଅବଦାନ ପ୍ରଦର୍ଶନ ପାଇଁ ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରିଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ ଏବଂ ଏହି ସଂସ୍ଥା ଗୁଡ଼ିକ ସାଂସ୍କୃତିକ ରାଷ୍ଟ୍ରଦୂତ, ଅର୍ଥନୈତିକ ଇଞ୍ଜିନ ଏବଂ ବୁଣାକାର, ଜନଜାତି ଗୋଷ୍ଠୀ, ଦୁଗ୍ଧ ଚାଷୀ ଏବଂ କାରିଗରଙ୍କ ପାଇଁ ଆତ୍ମନିର୍ଭରଶୀଳତାର ଉତପ୍ରେରକ ବୋଲି ରାଜ୍ୟପାଳ କହିଥିଲେ।

ଏହି ସମାରୋହରେ ଓଡିଶାର ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ବକ୍ତବ୍ୟ ପ୍ରଦାନ କରି ସମବାୟ ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ ସରକାରଙ୍କ ପ୍ରତିବଦ୍ଧତା ଏବଂ ବିଭିନ୍ନ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ଏବଂ ପାକସ୍ ଓ ଲାମ୍ପସ୍‌ର ପରିଚାଳନା, ସ୍ୱଚ୍ଛତା ରକ୍ଷା ଏବଂ ଉତରଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ ମୁକେଶ କୁମାର ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରାଜ୍ୟ ସରକାରଙ୍କ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ସମାରୋହରେ ଉତ୍କର୍ଷତା ହାସଲ କରିଥିବା ପାକ୍ସ, ଲାମ୍ପସ୍, କୋଅପରେଟିଭ୍‌ସ୍‌ଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ୍‌ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ସମବାୟ ସଂସ୍ଥାର କର୍ମକର୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଏଇ ସରକାରକୁ ଟ୍ରାକକୁ ଆଣନ୍ତୁ : ପ୍ରଦୀପ ମାଝୀ

ଭୁବନେଶ୍ୱର, ୭।୬(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ନେତା ପ୍ରଦୀପ ମାଝୀ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସ୍ୱାଗତ କରୁଛୁ। କିନ୍ତୁ ପ୍ରଧାନମନ୍ତ୍ରୀ ଆସିବା ପୂର୍ବରୁ ସମୀକ୍ଷା କରନ୍ତୁ। ଓଡ଼ିଶାରେ ଗତ ବର୍ଷକ ଭିତରେ ନାରୀ ନିର୍ଯାତନା ବଢିଛି। ଆୟୁଷ୍ମାନ ଯୋଜନା ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଚାଷୀଙ୍କୁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଚାଷୀ ରାଜରାସ୍ତାରେ। ଚାଷୀଙ୍କ ଅଧିକାରକୁ ହଡ଼ପ୍ କରାଯାଇଛି। ଶିକ୍ଷକ ରାଜରାସ୍ତାରେ। ଏସବୁ ସମସ୍ୟାର ସମାଧାନ କରନ୍ତୁ। ବର୍ଷକ ଭିତରେ ସରକାର ଭାଷଣ, ସ୍ଲୋଗାନ, ବ୍ୟାନର ଆଉ ବିଜ୍ଞାପନରେ ସୀମିତ ରହିଯାଇଛନ୍ତି ।

ଏଠି ମୁଖ୍ୟମନ୍ତ୍ରୀ ଅକାଶରେ ଖାଲି ଉଡୁଛନ୍ତି। ଦୁଇ ଦୁଇଟି ଜେଟ୍ ରଖି ଖାଲି ଜେଟ୍ ସେଟ୍ ଗୋ କରୁଛନ୍ତି। ତେଣୁ ବର୍ଷକର ତ୍ରୁଟି କୁ ସୁଧାରନ୍ତୁ। ପ୍ରଧାନମନ୍ତ୍ରୀ ଆସି ଏଇ ସରକାରକୁ ଟ୍ରାକକୁ ଆଣନ୍ତୁ ବୋଲି କହିଛନ୍ତି ପ୍ରଦୀପ ମାଝୀ।

# ଗଣଦୁଷ୍କର୍ମ ମାମଲା ଏସପିଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୭।୬(ମହାଭାରତ): ଗଞ୍ଜାମ ଜିଲ୍ଲାର ଗୋଳନ୍ଥରା ପୋଲିସ ଥାନା ଅନ୍ତର୍ଗତ ଗତ ୩ ତାରିଖରେ ଘଟିଥିବା ଦୁଇ ନାବାଳିକା ଗଣଦୁଷ୍କର୍ମ ମାମଲାରେ ଶନିବାର ବିଜୁ ଜନତା ଦଳର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦବେଗ ପ୍ରକାଶ କରିବା ସହିତ ପୀଡ଼ିତାଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବୀ କରିଛି। ବ୍ରହ୍ମପୁର ଓ ସମଗ୍ର ରାଜ୍ୟରେ ଗଣ ଦୁଷ୍କର୍ମ, ହତ୍ୟା, ରାହାଜାନି ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଉଛି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି ବୋଲି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟମାନେ କହିଛନ୍ତି।

ଗତ ୩ ତାରିଖ ରାତିରେ, ଦୁଇ ଜଣ ନାବାଳିକା ଗୋଟିଏ ବିବାହ ଭୋଜିରୁ ଫେରିବା ସମୟରେ, ଜଣେ ଦୁର୍ବୃର୍ତ, ଯିଏ କି ପୀଡ଼ିତାଙ୍କ ପୂର୍ବରୁ ପରିଚିତ ଥିଲେ, ତାଙ୍କ ସହ ଆସିବାକୁ କହିଥିଲେ । ସେ ଓ ତାଙ୍କ ସହ ଆଉ ତିନି ଜଣ ଯୁବକ ଦୁଇ ନାବାଳିକାଙ୍କୁ ଏକ ନିକାଂଚନ ଜାଗାକୁ ନେଇଯାଇ ରାତି ସାରା ଦୁଷ୍କର୍ମ କରିଥିଲେ । ସକାଳେ ଦୁଇ ନାବାଳିକା ସେମାନଙ୍କ ଘରେ ପହଁଞ୍ଚିବା ପରେ, ତାଙ୍କ ପରିବାର ଲୋକ ଏହି ଘଟଣା ସମ୍ପର୍କରେ ଜାଣିଥିଲେ ଓ ତାପରେ, ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ । ପୋଲିସ, ମାମଲା ରୁଜୁ କରିଥିଲେ ହେଁ ଦୁର୍ବୁର୍ତ ମାନଙ୍କ ଟେର ପାଇ ନଥିଲା ।

ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱ ଉପଲବ୍ଧି କରି, ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରା ଯାଇଥିଲା । ଆଜି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟମାନେ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦବେଗ ପ୍ରକାଶ କରିଥିଲେ । ବିଜେଡି ତରଫରୁ ଏସପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା, ଯେଉଁଥିରେ, ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସହିତ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତିକୁ ସୁଧାରିବା ପାଇଁ ଦାବୀ ରଖାଯାଇଥିଲା । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ଏହି ସମ୍ବେଦନଶୀଳ ଘଟଣାରେ ପୋଲିସ ନିଷ୍କ୍ରିୟତା ଦେଖିବାକୁ ମିଳିଛି । ଆଜି ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ବ୍ରହ୍ମପୁର ଗସ୍ତ କରି ଘଟଣା ଉପରେ ଉଦବେଗ ପ୍ରକାଶ କରିବା ପରେ ଦୁର୍ବୃର୍ତ୍ତଙ୍କୁ ଗିରଫ କରାଯାଇଛି ବୋଲି ଏସପି ସୂଚନା ଦେଇଛନ୍ତି । ସମଗ୍ର ଜିଲ୍ଲାରେ ଉଦବେଗଜନକ ଭାବେ ହତ୍ୟା, ରାହାଜାନି ଓ ଦୁଷ୍କର୍ମ ଇତ୍ୟାଦି ବୃଦ୍ଧି ପାଇଛି ।

# ସହରରେ ବନ୍ୟା

ପ୍ରାକ୍ ମୌସୁମୀ ବର୍ଷାରେ ଦେଶର ଟେକ୍ ହବ ତଥା ସିଲିକନ ଭ୍ୟାଲି ଭାବେ ପରିଚିତ ବେଙ୍ଗାଲୁର ସହରରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ବହୁ ଅଂଚଳରେ ରାଜରାସ୍ତା, ଗଳିକନ୍ଦିରେ ବନ୍ୟାର ଭ୍ରମ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ସହରର ବହୁ ଅଂଚଳ ଜଳବନ୍ଦୀ ହୋଇ ରହିବା ପରେ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏପରିକି ମଧ୍ୟ ସହର ଭିତରେ ଡଙ୍ଗା ବୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ଏଭଳି ଦୁର୍ଦ୍ଦଶା ପ୍ରକୃତିର କୋପ ନୁହେଁ, ମଣିଷକୃତ ବୋଲି କହିଲେ ଅତିରଂଜିତ ହୋଇନପାରେ। ଉଲ୍ଲେଖ କରାଯାଇପାରେ ଯେ, ଡ୍ରେନେଜ ବ୍ୟବସ୍ଥାର ଅଭାବ, ସରକାରୀ ଉଦାସୀନତା, ତୃଟିପୂର୍ଣ୍ଣ ସହରୀ ଯୋଜନା ଓ ଜବରଦଖଲ ଯୋଗୁଁ ବର୍ଷା ପାଣିରେ ସହରରେ ବନ୍ୟା ଭ୍ରମ ସୃଷ୍ଟି କାରଣ। ଜଳ ନିଷ୍କାସନ ପଥଗୁଡିକୁ ଜବରଦଖଲ କରି ସେଠାରେ ବଡବଡ କୋଠା ନିର୍ମାଣ। ଯାହାର ପରିଣତି ସ୍ୱରୁପ ବର୍ଷାଜଳ ନିଷ୍କାସନ ହୋଇନପାରି ସହରୀ ବନ୍ୟା ସୃଷ୍ଟି କରିଛି। ରିପୋର୍ଟ ପ୍ରକାଶ ପାଇଛି ଯେ, ବେଙ୍ଗାଲୁର ସହର ମଧ୍ୟରେ ଥିବା ୨୦୨ ହ୍ରଦ, ଯାହାକି ବର୍ଷା ଜଳ ନିଷ୍କାସନର ମୁଖ୍ୟ ମାଧ୍ୟମ ଥିଲା, ସେଥିମଧ୍ୟରୁ ଏବେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜବରଦଖଲରେ। ହ୍ରଦ ଉପରେ ଏବେ କଂକ୍ରିଟ ନିର୍ମାଣ ଗଢି ଉଠିଛି। ଏକଦା ହଜାରେ ହ୍ରଦର ସହର ଭାବେ ପରିଚିତ ଦେଶର ଉଦ୍ୟାନ ନଗରୀ ଏବେ ବର୍ଷାଜଳରେ ଉବୁଟୁବୁ ତେବେ ଏଭଳି ପରିସ୍ଥିତି ବେଙ୍ଗାଲୁର ସହର ପାଇଁ ନୂଆ ନୁହେଁ। ପ୍ରତିବର୍ଷ ମୌସୁମୀ ଋତୁରେ ଅନୁରୂପ ଦୁର୍ଦ୍ଦଶା ଲୋକଙ୍କୁ ଭୋଗିବାକୁ ପଡୁଛି। ୨୦୨୨ରେ ପ୍ରବଳ ବର୍ଷାରେ ରାସ୍ତା ଉପରେ ଚାରି ଫୁଟର ବର୍ଷା ଜଳ ପ୍ରଖର ସ୍ରୋତ ସୃଷ୍ଟି କରିଥିଲା ଯେଉଁଥିରେ ଜଣେ ଯୁବ ଇଂଜିନିୟରଙ୍କ ଜୀବନ ଯାଇଥିଲା। ଏଭଳି ବିପର୍ଯ୍ୟାୟ ଘଟଣାରେ ରାଜ୍ୟ ସରକାର ବା ସହରାଚଂଳ ଉନ୍ନୟନ ବିଭାଗ କିଛି ଶିକ୍ଷା କରିପାରିନଥିବା କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, କେବଳ ବେଙ୍ଗାଲୁର ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀ, ବାଣିଜ୍ୟର ସହର ମୁମ୍ବାଇ, ଚେନ୍ନାଇ, ଆମ ରାଜଧାନୀ ଭୁବନେଶ୍ୱର, ସହସ୍ର ବର୍ଷର ସହର କଟକ ସହର ସମେତ ଦେଶର ବଡ ବଡ ସହରରେ ମୌସୁମୀ ଋତୁରେ ସହରୀ ବନ୍ୟା ଏବେ ପ୍ରତିବର୍ଷ ଲୋକଙ୍କ ଦୁର୍ଦ୍ଦଶାର କାରଣ ହୋଇଛି। ବନ୍ୟାଜଳ ନିଷ୍କାସନ ପାଇଁ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବାରେ ବିଫଳତା, ବର୍ଷା ପୂର୍ବରୁ ଡ୍ରେନ ଗୁଡିକର ସଫେଇ, ମରାମତି ଅଭାବରୁ ବର୍ଷାଜଳ ଡ୍ରେନରେ ନଯାଇ ରାସ୍ତାରେ ପ୍ରବାହିତ ହେଉଛି। ଲୋକଙ୍କ ଘରେ ପାଣି ପଶୁଛି। ଲୋକେ ଦୀର୍ଘ ଦିନ ଧରି ଜଳବନ୍ଦୀ ଭାବେ ରହିବାକୁ ବାଧ ହେଉଛନ୍ତି। ଏହି କୃତ୍ରିମ ବନ୍ୟା ଏବଂ ଦୁର୍ଦ୍ଦଶା ପାଇଁ ସରକାରଙ୍କ ଉଦାସୀନତା ଯେତିକି ଦାୟୀ, ଲୋକମାନେ ହିଁ ସେତିକି ଦାୟୀ। ଡ୍ରେନ ଭିତରେ ଅଳିଆ ଆବର୍ଜନା ପକାଇବା ଲୋକଙ୍କ ନିୟମିତ ଅଭ୍ୟାସରେ ପରିଣତି ହୋଇଯାଇଛି। ଅଳିଆ ଆବର୍ଜନା ଜାମ୍ ଯୋଗୁଁ ବର୍ଷା ଜଳ ଡ୍ରେନରେ ନିଷ୍କାସିତ ହୋଇନପାରି ରାସ୍ତାରେ ପ୍ରବାହିତ ହେଉଛି। ସହରରେ ଡଙ୍ଗା ଚାଲିବା ସାର ହେଉଛି। କହିବା ବହୁଲ୍ୟ ଯେ ଦେଶରେ ବହୁ ନାମୀ ସହରଗୁଡିକର ବିକାଶ ପାଇଁ କେନ୍ଦ୍ର ସରକାର ଗଲା ଏକ ଦଶନ୍ଧି ଧରି ସ୍ମାର୍ଟ ସିଟି ଯୋଜନା କାର୍ଯ୍ୟକାରୀ କରି ଆସୁଛି। ଏଥିପାଇଁ ହଜାର ହଜାର କୋଟି ଟଙ୍କା ବ୍ୟୟ ହେଉଛି। କିନ୍ତୁ ବର୍ଷା ଜଳ ନିଷ୍କାସନ ସୁବ୍ୟବସ୍ଥିତ ହୋଇପାରିନାହିଁ। ସରକାର ବିକାଶ କେବଳ ଚାକଚକ୍ୟ ଏବଂ ସୌନ୍ଦର୍ଯ୍ୟ କରଣରେ ସୀମାବଦ୍ଧ ହୋଇ ରହିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ଦେଶର ୧ନମ୍ବର ସ୍ମାର୍ଟ ସିଟି ଭୁବନେଶ୍ୱର। କୋଟି କୋଟି ଟଙ୍କା ବ୍ୟୟ ସତ୍ୱେ ବର୍ଷା ଦିନେ ନଦୀର ଭ୍ରମ ଲାଗିରହିଛି। ଏପରିକି ଡ୍ରେନରେ ଭାସି ଜଣେ ଦଶମ ଶ୍ରେଣୀର ଛାତ୍ର ଏବଂ ଜଣେ ୧୦ବର୍ଷର ବାଳକର ଜୀବନ ଯାଇଛି। ଜାତୀୟ ରାଜପଥରେ ଦୁଇଚକିଆ ଯାନ ଏବଂ କାର ଭାସୁଥିବା ଦୃଶ୍ୟ ପ୍ରତିବର୍ଷ ଦେଖିବାକୁ ମିଳୁଛି। ମାସ ମାସ ଧରି ଲୋକେ ଜଳବନ୍ଦୀ ଭାବେ ରହିବା ସାର ହେଉଛି। ଏବେ ଭୁବନେଶ୍ୱରରେ ଡ୍ରେନଗୁଡିକର ମରାମତି ଯୋରସୋରରେ ଚାଲିଥିଲେ ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ସବୁ ଡ୍ରେନ ମୁକୁଳା ପଡିଥିବା ଦେଖିବାକୁ ମିଳେ। ଆସନ୍ତା ୨୮ତାରିଖ ସୁଦ୍ଧା ଦକ୍ଷିଣ-ପେଶ୍ଚିମ ମୌସୁମୀ କେରଳରେ ପହଁଚିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିସାରିଲାଣି। ବର୍ଷା ଆଗମନ ପୂର୍ବରୁ ଡ୍ରେନ ମରାମତି କାମ ସମ୍ପୂର୍ଣ୍ଣ ହେବାର ସମ୍ଭାବନା ନାହିଁ। ତେଣୁ ଆସନ୍ତା ମୌସୁମୀ ଋତୁରେ ଭୁବନେଶ୍ୱର ମହାନଗର ନିଗମ ବାସୀ ବର୍ଷା ଜଳରେ ପୂର୍ବବତ ଉବୁ ଟୁବୁ ହେବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ଏହା ନିସନ୍ଦେହ ଯେ, ବର୍ଷା ଜଳ ନିଷ୍କାସନ ପଥରୁ ଜବରଦଖଲ ନହଟିବା ଏବଂ ସରକାର ଡ୍ରେନେଜ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ ନକରିବା ଯାଏ, ବର୍ଷା ଦିନେ ସହରୀ ଲୋକ ସହରୀ ତଥା କୃତ୍ରିମ ବନ୍ୟାରେ ସଢୁଥିବେ।

# କାହିଁକି ଲାଗେ ପରିସ୍ରା ?

## ଡାକ୍ତର ରାମପ୍ରସାଦ ରାୟ

ଆମେ ଖାଦ୍ୟ ଗ୍ରହଣ କରୁ ଏବଂ ନିୟମିତ ବ୍ୟବଧାନରେ ପାଣି ପିଇଥାଉ। ଶରୀର ତତ୍ତ୍ୱ ଅନୁଯାୟୀ ନିୟମିତ ସମୟରେ ଆମର ପରିସ୍ରା ହୋଇଥାଏ। ପରିସ୍ରା ନ ହେବା ଏକ ଗୁରୁତର ସ୍ୱାସ୍ଥ୍ୟର ଲକ୍ଷଣ। ସେହିପରି ଚିକିତ୍ସା ବ୍ୟବସ୍ଥା ସମୟରେ ଆମ ଡାକ୍ତରୀ ବ୍ୟବସ୍ଥାରେ ରୋଗୀର ପରିସ୍ରା ହିଷ୍ଟ୍ରି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥାଉ। ତେବେ ପିଇବା ପାଣି ଉପରେ ମଧ୍ୟ ଏକ ନିୟମିତତା ରହିଛି। ଓଡ଼ିଆରେ ଗୋଟିଏ ଲୋକପ୍ରିୟ କଥାଟି ଅଛି 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ'। ଠିକ ସେହିପରି ଅତ୍ୟଧିକ ପାଣି ପିଇବା କଥା ନୁହେଁ, ସେହିପରି ଅତ୍ୟଧିକ ପରିସ୍ରା ମଧ୍ୟ ସୁସ୍ଥ ଶରୀର ଲକ୍ଷଣ ନୁହେଁ। ଅନେକ ସମୟରେ ଅତ୍ୟଧିକ ପରିସ୍ରା ଦ୍ୱାରା ଜଣଙ୍କର ଶରୀରର ଅନେକ ମୂଲ୍ୟବାନ ପରିପୋଷକ ତତ୍ତ୍ୱ ମଧ୍ୟ ନିର୍ଗମନ ହୋଇଯାଇଥାଏ। ତେବେ ଜଣେ ସୁସ୍ଥ ସବଳ ଶରୀର ପାଇଁ ପ୍ରତିଦିନ ଚାରିରୁ ପାଞ୍ଚଲିଟର ପିଇବା ପାଣି ଯଥେଷ୍ଟ ଏବଂ ନିୟମିତ ସମୟରେ ପରିସ୍ରା କରିବା ମଧ୍ୟ ଶରୀର ସୁସ୍ଥତାର ଲକ୍ଷଣ। ଗୋଟେ ସୁସ୍ଥ ମୂତ୍ରାଶୟ ବା ବ୍ଲାଡ଼ରରେ କେତେ ପରିମାଣରେ ମୂତ୍ର ସଂରକ୍ଷିତ ହୋଇ ରହିପାରେ ? ନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥର ସୂଚନା ଅନୁଯାୟୀ ଜଣେ ସୁସ୍ଥ ବୟସ୍କ ଲୋକର ମୂତ୍ରାଶୟ ଏକକାଳୀନ ୧୬ ଆଉନ୍‌ସ ବା ୨ କପ୍ ପରିମାଣର ମୂତ୍ର ରଖିବା ପାଇଁ ସମର୍ଥ। କେତେ ଶୀଘ୍ର ବ୍ଲାଡ଼ର ପୂର୍ଣ୍ଣ ହେବ ତାହା ନିର୍ଭର କରୁଛି ସକ୍ତ ବ୍ୟକ୍ତିଙ୍କ ଶରୀର 'ବଳକା ଜଳ ନିଷ୍କାସନ କ୍ଷମତା' ଉପରେ। ପରିସ୍ରାକୁ ଅଟକାଇ ରଖିବା କାମ ଯିଏ କରେ ତାହାକୁ କୁହାଯାଏ ସ୍ଫିଙ୍କଟର୍ସ। ଏହା ହେଉଛି ସାର୍କୁଲାର ମସଲ। ଏହା ବ୍ଲାଡ଼ରର ମୁହଁକୁ ବନ୍ଦ କରି ରଖିଥାଏ। ଏହା ସତ୍ତ୍ୱେ ବି ବେଳେବେଳେ ମୂତ୍ର କ୍ଷରିତ ହୋଇଥାଏ। ଏହାକୁ କୁହାଯାଏ ଇନ୍‌କଣ୍ଟିନେନ୍ସ। ଆମକୁ ପରିସ୍ରା ଲାଗେ କାହିଁକି ? ଏଇ ପ୍ରଶ୍ନଟାକୁ ଆଉ ଟିକିଏ ସରଳ କରି ଦିଆଯାଇପାରେ, ଯଥା - ପରିସ୍ରା କରିବାର ସମୟ ହେଇଗଲା ବୋଲି ଆମେ ହଠାତ୍ ଅନୁଭବ କରିବା କ'ଣ ପାଇଁ ? ଏହାର ମୂଳରେ ରହିଛି ସ୍ନାୟୁ ବା ନର୍ଭ। ବ୍ଲାଡ଼ର ଯେତେ ପୁରି ଉଠୁଥାଏ ନର୍ଭ ମସ୍ତିଷ୍କକୁ ତା'ର ସୂଚନା ଦେଇ ଚାଲୁଥାଏ। ଆଉ ଯେତେବେଳେ ଏହା ସମ୍ପୂର୍ଣ୍ଣ ପୁରିଯାଏ ସେତେବେଳେ ଆମେ ସତର୍କ ହୋଇଯାଉ ଯେ, ବର୍ତ୍ତମାନ ୟୁରିନାଲ୍ ଯିବାର ସମୟ। ବାସ୍, ମସ୍ତିଷ୍କ ସ୍ନାୟୁ ଜରିଆରେ ବ୍ଲାଡ଼ର ମସଲ ବା ସାର୍କୁଲାର ମସଲ ସ୍ଫିଙ୍କଟର୍ସକୁ ସୂଚନା ଦିଏ ସଙ୍କୁଚିତ ହେବା ପାଇଁ। ସ୍ଫିଙ୍କଟର୍ସ ସଙ୍କୁଚିତ ହେଲେ ଯାଇ ଆମେ ମୂତ୍ର ପରିତ୍ୟାଗ କରୁ।

କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ, ଦୂରଭାଷ : ୮୨୬୦୪୦୮୮୩୬

# ସଫଳ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ

## ରଘୁନାଥ ମହାପାତ୍ର

ସାମସମୟିକ ଓଡ଼ିଆ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ଦୁଃଖୀ ଥିଲେ ହେଁ ଅନ୍ତରର ବେଦନାକୁ ଚାପି ସତେ ଯେପରି ଅନ୍ୟମାନଙ୍କୁ ହସାଇବାକୁ ଶପଥ ନେଇଥିଲେ ଏବଂ ସୃଷ୍ଟି କରିଥିଲେ ବହୁ ବ୍ୟଙ୍ଗ ସାହିତ୍ୟ। ତାଙ୍କର ପ୍ରକୃତ ନାମ ରାମଚନ୍ଦ୍ର ମିଶ୍ର। ଡାକ୍ତରୀ ପଢୁଥିବା ବେଳେ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିଲେ। ରୋଗ କବଳରୁ ମୁକ୍ତି ମିଳୁ ମିଳୁ ହରାଇଥିଲେ ଦୃଷ୍ଟି ଶକ୍ତି ଏବଂ ଆଜୀବନ ଅବିବାହିତ ରହି ପାଳଟିଥିଲେ ସାହିତ୍ୟ ସେବକ। ଏକ ସମୟରେ ସାହିତ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନଥିଲା।

ସାହିତ୍ୟ ନାମ ଶୁଣିଲେ ବିତୃଷ୍ଣା ଆସିଯାଉଥିଲା। ସାହିତ୍ୟକୁ ଏକ ଅଲୋଡ଼ା, ଅଦରକାରୀ ବିଷୟ ଭାବୁଥିଲେ। ହେଲେ ଜୀବନର ମଧ୍ୟ ଭାଗରେ ସାହିତ୍ୟ ହିଁ ହୋଇଥିଲା, ତାଙ୍କର ଏକମାତ୍ର ଅବଲମ୍ବନ, ଯାହା କାଏମ ରହିଥିଲା ଜୀବନର ଶେଷ ଭାଗ ପର୍ଯ୍ୟନ୍ତ। ଫତୁରାନନ୍ଦଙ୍କ ଆତ୍ମଚରିତ ହେଉଛି 'ମୋ ଫୁଟା ଡଙ୍ଗାର କାହାଣୀ'। ଏଥିରେ ସେ ଲେଖିଛନ୍ତି, ସ୍କୁଲରେ ପଢୁଥିବା ବେଳେ ଶିକ୍ଷକଙ୍କ ବାଧବାଧକତାରେ ସେ ପଢ଼ିଥିବା ପ୍ରଥମ ସାହିତ୍ୟ ପୁସ୍ତକଟି ଥିଲା ଫକୀର ମୋହନ ସେନାପତିଙ୍କର ଛଅ ମାଣ ଆଠଗୁଣ୍ଠ। ତାହା ପୂର୍ବରୁ ରାମାୟଣ, ମହାଭାରତ, ତଅପୋଇ, ନୃସିଂହ ପୁରାଣ, ହରିବଂଶ, ଲକ୍ଷ୍ମୀପୂଜା ପଢ଼ିଥିଲେ। ଧର୍ମ ପୁସ୍ତକ ପଢ଼ିଲେ ଉତ୍ତମ ଭୋଜନ ମିଳୁଥିବାରୁ ସେ ଏସବୁ ବାରମ୍ବାର ପଢୁଥିଲେ। ଶ୍ରୀକୃଷ୍ଣ, ହନୁମାନ, ଭୀମ, ଅର୍ଜ୍ଜୁନ ଥିଲେ ତାଙ୍କର ଅତି ପ୍ରିୟ ପୌରାଣିକ ଚରିତ୍ର। ସ୍କୁଲରେ ପଢ଼ିବା ବେଳେ ସେ ଏକ ଗପ ଲେଖିଥିଲେ। ତାହା ସ୍କୁଲ ପତ୍ରିକା ଛାତ୍ରବନ୍ଧୁରେ ପ୍ରକାଶିତ ହୋଇଥିଲା। ମେଡ଼ିକାଲ ପଢ଼ା ସାରି ବ୍ୟାଧିଗ୍ରସ୍ତ ହୋଇ ଘରେ ବସିବା ବେଳେ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା। ପ୍ରଥମେ ଲେଖିଥିଲେ କବି ଲଢ଼େଇ ନାମକ ପଦ୍ୟ। ସେଇଟି ପ୍ରକାଶିତ ହୋଇଥିଲା ଡଗରରେ।



ମେଡ଼ିକାଲରେ ପଢ଼ିବା ବେଳେ ଜଣେ ବନ୍ଧୁ ତାଙ୍କୁ ଫତୁରାନନ୍ଦ ନାମ ଦେଇଥିଲେ। କାଳେ ଜୀବନର ପ୍ରଥମ ପଦ୍ୟ ସମାଲୋଚିତ ହେବ, ଏହି ଭୟରେ ଲେଖକ ଭାବେ ଫତୁରାନନ୍ଦ ନାମଟିକୁ ବ୍ୟବହାର କରିଥିଲେ। ପଦ୍ୟଟି ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ରାମଚନ୍ଦ୍ର ମିଶ୍ର ଫତୁରାନନ୍ଦ ନାମରେ ଲେଖକୀୟ ପରିଚିତି ଲାଭ କରିଥିଲେ। ଡଗର ମୁଦ୍ରଣାଳୟ ଓ ପତ୍ରିକା ସହ ସଂପର୍କ ତଥା କାନ୍ତିକବି ଲକ୍ଷ୍ମୀକାନ୍ତଙ୍କ ପ୍ରେରଣା ତାଙ୍କୁ ବଡ଼ ଲେଖକରେ ପରିଣତ କରିଥିଲା। ଲେଖକ ଜୀବନର ଆଦ୍ୟ ଭାଗରେ ସେ ଅରୁଚିକର ହାସ୍ୟ ପରିବେଷଣ କରି ଭାଣ୍ଡକବି ଭାବେ ଆଖ୍ୟାୟିତ ହୋଇଥିଲେ। ତେବେ ନିତମ୍ବ ବଂଶୀ କବିତାର ପ୍ରକାଶନ ପରେ ନିଜ ଲେଖାରୁ ରୁଚିହୀନତାକୁ ବାଦ ଦେଇଥିଲେ। ଏହି କବିତାରେ ରାଧା, କୃଷ୍ଣଙ୍କୁ ପଚାରୁଛନ୍ତି ହାତ ବଂଶୀ ବହୁତ ଶୁଣିଲିଣି। ବଡ଼ କପଟିଆ ତୁମେ। ନିତମ୍ବ ବଂଶୀ ଦିନେ ହେଲେ ଶୁଣାଇ ନାହଁ। ନ ଶୁଣାଇଲେ ଆଉ କଥା ହେବିନି। ତହୁଁ କୃଷ୍ଣ କହୁଛନ୍ତି ଥୟ ଧର ଆଜି ଅବଶ୍ୟ ଶୁଣାଇବି। ଏହା କହି ସେ ବାୟୁ ସୃଷ୍ଟିକାରୀ ବରା, ପିଆଜି, ପକୁଡ଼ି ଆଦି ପେଟ ପୁରା ଖାଇଲେ। କିଛି ସମୟ ପରେ ବିଭିନ୍ନ ଧ୍ୱନିଯୁକ୍ତ ଅଧୋବାୟୁମାନ ବାହାରିଲା। ଏହି କବିତାକୁ ଯିଏ ବି ପଢ଼ିବ, ହସିବା ସ୍ୱାଭାବିକ। ତେବେ, ଏ ଭଳି କବିତା ନ ଲେଖିବା ପାଇଁ ଦିନେ ହସି ହସି ତାଙ୍କୁ ଉପଦେଶ ଦେଇଥିଲେ ଲକ୍ଷ୍ମୀନାରାୟଣ ସାହୁ। ତାହା ପରଠାରୁ ସେ ରୁଚିହୀନ ବର୍ଜନ କରିଥିଲେ। ୧୯୧୫ ଜୁନ ୧ ତାରିଖରେ କଟକ ଝାଞ୍ଜିରିମଙ୍ଗଳାରେ ଜନ୍ମ ହୋଇଥିଲେ ଫତୁରାନନ୍ଦ।

ସତ୍ୟଶ୍ରୀନିବାସ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦

# ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଏକ ଅତୀତ ଆକଳନ

## ଉମାଶଙ୍କର ପ୍ରସାଦ

ବିଶ୍ୱପ୍ରସିଦ୍ଧ ପୁରୀର ରଥଯାତ୍ରା ହିନ୍ଦୁମାନଙ୍କର ଉତ୍ସବ ଭିତରେ ଏକ ପ୍ରଧାନ ଉତ୍ସବ। ରଥଯାତ୍ରାର ଉତ୍ପତି ଓ ଇତିହାସ ଯେଉଳି ପ୍ରାଚୀନ ସେଭଳି ସଂଶୟାଛନ୍ନ। ବିଭିନ୍ନ ସଂହିତା ପୁରାଣ ଓ ଧର୍ମଶାସ୍ତ୍ର ଏହାର ସାକ୍ଷ୍ୟ। ସ୍କନ୍ଦପୁରାଣ, ପଦ୍ମପୁରାଣ, ନାରଦ ପୁରାଣ, ନୀଳାଦ୍ରି ମହୋଦୟ, ବାମଦେବ ସଂହିତା ଓ ସୁତ ସଂହିତାରେ ଜଗନ୍ନାଥଙ୍କ ରଥଯାତ୍ରାର ବର୍ଣ୍ଣନା ରହିଛି। 'ଶ୍ରୀ ମନ୍ଦିର ସମାଚାର'ରେ ରଥଯାତ୍ରାର ଉତ୍ପତି ସମ୍ପର୍କରେ ଆଲୋକପାତ କରାଯାଇଛି। ଯେତେବେଳେ ଜଗନ୍ନାଥ ଧର୍ମର ପ୍ରଥମ ପ୍ରବର୍ତକ ମହାରାଜ ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରକୁ ଆସିଲେ ସେତେବେଳେ ସେ ଶବରପୂଜିତ ମାଧବବିଗ୍ରହଙ୍କ ଦେଖା ପାଇପାରିଲେ ନାହିଁ। ଏହି ନୈରାଶ୍ୟ ମଧ୍ୟରେ ଦେବର୍ଷି ନାରଦଙ୍କ ସ୍ୱପ୍ନାଦେଶ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ପୁରୁଷୋତମ କ୍ଷେତ୍ରର ସର୍ବ ପ୍ରଥମ ଆଧାତ୍ମିକ କର୍ମ ଓ ଜଗନ୍ନାଥଙ୍କର ଏହି ଉନ୍ମୋଚନ କର୍ମକୁ ନେଇ ରଥଯାତ୍ରା ବା ଘୋଷଯାତ୍ରା ହୋଇଥିବା ହିଁ ସାରକଥା"। ରଥଯାତ୍ରାର ଅନ୍ୟ ନାମ ଗୁଣ୍ଡିଚା ଯାତ୍ରା ବା ଶ୍ରୀଗୁଣ୍ଡିଚା। ପୁରାଣବର୍ଣ୍ଣିତ ମାଳବରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ ଏହି ଯାତ୍ରା ପ୍ରଚଳନ କରିଥିବା ହେତୁ ତାଙ୍କ ନାମାନୁସାରେ ଗୁଣ୍ଡିଚାଯାତ୍ରା ହୋଇଅଛି।

ଚୋଳଗଙ୍ଗଙ୍କ ରାଣୀ 'ଗଣ୍ଡିରୋଡି'ଙ୍କ ପ୍ରବର୍ତ୍ତିତ ଯାତ୍ରା କାଳକ୍ରମେ ଗୁଣ୍ଡିଚା ନାମରେ ଖ୍ୟାତ ବୋଲି କୁହାଯାଏ। ଅନ୍ୟ ଆଲୋଚକଙ୍କ ମତରେ ଗୁଡିସା(କାଠ) ଶବ୍ଦରୁ 'ଗୁଣ୍ଡିଚା' ଶବ୍ଦର ସୃଷ୍ଟି। ଦଶ ଅବତାରରୁ ବୁଦ୍ଧ ଅବତାର ଅନ୍ୟତମ। ଜନଶ୍ରୁତି କହେ, ବୁଦ୍ଧଙ୍କ ଦନ୍ତ ଜଗନ୍ନାଥଙ୍କ ମଧ୍ୟରେ ଅବସ୍ଥିତ। ସୁତରାଂ ବୁଦ୍ଧଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ରଥଯାତ୍ରା ପ୍ରବର୍ତିତ ହୋଇଥିବା କୁହାଯାଏ।

ରଥଯାତ୍ରାର ପ୍ରାଚୀନତା ସମ୍ବନ୍ଧରେ ପୁରାଣ, ଇତିହାସରୁ ଜଣାଯାଏ ଯେ ଭାରତ ଓ ଭାରତ ବାହାରେ ରଥଯାତ୍ରାର ପ୍ରଚଳନ ମଧ୍ୟ ଥିଲା। ସୂର୍ଯ୍ୟ ଆକାଶ ପଥରେ ରଥରେ ଯାତ୍ରା କରିବା କଥା ପୁରାଣ କହେ। ଅତୀତରେ କୋଣାର୍କର ସୂର୍ଯ୍ୟ ମୂର୍ତିଙ୍କୁ ରଥରେ ବସାଇ ପରିକ୍ରମା କରାଯାଉଥିଲା। ଚୈତ୍ର ମାସରେ ବୌଦ୍ଧମାନଙ୍କର ଅନୁଷ୍ଠିତ ରଥଯାତ୍ରାକୁ 'ମତ୍ସ୍ୟେନ୍ଦ୍ର ଯାତ୍ରା' କୁହାଯାଏ। ଜଗନ୍ନାଥଙ୍କ ରଥଯାତ୍ରା ସହ ଏହାର ସାମ୍ୟ ଥିବା ଜଣାଯାଏ। ନେପାଳରେ ବୈଶାଖ ମାସରେ ଅନୁଷ୍ଠିତ 'ଭୈରବ ଯାତ୍ରା' ହିଁ ରଥଯାତ୍ରା। କାରଣ 'ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ'। ପୁନଶ୍ଚ ନେପାଳରେ ଶିବଲିଙ୍ଗକୁ ରଥରେ ବସାଇ ରଥ ଟଣାଯାଏ। ଫାହିୟାନଙ୍କ ଭାରତ ଭ୍ରମଣ ବୃତାନ୍ତରେ ବୌଦ୍ଧମାନଙ୍କ ରଥଯାତ୍ରାର ଉଲ୍ଲେଖ ଅଛି। ଏପରିକି ତାଙ୍କ ଭ୍ରମଣ ପଥରେ ମଧ୍ୟଏସିଆର ଖୋଟାନ ଅଂଚଳରେ ବୌଦ୍ଧ ତ୍ରିରତ୍ନର ରଥଯାତ୍ରା ନିଜେ ଦେଖିଥିବା କଥା ଭ୍ରମଣ କାହାଣୀରେ ଲେଖିଛନ୍ତି। ବିଜୟ ନଗରର ହାମ୍ପିଠାରେ ରଥାକୃତି ମନ୍ଦିର ଓ ରଥଯାତ୍ରାର ବିବରଣୀ ଇତିହାସରୁ ମିଳେ। ଭୁବନେଶ୍ୱରରେ ପ୍ରତିବର୍ଷ ଲିଙ୍ଗରାଜଙ୍କର ରୁକୁଣା ରଥ ଚାଲେ। ଅତୀତରେ ସିସିଲି ଦ୍ୱୀପରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାର ପ୍ରମାଣ ମିଳେ। ରଥରେ ସୂର୍ଯ୍ୟ, ଚନ୍ଦ୍ର, ପ୍ରଭୃତି ଦେବତାମାନେ ପୂଜିତ ହେଉଥିଲେ। ରଥକୁ ମହିଷମାନେ ଟାଣୁଥିଲେ। ଏହିପରି ବିଭିନ୍ନ ଦେଶରେ ଓ ସ୍ଥାନରେ ବିଭିନ୍ନ କିମ୍ବଦନ୍ତୀ ଓ ପୌରାଣିକ ତଥ୍ୟର ବର୍ଣ୍ଣନା ରହିଛି। ପୃଥିବୀ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ବହୁପୂର୍ବରୁ ଆରମ୍ଭ ହୋଇଥାଏ। ମାଘମାସ ବସନ୍ତ ପଂଚମୀଠାରୁ ରଥ କାଠ ସଂଗ୍ରହ କରାଯାଇଥାଏ। ଏତଦ୍ ଉପଲକ୍ଷେ କାଠ ଯୋଗାଣ ଦାୟୀତ୍ୱ ବର୍ତମାନ ଓଡିଶା ସରକାରଙ୍କର। ବୈଶାଖ ମାସରେ ଅକ୍ଷୟ ତୃତୀୟା ରୋହିଣୀ ନକ୍ଷତ୍ରରେ ପୂଜାର୍ଚ୍ଚନାପୂର୍ବକ ରଥ ନିର୍ମାଣ ଆରମ୍ଭ ହୁଏ।

ରଥଯାତ୍ରାରେ ତିନୋଟି ରଥ ବ୍ୟବହୃତ ହୁଏ। ରଥତ୍ରୟର ନିର୍ମାଣ ବୈଶିଷ୍ଟ୍ୟ ସାଜସଜ୍ଜା ଆକର୍ଷଣୀୟ। ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ। ବେଦୀ ଉପରୁ ଏହାର ଉଚ୍ଚତା ୨୩ ହାତ। ପାଂଚହାତ ପରିଧିର ଷୋହଳଟି ଚକ ଏଥିରେ ଲାଗିଥାଏ। ରଥର ସାରଥି ନାମ ମାତଳି। ରଥରେ ଶୁକ୍ଳ ବର୍ଣ୍ଣର ଚାରୋଟି ଅଶ୍ୱ ଲଗାଯାଇଥାଏ। ରଥ ସତ୍ୱଗୁଣଯୁକ୍ତ ଓ ପୀତବସ୍ତ୍ରାଚ୍ଛାଦିତ। ରଥର ଶିଖର ପ୍ରଦେଶରେ ଚକ୍ର ବା ଗରୁଡ ଅଧିଷ୍ଠିତ।

ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ। ବେଦୀ ଉପରୁ ଏହି ରଥର ଉଚ୍ଚତା ୨୨ ହାତ। ଏଥିରେ ସାଢେ ଚାରିହାତ ପରିଧି ବିଶିଷ୍ଟ ଚଉଦଟି ଚକ ଲାଗିଥାଏ। ରଥର ସାରଥି ସୁଦ୍ୟୁମ୍ନ ବା ତାଳଧ୍ୱଜ। ଯୋଚାଯାଇଥିବା ଚାରି ଅଶ୍ୱଙ୍କର ରଙ୍ଗ କଳା। ତାଳଧ୍ୱଜ ରଥ ନୀଳଲୋହିତ ବସ୍ତ୍ରାବୃତ ଓ ରଜୋଗୁଣସମ୍ପନ୍ନ। ରଥର ଶୀର୍ଷଭାଗ ତାଳ ଚିହ୍ନିତ। ରଥର ଦ୍ୱାରାଦେଶରେ ଥିବା ପୂର୍ଣ୍ଣକୁମ୍ଭ ଓ ଶସ୍ୟଗୁଚ୍ଛ ବଳଭଦ୍ରଙ୍କ ସର୍ଜନଶୀଳତା ଓ ଧନଧାନ୍ୟ ଐଶ୍ୱର୍ଯ୍ୟର ସୂଚକ।

ଦେବୀ ସୁଭଦ୍ରା ଉପବେଶନ କରୁଥିବା ରଥର ନାମ ଦର୍ପଦଳନ। ଏହାକୁ ମଧ୍ୟ ଦେବଦଳନ,ପଦ୍ମଧ୍ୱଜ ବା ଦେବୀରଥ କୁହାଯାଏ। ବେଦୀ ଉପରୁ ରଥଟିର ଉଚ୍ଚତା ୨୧ ହାତ। ଚାରିହାତ ପରିଧିର ବାରଟି ଚକ ଲାଗିଥାଏ। ଏହା ତାମସିକ ଭାବାପନ୍ନ ହେତୁ କୃଷ୍ଣଲୋହିତ। ରଥର ସାରଥି ହେଉଛନ୍ତି ଅର୍ଜ୍ଜୁନ। ଚାରୋଟି ଅଶ୍ୱ ମଧ୍ୟ ଏହି ରଥରେ ସଂଯୁକ୍ତ। ଦ୍ୱାଦଶ ମାସ ଦ୍ୱାଦଶ ଚକ୍ରରୂପେ ପରିକଳ୍ପିତ। ବଳଭଦ୍ରଙ୍କ ସର୍ଜନଶୀଳତାରେ ଏମାନେ ସହାୟକ।

ଜଗନ୍ନାଥଙ୍କର ଏହି ବିଶ୍ୱବିଖ୍ୟାତ ରଥଯାତ୍ରା ବା ଶ୍ରୀଗୁଣ୍ଡିଚାଯାତ୍ରା ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ। 'ଯାତ୍ରା ଭାଗବତ'ରେ ଏ ସମ୍ପର୍କରେ ଉଲ୍ଲେଖ ଅଛି:-

"ଆଷାଢସ୍ୟ ସିତେ ପକ୍ଷେ ଦ୍ୱିତୀୟାୟାଂ ଶୁଭଦିନେ
ଶ୍ରୀ ଜଗନ୍ନାଥ ଦେବସ୍ୟ ଗୁଣ୍ଡିଚା ଭବତି ଧ୍ରୁବଂ।
ରଥସ୍ଥଂ ଚ ଜଗନ୍ନାଥଂ ପ୍ରୟାତଂ ଗୁଣ୍ଡିଚା ଗୃହଂ
ଯେ ପଶ୍ୟନ୍ତି ନରଶ୍ରେଷ୍ଠାସ୍ତେ ଧନ୍ୟାଭୁବନତ୍ରୟେ"।

ଏହିଦିନ ସୁଦର୍ଶନଙ୍କ ସହ ତିନି ଠାକୁର ନୀଳଗିରି କନ୍ଦରରୁ ନ'ଅଦିନ ପର୍ଯ୍ୟନ୍ତ ଯାତ୍ରା କରିଥାନ୍ତି। ଗୁଣ୍ଡିଚା ମନ୍ଦିରସ୍ଥ ସ୍ୱଜନ୍ମସ୍ଥାନ ମହାବେଦୀରେ ସପ୍ତଦିବସ ଅବସ୍ଥାନ କରନ୍ତି। ଏହାକୁ ଗୁଣ୍ଡିଚା ଯାତ୍ରା କହନ୍ତି। ଏହି ଗୁଣ୍ଡିଚା ଯାତ୍ରାରେ ଠାକୁରମାନେ ରଥରେ ବିଜେ କରି ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରୁଥିବା ହେତୁ ଏହାକୁ ରଥଯାତ୍ରା କହନ୍ତି। ରଥଯାତ୍ରା ତିନିଭାଗରେ ବିଭକ୍ତ। ଯଥା-ପୂର୍ବଯାତ୍ରା,ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ଓ ବାହୁଡା ଯାତ୍ରା।

ରଥଯାତ୍ରା ଦିନ ରଥ ତିନୋଟି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଖାଯାଏ। ସେବକମାନେ ଠାକୁରମାନଙ୍କୁ ପହଣ୍ଡି କରି ରତ୍ନସିଂହାସନରୁ ରଥ ଉପରକୁ ଆଣନ୍ତି। ପ୍ରଥମେ ଭଗବାନ ସୁଦର୍ଶନ ଆସି ସୁଭଦ୍ରାଙ୍କ ରଥରେ ଅବସ୍ଥାନ କରନ୍ତି। ମନ୍ଦିରର ସାତଟି ପାହାଚ ସୁଦର୍ଶନ ପାରିହେବା ପରେ ବଳଭଦ୍ରଙ୍କ ମୂର୍ତିକୁ ରଥକୁ ଅଣାଯାଏ। ପୂର୍ବୋକ୍ତ ରୀତିରେ କ୍ରମାନ୍ୱୟରେ ସୁଭଦ୍ରା ଓ ଜଗନ୍ନାଥଙ୍କର ପହଣ୍ଡି ବିଜେ କରାଯାଏ।

ଠାକୁରମାନଙ୍କ ରଥାରୋହଣ ପରେ ଠାକୁରଙ୍କର ପରମ ସେବକ ଉତ୍କଳର ଗଜପତି ରଥ ଉପରେ ଠାକୁରଙ୍କର ଚତୁଃପାର୍ଶ୍ୱ ସୁନାଖଡିକାରେ ଓଳାଇ ଚନ୍ଦନ ପାଣି ଛିଟିଂଦିଅନ୍ତି। ଏହାକୁ ଛେରାପହଂରା କହନ୍ତି। ଏହାର ଦୃଶ୍ୟ ଉପଭୋଗ୍ୟ ଓ ପ୍ରାଣସ୍ପର୍ଶୀ। ଛେରାପଂହରା ଶେଷରେ ରଥଟଣା କାର୍ଯ୍ୟ ଆରମ୍ଭ ହୁଏ। ଶକ୍ତ ଓ ଲମ୍ବ ଦଉଡି ତିନିରଥରେ ବନ୍ଧାଯାଇଥାଏ। ଦର୍ଶନଲିପ୍ସୁ ଅଗଣିତ ନରନାରୀ ନିର୍ଦ୍ଦେଶ ପାଇବା ପରେ ରଥ ଦଉଡି ଟାଣନ୍ତି। କ୍ରମାନ୍ୱୟରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ଟଣାହୁଏ। ରଥ ଦଉଡି ଟାଣିଲେ ବା ସ୍ପର୍ଶ କଲେ କୋଟି ଜନ୍ମର ଦୁଷ୍କୃତି ଦୂରହୁଏ ବୋଲି ଲୋକଙ୍କର ବିଶ୍ୱାସ। ସୁପ୍ରଶସ୍ତ ବଡଦାଣ୍ଡରେ ରଥ ଚାଲେ ନୀଳସାଗରରେ ପୋତଭଳି। ସେ ଦୃଶ୍ୟ ଦୁର୍ଲ୍ଲଭ। ଭାବବିଭୋର ହୋଇ କବି ଗାଇ ଉଠିଛନ୍ତି:-

"ପ୍ରମୋଦଜଳଧୌ ନିମଜ୍ଜତିମନଃ ଜଳାର୍ଦ୍ରାଦୃଶଃ
କଦମ୍ବକୁସୁମଶ୍ରିୟଂ ହରତି ବର୍ଷ୍ମ ବଦ୍ଧୋଞ୍ଜଳିଃ
ପ୍ରଧାବତି ଜୟଧ୍ୱନିର୍ନିପତିତଃ ଶିରୋ ଭୂତଳେ
ସ କୋପି ସମୟକ୍ରିୟାଅତି ବିଚିତ୍ରଚିତ୍ରୟଂ ମହଃ"।

ବଡଦାଣ୍ଡରେ ରଥରେ ଭକ୍ତମାନଙ୍କ ତରଫରୁ ନିଃସଙ୍ଖୁଡି ଭୋଗ କରାଯାଏ। ମାଉସୀ ମା' ବା ଅର୍ଦ୍ଧାଶନୀ ମନ୍ଦିର ନିକଟରେ ଜଗନ୍ନାଥଙ୍କ ରଥ କିଛି ସମୟ ଅଟକେ। ସେଠାରେ ପୋଡପିଠା ଭୋଗ ହୁଏ। ଏହାପରେ ବଳଗଣ୍ଡି ବା ଶରଧାବାଲି ନିକଟରେ ଜଗନ୍ନାଥଙ୍କ ରଥ ଅପେକ୍ଷା କରେ। ରାଜା ବଳି ଜଗନ୍ନାଥଙ୍କୁ ଦର୍ଶନ କରିବାର ଜନଶ୍ରୁତି ଅଛି। ରଥତ୍ରୟ ସନ୍ଧ୍ୟାସୁଦ୍ଧା ଗୁଣ୍ଡିଚା ମନ୍ଦିର ନିକଟରେ ପଂହଚେ। ରାତିଟି ତିନି ଠାକୁର ରଥରେ କଟାଇବା ପରେ ପରଦିନ ପହଣ୍ଡି ହୋଇ ଗୁଣ୍ଡିଚା ମନ୍ଦିରସ୍ଥ ରତ୍ନସିଂହାସନରେ ବିଜେ ହୁଅନ୍ତି। ସାତଦିନ ସେଠାରେ ପ୍ରଭୁ ପୂଜା ପାଆନ୍ତି। ନବମ ଦିନ ତିନିଠାକୁରଙ୍କୁ ରଥରେ ବସାଇ ସିଂହଦ୍ୱାର ନିକଟକୁ ଅଣାଯାଏ। ଏହାକୁ ବାହୁଡାଯାତ୍ରା କହନ୍ତି। ଏକାଦଶୀ ଦିନ ରଥରେ ତିନି ଠାକୁରଙ୍କର ସୁନାବେଶ ହୁଏ। ତା'ପରଦିନ ରତ୍ନସିଂହାସନରେ ଠାକୁରମାନଙ୍କର ଅର୍ଚ୍ଚନା କରାଯାଏ।

ହିନ୍ଦୁମାନଙ୍କର ଗର୍ବ ଓ ଗୌରବର ଦେବତା ଜଗନ୍ନାଥଙ୍କର ରଥଯାତ୍ରାର ଆଦର୍ଶ ଓ ମହତ୍ୱ ଆକାଶ ପରି ଅନନ୍ତ ଓ ସାଗର ପରି ଗଭୀର। ବିଶ୍ୱକଲ୍ୟାଣ ଲାଗି ଜଗନ୍ନାଥ ଦାରୁ ଦେହରେ ଶ୍ରୀପୁରୁଷୋତମ ନାଁରେ ବିଜେ କରିଛନ୍ତି। ଜଗତର ହିତ,ପତିତ ଉଦ୍ଧାର ଓ ପାପୀଙ୍କର ପାପମୋଚନ ରଥଯାତ୍ରାର ବୈଶିଷ୍ଟ୍ୟ। ରଥରେ ରଥାରୋହୀ ଜଗନ୍ନାଥଙ୍କୁ ଦର୍ଶନ କଲେ ବ୍ୟକ୍ତିର ନିର୍ବାଣ ପ୍ରାପ୍ତି ହୁଏ। ଶ୍ରୀହର୍ଷ କହିଛନ୍ତି:-

"ଦୋଳେ ଚ ଦୋଳଗୋବିନ୍ଦଂ ଚାପେ ଚ ମଧୁସୂଦନଂ
ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ"।

ଗୁଣ୍ଡିଚା ମନ୍ଦିରଗାମୀ ରଥସ୍ଥ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କୁ ଦର୍ଶନ କଲେ ବିଷ୍ଣୁଲୋକ ପ୍ରାପ୍ତି ହୁଏ ବୋଲି ବ୍ରହ୍ମପୁରାଣରେ ଉଲ୍ଲେଖ ଅଛି। ବ୍ୟକ୍ତି ଯେତେ ବଡ ହେଲେ ମଧ୍ୟ ଭଗବାନଙ୍କର ସେ ସେବକ ଓ ଦାସ। ରାଜଧର୍ମ ସେବାପାଇଁ ଉଦ୍ଦିଷ୍ଟ। ଉତ୍କଳ ଗଜପତିଙ୍କର ରଥ ଛେରାପଂହରା ଏହି ଆଦର୍ଶ ପ୍ରଚାର କରେ। ସବଧର୍ମର ସମନ୍ୱୟ ଓ ଜାତିଭେଦର ନିରାକରଣ ରଥଯାତ୍ରାର ଅନ୍ୟତମ ମହତ୍ୱ। ସାମ୍ୟ, ମୈତ୍ରୀ ଓ ପ୍ରୀତିର ଆଦର୍ଶ ରଥଯାତ୍ରାରେ ନିହିତ। ତିନିରଥର ଚକସଂଖ୍ୟା ମୋଟରେ ବୟାଳିଶ। ଗୁଣ୍ଡିଚା ଓ ବାହୁଡା ଉଭୟ ଦେଖିଲେ ଚଉରାଶୀ ଚକ ଦେଖିବାକୁ ହୁଏ। ଫଳରେ ଚଉରାଶୀ ନରକରୁ ଉଦ୍ଧାର ମିଳେ।

ଓଡିଆ ଲିଖିତ ସାହିତ୍ୟ ସୃଷ୍ଟି ହେବା ପରଠାରୁ ପୁରାଣ, ଭଜନ, ଜଣାଣ ଓ ଚଉତିଶା ପ୍ରଭୃତିରେ ଜଗନ୍ନାଥ ଓ ତାଙ୍କର ରଥଯାତ୍ରା ପ୍ରସଙ୍ଗ ଉଲ୍ଲିଖିତ ହୋଇଛି। କବି ସାଲବେଗ ସ୍ୱୀୟ ରଚନାରେ ରଥଯାତ୍ରାର ଅବତାରଣା କରିଛନ୍ତି।

"ରଥ ଚାରି ପାଶେ ଲମ୍ବେ ମୁକୁତାର ଝରା
ଝଲମଲ ଦିଶୁଥାଇ ପ୍ରଭୁ ଚକାଡୋଳା।
ଆଗେ ଚାଲେ ବଳଭଦ୍ର ମଧ୍ୟେ ଚାନ୍ଦମୁହାଁ
ପଛେ ଆସୁଛି କାଳିଆ ଗହଳ ଲଗାଇ"।

ଭକ୍ତକବି ହାଡିଦାସ ରଥଯାତ୍ରା ଦର୍ଶନରୁ ବଂଚିତ ହୋଇ ଜଗନ୍ନାଥଙ୍କ ନିକଟରେ ଯେଭଳି ଆତ୍ମ ନିବେଦନ ପ୍ରଖ୍ୟାପନ କରିଛନ୍ତି ତାହା ଅନନ୍ୟ ସାଧାରଣ।

"ହେ ପ୍ରଭୁ କଳାଶ୍ରୀମୁଖ, ତୁମ ରଥଯାତ ଦେଖି ନ ପାରିଲି ଦେବାରୁ ଦାରୁଣ ଦୁଃଖ"।

ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ, ସଦାନନ୍ଦ,ଗୌରଚରଣ, ଯଦୁମଣି,ଆର୍ତଦାସ ଆଦି ପ୍ରାଚୀନ କବି ଓ ଆଧୁନିକ ଯୁଗର କବିମାନେ ମଧ୍ୟ ଜଗନ୍ନାଥଙ୍କ ରଥଯାତ୍ରା ବର୍ଣ୍ଣନାରେ ଶତଜିହ୍ୱ ହୋଇଛନ୍ତି।

ରଥଯାତ୍ରା କେବଳ ଜଗନ୍ନାଥଙ୍କ ଘୋଷଯାତ୍ରା ନୁହେଁ, ଏହା ବିଶ୍ୱମାନବର ଜୟଯାତ୍ରା। ଏହା ଉତ୍କଳୀୟ ସଂସ୍କୃତିର ଗର୍ବଗୌରବର ପ୍ରତୀକ। ଜଗନ୍ନାଥ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସଙ୍ଗରେ ନେଇ ଯାତ୍ରା କରିବା ପାରିବାରିକ ବନ୍ଧନ ତଥା ଭ୍ରାତୃତ୍ୱର ସୂଚନା ଦିଏ। ଏଥିରେ ବିଶ୍ୱ ସଂସ୍କୃତି ସମ୍ମିଳିତ ହୋଇଛି। ହିନ୍ଦୁ ସମାଜ ପ୍ରାଣଭରି ଏ ଉତ୍ସବକୁ ସ୍ୱାଗତ କରେ। ବିରାଟତା କେବଳ ରଥଯାତ୍ରାର ବୈଶିଷ୍ଟ୍ୟ ନୁହେଁ, ମହାନତା ଏହାର ନିର୍ଯ୍ୟାସ। ଅପୂର୍ବ ମାନବପ୍ରୀତିର ଏହା ଦୃଷ୍ଟାନ୍ତ। ମାତ୍ର ଚଳିତ ବର୍ଷର ରଥଯାତ୍ରା ଏକ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଯେଉଁ ଭକ୍ତମାନଙ୍କୁ ନେଇ ଭକ୍ତ ବିନୋଦିଆ ନୀଳ କନ୍ଦରରୁ ଓହ୍ଲାଇ ଆସି ବାମନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବା ସହ କୋଟି କୈବଲ୍ୟ ପ୍ରାପ୍ତି କରାଇ ଭକ୍ତମାନଙ୍କର ସକଳ ପାପ ଦାପକୁ ହରଣ କରିଥାନ୍ତି, ଆଜି ସେ ଭକ୍ତବାନ୍ଧବ ତାଙ୍କ ଭକ୍ତମାନଙ୍କର କାର୍ଯ୍ୟକଳାପରେ ଏଭଳି ବିତସ୍ପୃହ ହୋଇଯାଇଛନ୍ତି ଯେ, କରୋନା ଭଳି ମହାମରୀ କବଳରୁ ତାଙ୍କ ଓ ଭକ୍ତଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅବେଧ ପାଚେରୀକୁ ଲଂଘନ କରିବା ନା ଭଗବାନ ଚାହୁଁଛନ୍ତି, ନା ଭକ୍ତ ନିଜର ଅନ୍ତରାତ୍ମାରୁ ଏଭଳି ଆହ୍ୱାନ ଦେଇପାରୁନି, ଫଳରେ ଆଜିର ରଥଯାତ୍ରା ଭକ୍ତ ବିହୀନର ରଥଯାତ୍ରା ହୋଇ ଇତିହାସରେ ରହିବ। ତଥାପି ପ୍ରଭୁ କରୁଣାମୟ ନିଜ ଭକ୍ତମାନଙ୍କ ପ୍ରତି ଆଶିଷ ପ୍ରଦାନ କରି ଏହି ମହାମାରୀ ସଙ୍କଟରୁ ଉଦ୍ଧାର କରିବେ ବୋଲି ଏହି ନଗଣ୍ୟ ଲେଖକର ବିଶ୍ୱାସ।

ସ୍ତମ୍ଭକାର ତଥା ସାମ୍ବାଦିକ,ଖୋର୍ଦ୍ଧା ମୋ ନଂ-୬୩୭୦୬୭୫୫୬୨

# 'ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ'

## ଦେବଦତ୍ତ ବିଶ୍ୱାଳ

ଧର୍ମ ଶବ୍ଦକୁ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଅର୍ଥ ଅର୍ଥାନ୍ତର କରି ବ୍ୟବହାର କରିଥାନ୍ତି। ବୁଝାମଣା ଅଭାବରେ ମତାନ୍ତର ସୃଷ୍ଟି ହୁଏ। ଧର୍ମ ନାମର ନାନା ଅଘଟଣ ମଧ୍ୟ ଘଟିଥାଏ। 'ଧୃ' ଧାତୁରୁ ଧର୍ମ ଶବ୍ଦ ସୃଷ୍ଟ ହୋଇଛି। ଯାହା ଧରି ରଖିଛି ତାହା ହିଁ ଧର୍ମ। ମହାନାରାୟଣୋପନିଷଦ୍‌ରେ କୁହାଯାଇଛି, 'ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା' ଅର୍ଥାତ୍ ଧର୍ମ ହିଁ ସମସ୍ତ ସଂସାର ପ୍ରତିଷ୍ଠାର ମୂଳ କାରଣ। ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି ଯେ ପ୍ରାଣ ଉପରେ ସଂକଟ ଆସିଲେ ମଧ୍ୟ ଧର୍ମ ପଥରୁ ବିଚ୍ୟୁତ ହେବା ଉଚିତ ନୁହେଁ। ମହାଭାରତ ଯୁଦ୍ଧ ସମୟରେ ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କ ପାଖକୁ ଯାଇ ବିଜୟୀ ହେବାର ଆଶୀର୍ବାଦ ମାଗିଲେ।

ଗାନ୍ଧାରୀ ଧର୍ମକୁ ବୁଝିବା ଭଳି ଜ୍ଞାନୀ ମହିଳା ଥିଲେ। ଦୁର୍ଯ୍ୟୋଧନ ବିଜୟ ପ୍ରାପ୍ତି ପାଇଁ ଆଶୀର୍ବାଦ ମାଗନ୍ତେ, ଗାନ୍ଧାରୀ କହିଲେ, 'ଯତୋ ଧର୍ମସ୍ତତୋ ଜୟଃ'। ଅର୍ଥାତ୍ ଯେଉଁଠି ଧର୍ମ, ସେଇଠି ହିଁ ବିଜୟ। ଯୁଦ୍ଧରେ ଗାନ୍ଧାରୀଙ୍କ ସବୁ ପୁତ୍ର ପ୍ରାଣ ହରାଇଲେ। ଧର୍ମଜ୍ଞ ହୋଇଥିଲେ ସୁଦ୍ଧା ସେ ଜଣେ ମା' ଥିଲେ। ପୁତ୍ର ଶୋକରେ ତାଙ୍କ ହୃଦୟ ସନ୍ତପ୍ତ ହୋଇଉଠିଲା। କୌରବଙ୍କ ବିନାଶ ପରେ ଯୁଧୀଷ୍ଠିର ଅନ୍ୟ ପାଣ୍ଡବଙ୍କ ସମେତ ମାତା ଗାନ୍ଧାରୀଙ୍କୁ ସମବେଦନା ଜଣାଇବାକୁ ଆସିଲେ। ସେଠାରେ ମହର୍ଷି ବ୍ୟାସ ମଧ୍ୟ ଉପସ୍ଥିତ ଥିଲେ। ଗାନ୍ଧାରୀ ପାଣ୍ଡବଙ୍କୁ ଦେଖିବା କ୍ଷଣି ନିଜ ପୁତ୍ରଙ୍କ କଥା ମନେ ପକାଇବା ସହ ଧୈର୍ଯ୍ୟ ହରାଇ କ୍ରୋଧିତ ହୋଇଉଠିଲେ। ମହର୍ଷି ବ୍ୟାସ ଜାଣିପାରିଲେ ଯେ ଗାନ୍ଧାରୀ ପାଣ୍ଡବମାନଙ୍କୁ ଅଭିଶାପ ଦେବାକୁ ତତ୍ପର ହୋଉଠିଛନ୍ତି। ସେ କହିଲେ, ଗାନ୍ଧାରୀ, ଶାନ୍ତ ହୋଇଯାଅ। ତୁମେ ଧୈର୍ଯ୍ୟହରା ହୋଇ ପାଣ୍ଡବଙ୍କ ଉପରେ କ୍ରୋଧିତ ହୁଅନାହିଁ। ଆଶୀର୍ବାଦ ମାଗିବ ସମୟରେ ତୁମେ ଦୁର୍ଯ୍ୟୋଧନକୁ, ଧର୍ମର ହିଁ ଜୟ ହେବ ବୋଲି କହିଥିଲ। କ'ଣ ପାଣ୍ଡବଙ୍କ ବିଜୟ ପରେ ଧର୍ମର ବିଜୟ ନେଇ ତୁମ ମନରେ କୌଣସି ସନ୍ଦେହ ରହିଛି ? ଏହା ଶୁଣି ଗାନ୍ଧାରୀ ଶାନ୍ତ ହୋଇଗଲେ। ତେଣୁ ପ୍ରକୃତ ଧର୍ମ ଶିକ୍ଷା ଦିଏ ଉତ୍ତମ ଆଚରଣ କରିବା ପାଇଁ ଦୟାଶୀଳ ହେବା ପାଇଁ, ସହନଶୀଳ ହେବା ପାଇଁ। ଧର୍ମର ବିସ୍ତୀର୍ଣ୍ଣ ପ୍ରାଙ୍ଗଣରେ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଶାନ୍ତିପ୍ରଦ ସୁନ୍ଦର ଆଶ୍ରୟସ୍ଥଳ। ମଣିଷକୁ ସଦଭାବନା, ସତଶିକ୍ଷା ଦେବାର ଉତ୍କୃଷ୍ଟ କେନ୍ଦ୍ର। ସେ ପବିତ୍ର ପୀଠରେ ବସି ରହି ଆମକୁ ପ୍ରାର୍ଥନା କରିବାକୁ ହେବ - 'ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ, ଭସାଅ ପରାଣ ମୋର, ତବ ପ୍ରେମ ସ୍ରୋତେ। ପ୍ରଭୋ! ପରମ ଶରଣ ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ।'

ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୫୯୪
E-mail : deba1976biswal@gmail.com



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସଡକ ଦୁର୍ଘଟଣାରେ ଜଣେ ମୃତ

କରଞ୍ଜିଆ,୦୭/୦୬(ମହାଭାରତ) : ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା କପିପଦା ରାସ୍ତା ବିଧାଧର ନୂଆଁସାହି ବାଙ୍କ ନିକଟ ରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଘଟେ । ଆପ୍ରଚ ଖୁଣ୍ଟ ରେ ପିଟି ହୋଇ ଜଣଙ୍କ ର ମୃତ୍ୟୁ ହୋଇଥିଲା ବେଳେ ଦୁଇ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ରୁ ପ୍ରକାଶ ଯେ ମୃତକ ଜଣକ ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ର ଦିଲ୍ଲିଗଞ୍ଜ ଗାଁ ର ଗଡାସାହିର ରାଉତ ପିଙ୍ଗୁଆ ର ପୁଅ ଜୟରାମ ପିଙ୍ଗୁଆ (୩୨) ବୋଲି ଜଣାପଡିଛି । ଗୁରୁତର ଦୁଇ ଜଣ ସେହି ଗ୍ରାମର ରାମ କାଣ୍ଡେଙ୍କାଲ (୨୭), ଓ ଦେବ ଖୁଣ୍ଟିଆ ୨୫ ବୋଲି ଜଣାପଡିଛି । କୌଣସି କାମରେ ଠାକୁରମୁଣ୍ଡି ବଜାର ଆସି ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଦିଗଧର ନୂଆଁସାହି ବାଙ୍କ ନିକଟ ରେ ଅପ୍ରଚ ଖୁଣ୍ଟ ରେ ବାଡେଇ ହୋଇଥିଲା କ୍ଷ ଘଟଣା ସ୍ଥଳରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ଡାକ୍ତର ଜଣଙ୍କୁ ମୃତ ଘଷଣା କରିଥିବା ବେଳେ ଦୁଇଜଣ ଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ କୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରିଛନ୍ତି । ଠାକୁରମୁଣ୍ଡା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି ।

## ଆଡ଼କଟାରେ ୫ ଜି ନେଟୱାର୍କ ପାଇଁ ଦାବୀ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ଆଡକଟା ପଞ୍ଚାୟତରେ ଏକମାତ୍ର ଜିଓ ଟାୱାର ନିର୍ମାଣ କରାଯାଇଥିବା ବେଳେ ଉକ୍ତ ଟାୱାରର ନେଟ୍ ୱାର୍କ ୪ଜି ରହିଥିବାରୁ ଅନେକ ସମୟରେ ନେଟୱାର୍କ୍ ରହୁନଥିବା ଅଭିଯୋଗ ହେଉଅଛି । ଜିଓ ର ୪ଜି ନେଟ ୱାର୍କ୍ ଯୋଗୁଁ ଏଠାରେ ଅନେକ ସମୟରେ ଇଣ୍ଟରନେଟ ସେବା ବାଧାପ୍ରାପ୍ତ ହେଉଛି । ଉକ୍ତ ପଞ୍ଚାୟତରେ ଉଚ୍ଚବିଦ୍ୟାଳୟ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ , ବନମାଳୀ ବାରୀକୀ ମହାବିଦ୍ୟାଳୟ , ରାଜସ୍ୱ ବିଭାଗ କାର୍ଯ୍ୟାଳୟ , ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ , ଓ ବ୍ୟାଙ୍କ ସେବା ଭଳି ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଥିବା ଯୋଗୁଁ ଇଣ୍ଟରନେଟ ସେବା ଉପରେ ସମସ୍ତେ ନିର୍ଭର କରି ଚଳିଥାଆନ୍ତି । ମାତ୍ର ଏଠାରେ ନିର୍ମାଣ କରାଯାଇଥିବା ଜିଓ ଟାୱାର ୪ଜି ହୋଇଥିବା ଯୋଗୁଁ ଇଣ୍ଟରନେଟ ସେବାରେ ବାଧା ସୃଷ୍ଟି ହେଉଥିବାରୁ ଛାତ୍ର ଛାତ୍ରୀମାନେ ଅନଲାଇନ୍ କାର୍ଯ୍ୟ ଓ ବିଭିନ୍ନ ସରକାରୀ ଯୋଜନାର ନେଟୱର୍କ ସେବା ସଫଳ ରୂପାୟନ ପାଇଁ ଜନସାଧାରଣଙ୍କ କାର୍ଯ୍ୟରେ ବାଧା ଉପୁଜୁଛି । ଇଣ୍ଟରନେଟ ସେବା ବର୍ତ୍ତମାନ ଏକ ଅତ୍ୟାଧୁନିକ ଦୁନିଆରେ ବହୁଳ ବ୍ୟବହାର ଯୋଗୁଁ ଏହାକୁ ୪ଜି ପରିବର୍ତ୍ତେ ୫ଜି ଇଣ୍ଟରନେଟ ସେବା ଯୋଗାଇଦେବା ନିମନ୍ତେ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଅଛି ।

## ପଞ୍ଚାୟତ ଅଫିସ ଗୃହରେ ଗଡୁଛି ମଦ ବୋତଲ

ହାଟଡିହି, (ମହାଭାରତ): ହାଟଡିହି ବ୍ଲକ ର ନଦୀ କୂଳିଆ ଅଞ୍ଚଳ ବୋଲି ସବୁ ବେଳେ ଅଧିକାରୀ ଙ୍କ ଠାରୁ ବ୍ଲକ ପ୍ରଶାସନ ତତ୍ପର। ହେଲେ ପଞ୍ଚାୟତ ଅଫିସ ଟିରେ ଲୋକ ଙ୍କ ସମସ୍ୟା ଶୁଣିବା ବଦଳରେ ଚାଲିଛି ଭୋଜି ର ଅସାର। ସନ୍ଧ୍ୟା ବେଳେ ପ୍ରତିଦିନ ଭୋଜି ହେବା ପାଇଁ ପଞ୍ଚାୟତ ରୁ ଏକ ଛୋଟ ଗ୍ୟାସ ଚୁଲା ରହିଥିବା ବେଳେ ଖାଇସାରି ଶୋଇବା କୁ କୋଭିଡ ଗଦୀ ରହିଛି ଏବଂ ଚାଖନ ସାଙ୍ଗକୁ ବିଦେଶୀ ବୋତଲ ମଧ୍ୟ ବ୍ୟବହାର ସରିବା ପରେ ସେଡି ଘର ତଳେ ପଡ଼ିଛି। ଏହାରି ମଧ୍ୟରେ ସରପଞ୍ଚ ଙ୍କ ସ୍ୱାମୀ ଏହି ଦାୟିତ୍ୱ ତୁଲାଉ ଥିବାରୁ ଏବେ ବାଲି ଘାଟ ରେ ଭଲ ରୋଜଗାର ହେଉଥିବାରୁ ବିଲ କୁଲ ପଞ୍ଚାୟତ ଆସୁନଥିବାରୁ ଲୋକନମଧ ଆସି ଫେରିଯିବାକୁ ପଡୁଛି। ଏହାରି ମଧ୍ୟରେ ଲୋକେ ଅନେକ ଅଭିଯୋଗ ମଧ୍ୟ କରିଥିଲେ। କେତେକ ପଞ୍ଚାୟତ କାର୍ଯ୍ୟାଳୟ ରୁ ହେଉଥିବା ବେଳେ ଆଉ କେତେକ ଅଧିକାରୀ ମନମୁଖୀ କାର୍ଯ୍ୟ ପାଇଁ ହେଉଛି। ପଞ୍ଚାୟତ ଅଧିକାରୀ ମଧ୍ୟ ବ୍ଲକ ରେ କାମ ସାରି ସୁବିଧା ସୁଯୋଗ ଦେଖି ଯାଇ ଭତା ଟଙ୍କା ପ୍ରଦାନ କରି କାମ ସାରୁଛନ୍ତି । ଏଭଳି କ୍ଷେତ୍ରରେ ଗେଡମା ପଞ୍ଚାୟତ କାର୍ଯ୍ୟାଳୟ କୁ କ୍ଲବ କରି ମଦ ମାଂସ ଭୋଜି ପାଇଁ କଣ ଏହା ହୋଇଥିଲା କି। ଆସିଥିବା ସରପଞ୍ଚ ଙ୍କୁ ଲୋକେ ଏଥି ପାଇଁ ଚୟନ କରିଥିଲେ କି, ଲୋକଙ୍କ ବସିବା ଉଠିବା ତ ଦୂରର କଥା , ଖରା ଦିନରେ ପିଇବା ପାଣି ଟିକେ ବି ସୁବିଧା ସୁଯୋଗ ନଥିବାରୁ ସେହି ପଞ୍ଚାୟତ ର ଲୋକମାନେ ଏହାର ବାସ୍ତବ ତା ପ୍ରକାଶ କରିଛନ୍ତି।

## ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗୀୟ ମନ୍ତ୍ରୀଙ୍କ ଦିନିକିଆ ଗଜପତି ଜିଲ୍ଲା ଗସ୍ତ

ଗଜପତି, (ମହାଭାରତ) : ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ଗଜପତି ଜିଲ୍ଲା ଦିନିକିଆ ଗ୍ରସ୍ତରେ ଆସି କାଶୀନଗର ବ୍ଲକ ଅନ୍ତର୍ଗତ ଶିଆଳି ଗ୍ରାମ ପଞ୍ଚାୟତ ଓ ଅଲଡା ଗ୍ରାମ ପଞ୍ଚାୟତର ସ୍ଥିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରି ହେଉଥିବା ଅମୃତ ସରୋବର ଯୋଜନାରେ ବୃକ୍ଷ ରୋପଣ ଦେଖିବା ସହିତ ସ୍ଥାନୀୟ ହିତାଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଖଣ୍ଡଭା ଗ୍ରାମ ପଞ୍ଚାୟତ ସ୍ଥିତ ପାଲାସିଂ ଠାରେ ନିର୍ମିତ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ବୁଲି ଦେଖିବା ସହ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ଓ ତୁରନ୍ତ କାମ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିକଶିତ ଗାଁ ବିକଶିତ ଓଡ଼ିଶାର ୧୧ ଗୋଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ କ୍ଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମାନ୍ୟବର ବିଧାୟକ ମୋହନା ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ , ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀ ଏନ.ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ସେହିପରି ପଡି ରହିଥିବା ଅନ୍ୟ ସମସ୍ତ କାମକୁ ତୁରନ୍ତ ସାରିବା ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ତାଲିମ୍ ନେଇ ସାରିଥିବା ୧୮ ଜଣ ଛାତ୍ରୀମାନଙ୍କୁ ମାନ୍ୟବର ମନ୍ତ୍ରୀ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ ।

## ସ୍ୱାମୀଙ୍କ ଦଶାହ କ୍ରିୟା କର୍ମ ଦିନ ତାଙ୍କ ସ୍ତ୍ରୀ ସର୍ପାଘାତରେ ମୃତ୍ୟୁ

ରାଇରଙ୍ଗପୁର – ସ୍ୱାମୀଙ୍କ ଦଶାହ କର୍ମ କ୍ରିୟା ଦିନ ସ୍ତ୍ରୀ ର ସର୍ପାଘାତରେ ମୃତ୍ୟୁ ଘଟଣା ପରିବାର କୁ ଦୁଃଖ ଦେଇଛି । ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଯାହା ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ କାଦପାଣି ଗ୍ରାମରେ ଘଟିଛି । ସୂଚନା ମୁତାବକ ଦଶ ଦିନ ପୂର୍ବରୁ ସ୍ୱାମୀ ଦେବାଶିଷ ମୁଣ୍ଡା ହୃଦଘାତରେ ମୃତ୍ୟୁ ବରଣ କରିଥିବା ବେଳେ ଆଜି ତାର ଦଶାହ କାର୍ଯ ରହିଥିଲା । କିନ୍ତୁ ରାତି ପାଇଲା ବେଳକୁ ରାତ୍ରିରେ ଶୋଇଥିବା ଅବସ୍ଥାରେ ସ୍ତ୍ରୀ ରାନୀ ମୁଣ୍ଡାଙ୍କୁ ବିଷାକ୍ତ ସାପ କାମୁଡି ଦେଇଥିବାରୁ ମଣଦା ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଶୋଇ ସ୍ୱାସ୍ଥ କେନ୍ଦ୍ରକୁ ନେଇ ଯାଇଥିବା ବେଳେ ଡାକ୍ତରସେଠାରେ ତାଙ୍କୁ ମୃତ ଘଷଣା କରିଥିଲେ ।ଏହା ପରେ ଶବ୍ୟବଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନା କୁ ଅଣା ଯାଇଥିଲା, ଶବ୍ୟବଛେଦ ପରେ ପରିବାର ଲୋକେ ଶବ ଟିକୁ ଘରକୁ ନେଇ ଯାଇଥିଲେ ।ତେବେ ଏହି ଦୁଃଖଦ ଘଟଣାରେ ପରିବାର ସମେତ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଅନାଥ ହୋଇ ଗଲେ ଆଠ ବର୍ଷର ପୁଅ ଓ ଚାରି ବର୍ଷର ଝିଅ । ବର୍ତ୍ତମାନ କିଭଳି ଅନାଥ ଶିଶୁଙ୍କୁ ଭରଣ ପୋଷଣ ଓ ଭବିଷ୍ୟତ ଗଢା ହେବ ସେ ଚିନ୍ତାରେ ଜେଜେ ବାପା ।ସରକାର ଯଦି ଅନାଥ ଦୁଇ ଶିଶୁଙ୍କ ପାଇଁ ସହାୟତାର ହାତ ବଢାନ୍ତି ହେଲେ ଅନାଥ ଶିଶୁଙ୍କ ଭବିଷ୍ୟତ ଗଢା ହୋଇ ପାରିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।ଏନେଇ ବିଶୋଇ ପୋଲିସ ୮/ ୨୫ ରେ ଅପମୃତ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

# ବେଆଇନ ପଥର ଖଣିରେ ଚଢ଼ଉ, ୩ ଗିରଫ

ନୟାଗଡ଼, (ମହାଭାରତ) : ବର୍ଷ ବର୍ଷ ଧରି ଜଙ୍ଗଲ ଭିତରେ ବେଆଇନ ଭାବେ ପାହାଡ଼ ଫଟେଇ ପଥର ଲୁଟୁଥିଲେ। ସମସ୍ତେ ସବୁ ଜାଣି ମଧ୍ୟ ଚୁପ୍ ରହୁଥିଲେ। ମାତ୍ର ହଠାତ୍ ଟାଉନ ଥାନା ପୁଲିସ ଓରଣା ଜଙ୍ଗଲରେ ଚଢ଼ଉ କରି ଏହି ବେଆଇନ କାରବାରର ପର୍ଦ୍ଦାଫାଶ କରିଛି। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ତିନି ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଲାଙ୍ଗିବନ୍ଧ ଗାଁର ଖଳିଆ ଜେନା, ଡିଆଁପଡ଼ାର ସୁଧୀର କୁମାର ମିଶ୍ର ଓ ବ୍ରାହ୍ମଣଦେଇ ଗାଁର ଆକାଶ ପ୍ରଧାନ। ଏହା ସହ ଉକ୍ତ ଖଣିରେ ବ୍ୟବହାର ହେଉଥିବା ପ୍ରୋକଲିନ, ଟ୍ରାକ୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ମାତ୍ର ଏହି ବେଆଇନ କାରବାର ସମ୍ପର୍କରେ ଖଣି ବିଭାଗ କେମିତି ଜାଣିପାରୁନଥିଲା, ଏହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟାଉନ ଥାନା ଇନ୍ସପେକ୍ଟର ରଶ୍ମି ରଞ୍ଜନ ମହାପାତ୍ରଙ୍କ ସୂଚନା ମୁତାବକ, ଭାଟସାହିର ଜିତେନ୍ଦ୍ର କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଥର ଖଣି ଚାଲୁଥିଲା। ଏହା ସହ ଏହି ବେଆଇନ ଖଣିରେ ଗିରଫ ହୋଇଥିବା ତିନି ଜଣ ସହଯୋଗ କରୁଥିଲେ। ଏହି ଖଣି ଚାଲୁ କରିବା ପାଇଁ ବିଭାଗର ଅନୁମତି ଆଦୌ ନଥିଲା। ମାତ୍ର ସମସ୍ତଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଏମାନେ ଏହି ଖଣି ଚାଲୁ ରଖୁଥିଲେ। ପାହାଡ଼କୁ ରୀତିମତ ଭାବରେ ଏମାନେ ଫଟେଇ ଟ୍ରିପ୍ ଟ୍ରିପ୍ ପଥର ଉତ୍ତୋଳନ କରୁଥିଲେ। ପରେ ଏହାକୁ ସେମାନେ ବେଶ୍ ଉଚ୍ଚା ଦରରେ ବିକ୍ରି କରି ମାଲାମାଲ ହୋଇଛନ୍ତି। ବିପଜ୍ଜନକ ବିସ୍ଫୋରକ ବ୍ୟବହାର କରି ଏହି କାର୍ଯ୍ୟ କରୁଥିଲେ। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନଥିଲେ। ଏମିତିକି ଟାଉନ ଥାନା ପୁଲିସ ସେଠାରେ ପହଞ୍ଚି ଚଢ଼ଉ କରିବ ବୋଲି ସେମାନେ ଚିନ୍ତା କରିନଥିଲେ। ମାତ୍ର ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ପୁଲିସ ଏହି ଖଣିକୁ ନଜରରେ ରଖିଥିଲା। ଆଜି ସେଠାରେ ବହୁଳ ମାତ୍ରାରେ ପଥର ଉତ୍ତୋଳନ କରାଯାଉଥିବା ଖବର ପାଇ ଥାନାର ଅତିରିକ୍ତ ଇନ୍ସପେକ୍ଟର ଶ୍ରୀକାନ୍ତ ପଣ୍ଡା ଓ ଅନ୍ୟମାନେ ସେଠାରେ ଚଢ଼ଉ କରିଥିଲେ। ଏପଟେ ଜିଲ୍ଲାରେ କୌଣସି ବେଆଇନ ଖଣିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଖଣି ବିଭାଗ ପକ୍ଷରୁ କୁହାଯାଉଛି। ମାତ୍ର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ହିଁ ଖଣି ବିଭାଗ ପକ୍ଷରୁ ଲୋକ ଦେଖାଣିଆ ଚଢ଼ଉ କରାଯାଉଛି। କିଛି ଦିନ ତଳେ ଏମିତି ଢଙ୍ଗରେ ଓଡ଼ଗାଁ ତହସିଲ ଅଧୀନ କୋମଣ୍ଡ ଏବଂ ଆଜି ଓରଣା ଜଙ୍ଗଲରେ ଚାଲିଥିବା ବେଆଇନ ଖଣି, ବିଭାଗ ଅସଲ ଚେହେରାକୁ ପଦାକୁ ଆଣିଛି। କେବଳ ଏହି ଦୁଇଟି ଖଣି ନୁହେଁ, ଜିଲ୍ଲାରେ ଏମିତି ଢଙ୍ଗରେ ସମସ୍ତ ତହସିଲ ଅଧୀନରେ କାରବାର ଚାଲିଛି। ଏମିତିକି ଖଣି ବିଭାଗ ଅଧୀନକୁ ଆସିନଥିବା ଅଞ୍ଚଳରେ ମଧ୍ୟ ଦିନରାତି ମାଫିଆ ମାନେ ପାହାଡ଼ ଫଟେଇ ପଥର ଲୁଟ୍ କରି ଚାଲିଛନ୍ତି। ଏ ଦିଗରେ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# କୃଷି ବିକଶିତ ସଂକଳ୍ପ ଅଭିଯାନ ଅନୁଷ୍ଠିତ




ବାଣପୁର, (ମହାଭାରତ): ବାଣପୁର ବ୍ଲକ ଅଧିନସ୍ଥ ଦେଓଗାଁ ଗ୍ରାମ ପଞ୍ଚାୟତ ଘାସଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୃଷକ ଭାଇ ଭଉଣୀ ନେଇ କୃଷି ବିକଶିତ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। କୃଷି କୃଷକର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟା ସରକାରଙ୍କ ମିଳିତ ଆନୁକୂଲ୍ୟରେ ବିଭିନ୍ନ ଜିଲ୍ଲାର ଆୟଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଏକ ଅନ୍ୟାନ ଉପକ୍ରମ। ଗବେଷଣା ଲବ୍ଧ କୃଷି ଜ୍ଞାନ କୌଶଳ ଚାଷୀ ମାନଙ୍କ ପାଖରେ ପହଂଚିବା ପାଇଁ ଏକ ଅଭିନବ ପ୍ରୟାସ।ଏହି କାର୍ଯ୍ୟକ୍ରମରେ କୃଷି ସଚେତନତା ଏବଂ କୃଷି ପରାମର୍ଶ ନିମନ୍ତେ କୃଷି ଜିଲ୍ଲା ଅଧିକାରୀ ଶ୍ରୀଯୁକ୍ତ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଏବଂ ବିଜ୍ଞାନ ଆଧାରିତ କୃଷି କରିବା ଉପରେ ଗୁରତ୍ୱରୋପ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱରା ବିଭିନ୍ନ ଯୋଜନାଗୁଡିକ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ବୈଜ୍ଞାନିକ ଜି. ଏସ. ସାହା ଓ ଅନ୍ୟତମ ବୈଜ୍ଞାନିକ ସରେନ୍ଦ୍ର ନାଥ ସିଂହ, ମତ୍ସ୍ୟଚାଷ ଆଲେଚନା କରିବା ସହ ଦକ୍ଷତା ବିକାଶ ତାଲିମର ମହତ୍ୱ ବିଷୟରେ ବୁଝାଇ ଥିଲେ ଓ ଡାଲି ଫସଲ ଉପରେ ଆଲେଚନା କରିବା ସହ ଅଧିକ ଅମଳ ପାଇଁ ନାନା ପ୍ରକାର କୌଶଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଚାଷୀ ଭାଇ ଭଉଣୀ ମାନେ ଓ ଦେଓଗାଁ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ରେଣୁବାଳା ଛୋଟେଇ, ସମାଜ ସେବୀ ଶରତ ଚନ୍ଦ୍ର ଛୋଟେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋରୀ ମେଳା

ସେମିଳିଗୁଡ଼ା:(ମହାଭାରତ) ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ପରଜା ମୁଠାଇ ପଞ୍ଚାୟତର ପାଟଖମରା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ପଞ୍ଚାୟତ ସ୍ତରୀୟ କିଶୋରୀ ବାଲ୍ୟବିବାହ ରୋକିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କିଶୋରୀ ମେଳା କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ସୁପରଭାଇଜର ହୀରାମଣି ସାନ୍ତା ଯୋଗଦେଇ କିଶୋରୀ ମାନଙ୍କୁ କିପରି ଆଗକୁ ସୁରକ୍ଷା ରହିବେ ତାହା ଉପରେ ଆଲୋଚନା କରିଥିଲେ। ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ,ନାରୀ ନିର୍ଯ୍ୟାତନା,ରକ୍ତ ହୀନତା, ଏହି ଉପରେ ଆଲୋଚନା କରାଯାଇଥିଲା ।ଅଳ୍ପ ବୟସରେ କିଶୋରୀ ବାଳିକା ମାନେ ବିବାହ କରିବା ଓ ସାନ ବୟସରେ ଶିଶୁ ଚାଲାଣ ହେବା ଦେଖିବାକୁ ମିଳୁଥିବାରୁ ଏହାକୁ ରୋକିବା ପାଇଁ କିଶୋରୀ ୧୦ ରୁ ୧୯ ବର୍ଷର ଝିଅ ମାନଙ୍କୁ ନେଇ ରକ୍ତ ହୀନତା,ଶିଶୁ ଚାଲାଣ, କିଶୋରୀ ମାନଙ୍କ ଉପରେ ସଚେତନତା କରାଯାଇଥିଲା ।ବାଲ୍ୟ ବିବାହ ରୋକିବା, ବାଲ୍ୟ ବିବାହ କମ ବୟସରେ ମା ଓ ଶିଶୁ ଜୀବନ ପ୍ରତି ବିପଦ ଥିବା ଏହି ବିଷୟରେ ସଚେତନତା ହେବା ଆବଶ୍ୟକ ବୋଲି ହୀରାମଣି ସାନ୍ତା ବୁଝାଥିଲେ ।ସେଥିପାଇଁ ଶିଶୁ ବିକାଶ ବିଭାଗ, ଶିଶୁ ସୁରକ୍ଷା ୟୁନିଟ ମିଳିତ ଭାବେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ସି ଏଚ ଓ ,(ଏ ଏ ନ ଏ ମ) ଉପସ୍ଥିତ ରହି କିଶୋରୀ କିଶୋରୀ ମାନଙ୍କୁ ସିକିସେଲ ଟେଷ୍ଟ କରାଯାଇଥିଲା।ସେମାନଙ୍କୁ ଉତ୍ସାହିତ ପାଇଁ ଖେଳ ପ୍ରତିଯୋଗିତା କାର୍ଯ୍ୟକ୍ରମ କରାଗଲା।ଏବଂ ପୁରସ୍କାର ବିତରଣ କରାଯାଇଥିଲା ।କିଶୋରୀ ମେଳାରେ ଯୋଗ ଦେଇଥିବା ସମସ୍ତ କିଶୋରୀ ମାନଙ୍କୁ ଟିଫିଂନର ବ୍ୟବସ୍ଥା କରାଯାଇଥିଲା। ଜିପିର ସମସ୍ତ ଅଙ୍ଗନବାଡ଼ି ମାନେ ଯୋଗ ଦେଇଥିଲେ।

## ମା ରୁକ୍ମିଣୀଙ୍କୁ ବିବାହ କରି ଗୁଆଲି ଯାତ୍ରାରେ ଶ୍ରୀ ରଙ୍ଗନାଥ ଦେବ



ବାଣପୁର : ( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ଅବସ୍ଥିତ ଲୀଳା ଶ୍ରୀକ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରଙ୍ଗନାଥ ଦେବଙ୍କ ସହିତ ମାତା ରୁକ୍ମିଣୀଙ୍କ ନିର୍ଜଳା ଏକାଦଶୀ ରେ ରୁକ୍ମିଣୀ ହରଣ ଏବଂ ବିଭାଘର ନୀତିକାନ୍ତି ବହୁ ଆଡ଼ମ୍ବର ରେ ସମ୍ପର୍ଣ୍ଣ ହୋଇଛି । ସେହିପରି ଚମ୍ପକ ଦ୍ୱାଦଶୀ ତିଥିରେ ଗୁଆଲି ଯାତ୍ରା ରେ ମହାପ୍ରଭୁଙ୍କୁ ରାଜା ଙ୍କ ନିମନ୍ତ୍ରଣ କ୍ରମେ ଦେବ ଦମ୍ପତି ବାଜା ରୋଷଣି, ଆତସବାଜୀ, ଆଲଟଚାମର ସହ ବାଣପୁର ମଧ୍ୟ ରେ ଅବସ୍ଥିତ ଶ୍ରୀ ରଘୁନାଥ ଙ୍କ ମନ୍ଦିରରେ ରାଜ ଭୋଗ ନୀତି ସମ୍ପର୍ଣ୍ଣ କରିବା ପରେ ଶିବ ଦର୍ଶନ ନିମନ୍ତେ ଶ୍ରୀ ଦକ୍ଷେଶ୍ୱର ଙ୍କ ମନ୍ଦିରକୁ ଯାତ୍ରା କରିଥାନ୍ତି । ବାଣପୁରର ଏହି ପ୍ରାଚୀନ ପରମ୍ପରା ଦେବ ବିବାହ ନୀତିକୁ ମନ୍ଦିର ପରିଚାଳନା କମିଟି, ମହିଳା ସମିତି ଏବଂ ବାଣପୁରର ଶ୍ରଦ୍ଧାଳୁ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ଦେବ ଉତ୍ସବ ଦର୍ଶନ ଅନୁଷ୍ଠିତ ହୋଇଥିବାରୁ ଜନ ସାଧାରଣଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି।

## ପଥରରେ ଛେଚି ଯୁବକଙ୍କୁ ହତ୍ୟା

ବରଗଡ଼, (ମହାଭାରତ) : ପଥରରେ ଛେଚି ଯୁବକଙ୍କୁ ହତ୍ୟା ଅଭିଯୋଗ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର । ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ମୃତ ଯୁବକ ଦେବରାଜ ପାଣିଗ୍ରାହୀ । ବରଗଡ଼ ପଞ୍ଚାୟତ କଲେଜ ସ୍ଥିତ ଡୁଙ୍ଗୁରି ପଛପଟ ଏକ ବିଲରୁ ମୃତଦେହ ଉଦ୍ଧାର କରିଛି ପୋଲିସ । ତେବେ କିଏ ଓ କାହିଁକି ଦେବରାଜଙ୍କୁ ହତ୍ୟା କରିଛି ସେନେଇ କାରଣ ଅସ୍ପଷ୍ଟ ରହିଛି । ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ପୋଲିସ ତନାଘନା ଜାରି ରଖିଛି । ବରଗଡ଼ ଝଉଚଡ଼ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ବରଗଡ଼ ଏସଡିପିଓ ପଦାରବିନ୍ଦ ମଧ୍ୟ ଘଟଣାର ତଦନ୍ତ କରୁଛନ୍ତି । ଦେବରାଜ ପାଣିଗ୍ରାହୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭଉଣୀ ଅଭିଯୋଗ କରିଛନ୍ତି ।

# ମା’ ବାଗଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲ ମ୍ୟାଚରେ ଖାଲମଡ଼ା ବିଜୟୀ ଯୋଗଦେଲେ ବିଧାୟକ



ନୂଆଗାଁ ୦୭। ୦୬ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରବିବାର ଦିନ କନ୍ଧଖାଲମଡା ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ୨୦୨୫ ମା ବାଗଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ସମାଜସେବୀ ତଥା ଯୁବ ସାମ୍ବାଦିକ ଦିଲ୍ଲିପ କୁମାର ଜାନି ଯୋଗଦେଇ ଆନୁଷ୍ଠାନିକ ଭାବେ କ୍ରୀଡ଼ାକୁ ଉଦଘାଟନ କରିଥିଲେ ।ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଧୂମଧାମରେ ଖେଳ ଅନୁଷ୍ଠିତ ହୋଇଯାଇଛି। ତା ୦୧. ୦୬. ୨୦୨୫ ରିଖ ଠାରୁ ତା ୦୬. ୦୬. ୨୦୨୫ ରିଖ ପର୍ଯ୍ୟନ୍ତ ୬ଦିନ ବ୍ୟାପି ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଭାଲିଆପଦର ସହିତ ଡ଼ିମିରିପଲ୍ଲୀ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ଭାଲିଆପଦର ବ୍ୟାଟିଂ କରି ୧୦ ଓଭରରେ ୪ ୱିକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା ଏହାର ଜବାବରେ ଡ଼ିମିରିପଲ୍ଲୀ ୫ ଓଭରରେ ଗୋଟିଏ ୱିକେଟ ହରାଇ ୯୪ ରନ ସଂଗ୍ରହ କରି କ୍ୱାଟର ଫାଇନାଲ କୁ ପ୍ରବେଶ କରିଥିଲା। ଦ୍ୱିତୀୟ ଇନସିଂ ରେ ସିନ୍ଦୁରତଇଲା ସହିତ ନୂଆସାହି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସିନ୍ଦୁରତଇଲା ବ୍ୟାଟିଂ କରି ୧୦ ଓଭରରେ ୩ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା ଏହାର ଜବାବରେ ନୂଆସାହି ୧୦ ଓଭରରେ ୪ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା ।ଇତି ମଧ୍ୟରେ ସିନ୍ଦୁରତଇଲା କ୍ୱାଟର ଫାଇନାଲ ପ୍ରବେଶ କରିଥିଲା ।ସିନ୍ଦୁରତଇଲା ଓ ଡ଼ିମିରିପଲ୍ଲୀ ଉଭୟ ଙ୍କ ମଧ୍ୟରେ ପ୍ରଥମ କ୍ୱାଟର ଫାଇନାଲ କଡ଼ା ମୁକାବିଲା ହୋଇଥିଲା। ପ୍ରଥମେ ସିନ୍ଦୁରତଇଲା ବ୍ୟାଟିଂ କରି ୧୦ ଓଭରରେ ୪ ୱିକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା ଜବାବରେ ଡ଼ିମିରିପଲ୍ଲୀ ୧୦ ଓଭରରେ ୮ୱିକେଟ ହରାଇ ୭୫ ରନ ସଂଗ୍ରହ କରି କ୍ୱାଟର ଫାଇନାଲ ରୁ ବିଦାୟ ନେଇଥିଲା। ଯାହାଫଳରେ ସିନ୍ଦୁରତଇଲା ପ୍ରଥମ ଭାବେ ସେମିଫାଇନାଲ କୁ ପ୍ରବେଶ କରିଛି। ଆଜିର ଖେଳକୁ ଦାଶରଥି ସାନବଡ଼ ଓ ପ୍ରଭାତ ମଳିକ ଏବଂ ଭାବଗ୍ରାହୀ ଜାନି ପରିଚାଳନା କରିଥିବା ବେଳେ କନ୍ଧଖାଲମଡ଼ା ମା ବାଗଦେବୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଏହାକୁ ସହଯୋଗ କରିଥିଲେ। ଦ୍ୱିତୀୟ ଦିନ ଖେଳରେ ପ୍ରଥମେ ଡୁଗୁଡ଼ି ବ୍ୟାଟିଂ କରି ୧୦ ଓଭରରେ ୧୦ ୱିକେଟ ହରାଇ ୧୧୫ ରନ କରିଥିଲା ଜବାବରେ ବାଡ଼ିବାରୀ ୧୦ ଓଭରରେ ୬ ୱିକେଟ ହରାଇ ୯୩ ମ୍ୟାଚ ହାରିଯାଇଥିଲା। ଦ୍ୱିତୀୟ ଭାବେ କ୍ୱାଟର ଫାଇନାଲ କୁ ପ୍ରବେଶ କରିଛି। ସେହିପରି ଶିମିଳିସାହି ୧୦ ଓଭରରେ ୮ ୱିକେଟ ହରାଇ ୧୦୪ ରନ କରିଥିଲା ଜବାବରେ କାପ୍ତାପଲ୍ଲୀ ୧୦ ଓଭରରେ ଗୋଟିଏ ୱିକେଟ ହରାଇ ୧୦୫ ରନ କରି କ୍ୱାଟର ପ୍ରବେଶ କରିଥିଲା। କାପ୍ତାପଲ୍ଲୀ ଓ ଡୁଗୁଡ଼ି ମଧ୍ୟରେ ଦ୍ୱିତୀୟ ଦିନରେ ଦ୍ୱିତୀୟ କ୍ୱାଟର ଫାଇନ ହୋଇଥିଲା। ପ୍ରଥମେ କାପ୍ତାପଲ୍ଲୀ ୧୦ ଓଭରରେ ୮ ୱିକେଟ ହରାଇ ୧୨୯ ରନ କରିଥିଲା ଏହାର ଜବାବରେ ଡୁଗୁଡ଼ି ୧୦ ଓଭରରେ ସମସ୍ତ ୱିକେଟ ହରାଇ ୬୫ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଫଳରେ କାପ୍ତାପଲ୍ଲୀ ସେମିଫାଇନାଲକୁ ପ୍ରବେଶ କରିଛି। ଆଜିର ଖେଳରେ ୧୭ ନଂ ଜୋନ ଜିଲ୍ଲାପରିଷଦ ସମିତି ସଭ୍ୟା ଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଦଳବେହେରା, ଗୁମି ସମିତି ସଭ୍ୟ ସଞ୍ଜୀବ କୁମାର ଡାକୁଆ,ବ୍ଲକ ବିଜେଡ଼ି ସସଭାପତି ଯୁଗଳ କିଶୋର ସାହୁ, ସ୍ଥାନୀୟ ଅଙ୍ଗନୱାଡି ଦିଦି ସୁଲୋଚନା ମଳିକ,ପାଚିକା ସହାୟିକା ଅଞ୍ଜନା ସାନବଡ଼,ପୂର୍ବତନ ୱାର୍ଡ ମେମ୍ବର ଉତ୍ତମ ମଳିକ ପ୍ରମୁଖ ଯୋଗ ଦେଇଥିଲେ। ତୃତୀୟ ଦିବସରେ ପ୍ରଥମେ ଖାଲମଡା ବ୍ୟାଟିଂ କରି ୧୦ ଓଭରରେ ୬ୱିକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା ଜବାବରେ ଜାମୁସାହି ୧୦ ଓଭରରେ ୧୨୧ ରନ କରି ମ୍ୟାଚ ହାରିଥିଲା। ଫଳରେ ଖାଲମଡା କ୍ୱାଟରରେ ପ୍ରବେଶ କରିଥିଲା। ସେହିପରି ଗୁଣ୍ଡାପାଙ୍କୁ ୧୦ ଓଭରରେ ୪ ୱିକେଟ ହରାଇ ୧୫୮ ରନ କରିଥିଲା ଏହାର ଜବାବରେ କୁସୁମଗାଡ଼ିଆ ୧୦ ଓଭରରେ ୪ ୱିକେଟ ହରାଇ ୧୨୯ ରନ କରି ମ୍ୟାଚ ହାରିଥିଲା। ଯାହାଫଳରେ କ୍ୱାଟର ପ୍ରବେଶ କରିଥିଲା। ୪ର୍ଥ ଦିନରେ ପ୍ରଥମେ ବଡଜିରୀ ୧୦ ଓଭରରେ ୫ ୱିକେଟ ହରାଇ ୯୦ ରନ କରିଥିଲା ଏହାର ଜବାବରେ ବରକୁଳା ୯ ଓଭରରେ ୯୨ ରନ କରି ମ୍ୟାଚ ଜିତିନେଇଥିଲା ।ଫଳରେ ବରକୁଳା କ୍ୱାଟର ପ୍ରବେଶ କରିଥିଲା ।ସେହିପରି ପ୍ରଥମେ କନ୍ଧଖାଲମଡ଼ା ୧୦ ଓଭରରେ ୫ ୱିକେଟ ୧୩୦ ରନ ସଂଗ୍ରହ କରିଥିଲା ଏହାର ଜବାବରେ ବରକୁଳା ୧୦ ଓଭରରେ ୬ ୱିକେଟ ୧୨୬ ରନ କରି ମ୍ୟାଚ ହାରିଥିଲା କନ୍ଧଖାଲମଡ଼ା ସେମିଫାଇନାଲ କୁ ପ୍ରବେଶ କରିଥିଲା। ୫ମ ଦିନ ସେମି ଫାଇନାଲରେ ପ୍ରଥମେ କନ୍ଧଖାଲମଡ଼ା ବ୍ୟାଟିଂ କରି ୧୨ ଓଭରରେ ୭ ୱିକେଟ ହରାଇ ୧୪୧ ରନ କରିଥିଲା ଜବାବରେ କାପ୍ତାପଲ୍ଲୀ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୧୦୨ ରନ କରି ସେମିରୁ ବିଦାୟ ନେଇଥିଲା ଏବଂ କନ୍ଧଖାଲମଡ଼ା ଫାଇନାଲ କୁ ପ୍ରବେଶ କରିଥିଲା। ସେହିପରି ସୁନ୍ଦରତଇଲା ୧୨ ଓଭରରେ ସମସ୍ତ ୱିକେଟ ହରାଇ ୧୨୫ ରନ କରିଥିଲା ଏହାର ଜବାବରେ ଖାଲମଡା ୧୨ ଓଭରରେ ୪ୱିକେଟ ହରାଇ ୧୩୦ ରନ କରି ଫାଇନାଲ କୁ ପ୍ରବେଶ କରିଥିଲା। ୬ଷ୍ଠ ଦିନ ତଥା ଫାଇନାଲ ମ୍ୟାଚରେ ପ୍ରଥମେ କନ୍ଧଖାଲମଡ଼ା ବ୍ୟାଟିଂ କରି ୧୨ ଓଭରରେ ୧୦୮ ରନ ସଂଗ୍ରହ କରିଥିଲା ଏହାର ଜବାବରେ ଖାଲମଡା ୧୦ ଓଭରରେ ୧୦ ଓଭରରେ ୧୧୪ ରନ କରି ଚାମ୍ପିଅନ ହୋଇଥିଲା ।ଏହି କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଚମ୍ପିଆନ ଟ୍ରଫି ସହ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ ତତ ସହିତ ଗ୍ରାମର ବିଭିନ୍ନ ସମସ୍ୟା ବିଷୟରେ ଲୋକଙ୍କୁ ପଚାରି ବୁଝିବା ସହ ଏହାର ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ବେହେରା ପ୍ରତିକ୍ରିୟା ରଖିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲ୍ଲା ବିଜେଡ଼ି ଉପ ସଭାପତି ଦିଲ୍ଲୀପ କୁମାର ଜାନି,ଦଶପଲ୍ଲା ୧୬ ନଂ ୱାର୍ଡ଼ର କାଉନସିଲର ଚିତ୍ତ ରଞ୍ଜନ ଗୋଛି, ସ୍ଥାନୀୟ ସମିତି ସଭ୍ୟା ପ୍ରଭାତୀ ମଳିକ, ଖାଲମଡା ସରପଞ୍ଚ ଙ୍କ ପ୍ରତିନିଧି ପଦ୍ମଲୋଚନ ପରିଡ଼ା, ବ୍ଲକ ଛାତ୍ର ବିଜେଡ଼ି ସଭାପତି ସୁବ୍ରତ ପରିଡ଼ା,ପ୍ରକାଶ କୁମାର ନାୟକ,ସାମ୍ବାଦିକ ଶିବଦତ୍ତ ପାତ୍ର, ହୃଦୟାନନ୍ଦ ଶାସମଲ, ସୁକେନ୍ଦୁ ଦାସ, ନରସିଂହ ଜାନି, ପ୍ରକାଶ ମଳିକ ସମେତ ଗ୍ରାମର ଏସ.ଏଚ.ଜି ର ସଭାନେତ୍ରୀ ପ୍ରମୁଖ ଯୋଗଦେଇ ଥିଲେ ।ଖେଳ ପରିଚାଳନା କରିଥିଲେ ସୁନୀଲ ଓ ନବକିଶୋର ମଳିକ। ଏହାକୁ ସହଯୋଗ କରିଥିଲେ ସ୍ଥାନୀୟ ସମାଜସେବୀ ତଥା ଯୁବ ସାମ୍ବାଦିକ ଦିଲ୍ଲିପ କୁମାର ଜାନି ଏବଂ ମା ବାଗଦେବୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





ରବିବାର, ୮.୬. ୨୦୨୫

## ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସଚେତନତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



କରଞ୍ଜିଆ,(ମହାଭାରତ) ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାକୁରମୁଣ୍ଡା ର ୟୁଥ୍ ଆଣ୍ଡ ଇକୋ କ୍ଲବ ସୌଜନ୍ୟରେ ବିଦ୍ୟାଳୟ ପରିସର ମଧ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସଚେତନତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଗତ ୫ ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇ ଅଛି । ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ପ୍ଲାଷ୍ଟିକ୍ ବରଦାନରୁ ଅଭିଶାପ ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ସେକସନର ବନପାଳ ବିଦ୍ୟାଧର ମହାନ୍ତ, ବିଟ୍ -୨ ର ବନରକ୍ଷୀ ପ୍ରମୋଦ କୁମାର ମହାନ୍ତ, ସାମ୍ବାଦିକ ଶରତ ଚନ୍ଦ୍ର ତ୍ରିପାଠୀ , ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ବିରାମସିଂ ମାର୍ଣ୍ଡି ଙ୍କ ସହ ବିଦ୍ୟାଳୟ ଛାତ୍ରୀ,ଅଭିଭାବକ, କର୍ମଚାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ର ବ୍ୟବହାର କମ୍ କରିବା ସହ ବିଦ୍ୟାଳୟ ପରିସରକୁ ଏକ ସୁନ୍ଦର ସବୁଜ ବଳୟ ସଷ୍ଟି କରିବାପାଇଁ ଅଙ୍ଗିକାର ବଦ୍ଧ ହୋଇଥିଲେ । ବିଦ୍ୟାଳୟ ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଙ୍କ ସମେତ ଛାତ୍ରୀ ମାନେ ସେମାନଙ୍କର ଜନ୍ମ ଦିନକୁ ସ୍ମୃତି ରେ ରଖିବା ପାଇଁ ପ୍ରତି ବର୍ଷ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ସ୍ଥିର କରିଥିଲେ। ପରିବେଶରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତରଣୀ ସେନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଉସୀ ମାଁ ଘରୁ ପୋଚଶଢା ଶବ ଉଦ୍ଧାର

ନାରାୟଣପାଟଣା(ମହାଭାରତ):ନାରାୟଣ ପାଟଣା ବ୍ଲକ ସଦର ସ୍ଥିତ ଅବ୍ୟବହୃତ ଭୁତକୋଠରୀ ପାଲଟିଥିବା ପୁରୁଣା ମାଉସୀ ମାଙ୍କ ମନ୍ଦିର ଘର ଭିତରୁ ଆଜି ସକାଳେ ଏକ ଅପରିଚିତ ଶବ ଉଦ୍ଧାର କରାଯାଇଛି ।ତିନିଦିନ ଧରି ଦୁର୍ଗନ୍ଧ ବାହାରୁଥିବା ଖବର ସମସ୍ତେ ଜାଣିଥିବା ବେଳେ କୋଣସି ପଶୁ ମରିଥିବା ଜାଣି ଚୁପ୍ ରହିଥିଲେ ୟଆଜି ଚାରିଆଡେ ପ୍ରବଳ ଦୁର୍ଗନ୍ଧ ବ୍ୟାପିବା ପରେ ଭିଡ଼ ଜମିଥିଲା। ସକାଳୁ ସକାଳୁ ପିଡିଏସ୍ ଚାଉଳ ନେବାକୁ ଚାଉଳ ଗୋଦାମ କୁ ଆସୁଥିବା ହିତାଧିକାରୀ ଦୁର୍ଗନ୍ଧ ଦେଖି ଚାଉଳ ନେବା ବନ୍ଦ କରିଦେଇଥିଲେ ।ଫଳରେ ଚାଉଳ ଗୋଦାମ ର ଦାୟିତ୍ୱରେ ଥିବା ଯୋଗାଣ ସହାୟକ ମନୋଜ ଘଣ୍ଟ ଦୁର୍ଗନ୍ଧ ଖବର ପିଇଓ ଏବଂ ସରପଂଚ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏକ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ପଡ଼ିଥିବା ଦେଖି ଭିଡ ଭିତରୁ କେହି ପୋଲିସ କୁ ଜଣାଇଥିଲେ। ଖବର ପାଇ ପୋଲିସ ଏସ୍ ଆଇ ନରସିଂହ ପାଢୀ , ହାବିଲଦାର ଧନେଶ୍ୱର ପ୍ରଧାନ , ଗଣମାଧ୍ୟମ ପ୍ରମୁଖ ପହଞ୍ଚି ମନ୍ଦିର ଭିତରକୁ ପ୍ରବେଶ କରି ମୃତ ଦେହ ଉଧାର କରିଥିଲା। ଉକ୍ତ ମୃତ ଦେହ ନାରାୟଣପାଟଣାରେ ବୁଲୁଥିବା ଜଣେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କର ଚିହ୍ନଟ ହୋଇଥିବା ବେଳେ ,ରୋଗଗ୍ରସ୍ତ ରେ ମୃତ୍ୟୁ ବରଣ କରିଥିବା ଅନୁମାନ କରାଯାଉଛି।ମୃତ ଦେହ ପୁରା ସଢ଼ି ଯାଇଥିବା ବେଳେ ଘଟଣା ସପ୍ତାହ ତଳର ବୋଲି ଅନୁମାନ କରାଯାଉଛି ।ଦୀର୍ଘ ଚାରିଘଣ୍ଟା କାଳ ପଚାର ଶଢା ଶବ କୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ କରାଯାଇ ସ୍ଥାନୀୟ ସମାଜସେବୀ ସାହେବ ସିଂ, ସାମ୍ବାଦିକ ଦିଲିପ୍ ଦାସ୍ ,ଏନ୍ ସନ୍ତୋଷ କୁମାର,ଅନୀଲ ସୁବୁଦ୍ଧି ,କେ ଶାୟା ରାଜୁ ,ବୈଶ୍ୟ ସଙ୍ଘର ସଭାପତି ଏସ୍ ପୁରୁଷତୋମ ଙ୍କ ସହାୟତାରେ ପୋଲିସ ଙ୍କୁ ସହଯୋଗ କରି ଶବ ପୋତା ଯାଇଥିଲା ।ପୋଲିସ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

## ୧୯୨୫ ଲିଟର ଦେଶୀ ମଦ ଜବତ

ଗୁରୁଡିଝାଟିଆ: ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଓ ଖଣ୍ଡୁଆଳି ଗାଁ ନିକଟ ଜଙ୍ଗଲରେ ଥିବା ଚୋରା ଦେଶୀ ମଦ ଭାଟି ଉପରେ ଅବକାରୀ ବିଭାଗ ଚଢ଼ାଉ କରି ୧୯୨୫ ଲିଟର ଦେଶୀ ମଦ ଜବତ କରିଛି। ଏହା ସହିତ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ୧୫ ହଜାର ୯୬୦ ଲିଟର ପୋଚ ନଷ୍ଟ କରାଯାଇଛି। ଏହି ଚଢାଉ ରେ ଆଠଗଡ, ବାଙ୍କୀ, ନରସିଂହପୁର, କଟକ ଅବକାରୀ ବିଭାଗ କର୍ମଚାରୀ ଯଥା ନୀରିକ୍ଷକ ସି. ଏଚ. ତିରୁପତି, ରବିନାରାୟଣ ପ୍ରଧାନ, ଅରୁଣ କୁମାର ଭୋଇ, ଶେଫାଳୀ ସାହୁ ଓ ସୌମ୍ୟ ରଞ୍ଜନ ମାଝୀ ପ୍ରମୁଖ ଚଢାଉରେ ଅଂଶ ଗ୍ରହଣ କରିଥିଲେ।

## ଟ୍ରଲର ପଛକୁ ଧକ୍କା ଦେଲା ଟୁରିଷ୍ଟ ବସ: ଦଶ ଆହତ, ଜଣେ ଗୁରୁତର

ବସ୍ତା: ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ ଭେଲରା ନିକଟରେ ଆଜି ଭୋର ଚାରିଟା ସମୟରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରଲର ପଛ ପଟରୁ ଏକ ଟୁରିଷ୍ଟ ବସ ଧକ୍କା ଦେଇଥିବା ଦେଖିବାକୁ ମିଳିଛି। ଫଳରେ ବସରେ ଥିବା ୫୧ ଯାତ୍ରୀଙ୍କ ମଧ୍ୟରୁ ଦଶ ସାମାନ୍ୟ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ସମସ୍ତ ଆହତଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଜଣେ ଗୁରୁତରଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।ପଶ୍ଚିମବଙ୍ଗ ଚକଦା ଥାନା ଲକ୍ଷ୍ମୀପୁର ଅ□ଳର ୫୧ ଜଣ ତୀର୍ଥ ଯାତ୍ରୀ ଡବ୍ଲୁ ବି ୧୯ ଜି ୫୬୪୬ ଏକ ଟୁରିଷ୍ଟ ବସରେ ପୁରୀ ଅଭିମୁଖେ ଯାତ୍ରା କରୁଥିଲେୟ ଆଜି ଭୋର୍ ଚାରିଟା ସମୟରେ ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ ଭେଲୋରା ନିକଟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଟ୍ରଲର ପଛପଟକୁ ଧକ୍କା ଦେଇଥିଲାୟ ଖବର ପାଇ ଜାତୀୟ ରାଜପଥରେ ପ୍ରହରା ଦେଉଥିବା ପୁଲିସ ସହିତ ବସ୍ତା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ପଠାଇଥିଲେ। ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଏକ ବସ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ଟ୍ରଲର ଓ ବସକୁ ଜବତ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଦେଖିବାକୁ ମିଳିଛି ।ସୂଚନା ଅନୁସାରେ, ପଶ୍ଚିମବଙ୍ଗ ଚକଦା ଥାନା ଲକ୍ଷ୍ମୀପୁର ଅ□ଳର ୫୧ ଜଣ ତୀର୍ଥ ଯାତ୍ରୀ ଡବ୍ଲୁ ବି ୧୯ ଜି ୫୬୪୬ ଏକ ଟୁରିଷ୍ଟ ବସରେ ପୁରୀ ଅଭିମୁଖେ ଯାତ୍ରା କରୁଥିଲେ। ଆଜି ଭୋର୍ ଚାରିଟା ସମୟରେ ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ ଭେଲୋରା ନିକଟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଟ୍ରଲର ପଛପଟକୁ ଧକ୍କା ଦେଇଥିଲା। ଖବର ପାଇ ଜାତୀୟ ରାଜପଥରେ ପ୍ରହରା ଦେଉଥିବା ପୁଲିସ ସହିତ ବସ୍ତା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ପଠାଇଥିଲେ। ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଏକ ବସ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ଟ୍ରଲର ଓ ବସକୁ ଜବତ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଦେଖିବାକୁ ମିଳିଛି।

# ଅଜଣା ଜ୍ୱରରେ ୫୦ଆକ୍ରାନ୍ତ, ଗାଁରେ ୪ଜଣିଆ ଡାକ୍ତରୀ ଦଳ



ଜ୍ୱର ହେବା ଦ୍ୱାରା ଗୋ. ହାତ, ମୁଣ୍ଡ ସହ ଛାତି ଓ ପେଟରେ ଭୀଷଣ ବ୍ୟଥା ହେଉଛି । ଏପରିକି ଚାଲିବା ମଧ୍ୟ କଷ୍ଟକର ହୋଇପଡୁଥିବାରୁ କିଛି ଖାଦ୍ୟ

ଯେକେପୁର: ଘରେ ଘରେ ଜ୍ୱରରେ ଆକ୍ରାନ୍ତ ହୋଇ ପଡି ରହିଛନ୍ତି ରୋଗୀ। ଗାଁର ପ୍ରତ୍ୟେକ ଘରେ ଦୁଇ ଜଣ ଲେଖାଏଁ ଆକ୍ରନ୍ତ ହୋଇଥିବା ଜଣାପଡିଛି । ଯେଉଁମାନଙ୍କ ବୟସ ୬୦ରୁ ୭୦ବର୍ଷ ହେବ । ପାଖରେ ଅର୍ଥ ନଥିବାରୁ ଚିକିତ୍ସା ପାଇଁ ମେଡିକାଲ ମଧ୍ୟ ଯାଇପାରୁ ନାହାଁନ୍ତି । ପ୍ରାୟ ୭ଦିନ ହେଲାଣି ରାୟଗଡା ଜିଲ୍ଲା କୋଲନରା ବ୍ଲକ ଗାଡିଶେସଖାଲ ପଞ୍ଚାୟତ ଅନ୍ତର୍ଗତ ବିନିଶପୁର ଗାଁରେ ଏଭଳି ଅଜଣା ଜ୍ୱର ବ୍ୟାପିବାରେ ଲାଗିଛି ।ଗ୍ରାମବାସୀଙ୍କ ସୂଚନା ଅନୁସାରେ ଏହି ଖାଇବାକୁ ଇଚ୍ଛା ହେଉନାହିଁ । ଔଷଧ ଦୋକାନରୁ କହି ଔଷଧ ଆଣି ଖାଇବା ଦ୍ୱାରା ଜ୍ୱର କିଛି ସମୟ ପାଇଁ କମିଯାଉଥିବା ବେଳେ ପୁଣି କିଛି ସମୟରେ ଜ୍ୱର ହେଉଛି । ଜ୍ୱରରେ ଗୁରୁତର ହୋଇ ତିନି ଜଣ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ।ପ୍ରଶାସନ ପାଖରେ ଏସମ୍ପର୍କରେ ଖବର ପହଞ୍ଚିବା ପରେ ଶୁକ୍ରବାର ରାତିରେ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଜ୍ୟୋସ୍ନାମୟୀ ରାଉତଙ୍କ ନେତୃତ୍ୱରେ ଏକ ୪ ଜଣିଆ ଦଳ ଉକ୍ତ ଗ୍ରାମରେ ପହଚିଂ ରକ୍ତ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଛନ୍ତି । ରକ୍ତ ପରିକ୍ଷାରେ ମ୍ୟାଲେରିଆ ନେଗେଟିଭ ବାହାରୁଛି । ତେଣୁ ରୋଗ କଣ ଜଣା ପଡୁନଥିବା ବେଳେ ପୁଣି ରକ୍ତ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ବାହାରକୁ ପଠାଯାଇଛି । ରିପୋର୍ଟ ଆସିବା ପରେ ରୋଗର କାରଣ ଜଣାପଡିବ ବୋଲି କହିଛନ୍ତି ଡାକ୍ତର ଜ୍ୟୋସ୍ନା ମୟୀ ରାଉତ । ଏହି ଗ୍ରାମରେ ପ୍ରାୟ ୮୦ଟି ପରିବାର ବାସ କରୁଥିବା ବେଳେ ଜନସଂଖ୍ୟା ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ। ଏମାନେ ସମସ୍ତେ ଆଦିବାସୀ ସଂପ୍ରଦାୟର ହୋଇଥିବା ବେଳେ ଦିନ ମଜୁରିଆ କାମ କରି ନିଜ ପରିବାର ପ୍ରତିପୋପଷଣ କରିଥାନ୍ତି । ବର୍ତମାନ ଜ୍ୱରରେ ଆକ୍ରାନ୍ତ ଯୋଗୁଁ ଏମାନେ ଭଲରେ ଚାଲିପାରୁନଥିବା କାରଣରୁ ମୁଲ ଲାଗିବା ପାଇଁ ଯାଇପାରୁ ନାହାନ୍ତି । ଯାହା ଫଳରେ ଓଳିଏ ଚୁଲି ଜଳିଲେ ଓଳିଏ ଉପାସ ରହୁଛନ୍ତି ବୋଲି କହିଛନ୍ତି ଗାଁ ଲୋକେ ।

## ଇଦ୍ ପାଳିବାକୁ ଆସି ସମୁଦ୍ରରେ ଭାସିଗଲେ ଛାତ୍ର



ପାରାଦୀପ(ମହାଭାରତ) ଶନିବାର ଥିଲା ପବିତ୍ର ଇଦ-ଉଜ୍-ଜୁହା। ଏହି ଦିବସକୁ ପାଳନ କରିବାକୁ ପାରାଦୀପ ଆସିଥିଲେ ସାଙ୍ଗ ହୋଇ ଆସିଥିଲେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ୭ଜଣ ସାଙ୍ଗ। ନମାଜ ପଢି ସାରିବା ପରେ ପାରାଦୀପ ଲାଇଟ୍ ହାଉସ୍ ନିକଟସ୍ଥ ବାଲିଯାତ୍ରା ପଡିଆ ନିକଟରେ ସମୁଦ୍ରରେ ଗାଧୋଇ ମଉଜ କରୁଥିଲେ । ହଠାତ୍ ଏକ ବଡ ଲହଡି ଆସିବାରୁ ଜଣେ ଛାତ୍ରଙ୍କୁ ଟାଣି ନେଇଥିଲା ବୋଲି କହିଛନ୍ତି ସେକ୍ ସଉଲିଉଦ୍ଦିନ । ଆଖି ସାମ୍ନାରେ ସାଙ୍ଗ ଭାସି ଯାଉଥିବା ବେଳେ ଅନ୍ୟ ସାଙ୍ଗ ନିରୁପାୟ ହୋଇଯାଇଥିଲେ । ଖବରପାଇ କୁଜଙ୍ଗ ଅଗ୍ନିଶମ ବିଭାଗ, ବନ୍ଦର ସିଆଇଏସଏଫ ପକ୍ଷରୁ ଖୋଜାଖୋଜି ଜାରି ରହିଥିଲେ ମଧ୍ୟ ନିଖୋଜ ଯୁବକଙ୍କ କୌଣସି ଖବର ମିଳି ପାରିନାହିଁ । ନିଖୋଜ ଯୁବକ ହେଲେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ସେକ୍ ଅମିନ୍ଉଲ୍ଲା (୨୦) । ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ଜୟପୁରା ଗ୍ରାମରେ । ସେକ୍ ଅମିନ୍ଉଲ୍ଲା ନିଖୋଜ ହେବା ଖବର ତାଙ୍କ ପରିବାରକୁ ଦିଆଯାଇଥିଲା । ତାଙ୍କ ପରିବାର ଲୋକେ ପାରଦୀପ ସମୁଦ୍ରକୂଳରେ ପହଂଚିଛନ୍ତି । ସମସ୍ତ ୭ଜଣ ସାଙ୍ଗ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ବୋଲି ଜଣାପଡିଛି । ପାରାଦୀପ ସମୁଦ୍ରକୂଳରେ ସମୁଦ୍ର ସବୁବେଳେ ଅନ୍ତଃସ୍ରୋତ ରହୁଥିବାରୁ ପ୍ରଶାସନ ଓ ପୋଲିସ୍ ପକ୍ଷରୁ ସମୁଦ୍ରରେ ଗାଧୋଇବାକୁ ବାରଣ କରାଯାଇଛି ଏଥି ନିମନ୍ତେ ବିଭିନ୍ନ ସ୍ଥାନରେ ସୂଚନା ଫଳକମାନ ମଧ୍ୟ ଲଗାଯାଇଛି। ହେଲେ ଏହି ବାରଣକୁ କେହି ମାନୁନାହାନ୍ତି ଫଳରେ ଏଭଳି ଦୂର୍ଘଟଣାମାନ ବାରମ୍ବାର ଘଟୁଛି । ଅପରପକ୍ଷରେ ପାରାଦୀପ ସମୁଦ୍ରକୂଳର ବହୁବିଧ ଉନ୍ନତିକରଣ ପରେ ପାରାଦୀପର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହାକୁ ଦେଖିବାକୁ ବା କିଛି ସମୟ ଅତିବାହିତ କରିବାକୁ ପର୍ଯ୍ୟଟକମାନେ ଆସୁଥିଲେ ବି ପ୍ରଶାସନ ପକ୍ଷରୁ ଏଠାରେ ସ୍ଥାୟୀ ଲାଇଫ ଗାର୍ଡ ନିଯୁକ୍ତି ହେଉନାହାନ୍ତି। ସ୍ଥାୟୀ ଲାଇଫ ଗାର୍ଡ ଥିଲେ ଏଭଳି ବିପର୍ଯ୍ୟୟକୁ ଏଡାଇ ଦିଆଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ନିଖୋଜ ଯୁବକଙ୍କ କୌଣସି ଖବର ମିଳି ପାରିନାହିଁ।

## ଲଘୁଚାପ ବର୍ଷାରେ ଫସଲ ନଷ୍ଟ

ରେଙ୍ଗାଲିକ୍ୟାମ୍ପ: ଲଘୁଚାପ ବର୍ଷା ଯୋଗୁ ଖଲିଆପାଲିର ଚାଷୀ ଅନ୍ତର୍ଯ୍ୟାମୀ ଦେବତାଙ୍କ ପାଞ୍ଚ ଏକର ଜମିରୁ ଦେଢ଼ ଏକରର ଧାନ ବିଲରେ ନଷ୍ଟ ହୋଇ ପଡ଼ିଛି। ବିଲ ଭିତରେ ଧାନ କେଣ୍ଡାରୁ ପୁଣି ଧାନ ଗଛ ଅଙ୍କୁରିତ ହେଲାଣି। ଅବଶିଷ୍ଟ ଅମଳ ଧାନ ବର୍ଷାରେ ଭିଜି ରହିଛି। ଚାଷ ଉପରେ ସଂପୂର୍ଣ୍ଣ ର୍ନିଭର କରି ପରିବାର ଚଳାଉଥିବା ଚାଷୀ ଜଣକ ଏବେ ଚିନ୍ତାରେୟସମ୍ପୃକ୍ତ ଚାଷୀଙ୍କ ମାଟି ଘର ଖଣ୍ଡିକ ବି ବର୍ଷାରେ ଭୁଶୁଡ଼ି ପଡ଼ିଛି ।ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହାଠାରୁ ବଳି ଆଉ ଦୁଃଖ କଣ ଥାଇପାରେୟ ସରକାରୀ ସହାୟତାକୁ ଅପେକ୍ଷା କରି ରହିଛନ୍ତି ଅନ୍ତର୍ଯ୍ୟାମୀୟ ରାଜସ୍ୱ ଅଧିକାରୀ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିବା ମଧ୍ୟ ଜଣାପଡିଛି। ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

## ହର୍ଷ ଉଲ୍ଲାସରେ ପାଳିତ ହେଲା ପବିତ୍ର ଇଦ୍-ଉଲ-ଜୁହା



ବୈଶିଙ୍ଗା: ତ୍ୟାଗ ଓ ବଳିଦାନର ପର୍ବ ହେଉଛି ଉଦ୍-ଉଲ-ଜୁହା ବା ବକ୍ରି-ଇଦ୍କ୍ଷ ଏହି ପର୍ବ ସମଗ୍ର ବିଶ୍ୱରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଥିବା ବେଳେ ମୟୂରଭଂଜ ଜିଲ୍ଲା ବୈଶିଙ୍ଗା ଅ□ଳର ବିଭିଓ ସ୍ଥାନରେ ମଧ୍ୟ ଅନୁରୂପ ଙ୍ଗରେ ପାଳନ ହୋଇଛି। ଆଲ୍ଲାଙ୍କ ନିକଟରେ ନିଜକୁ ସମର୍ପଣ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ନିଷ୍ଠାର ସହ ଏହି ପର୍ବକୁ ପାଳନ କରିଥିଲେ ସମସ୍ତ ମୁସଲମାନ ଧର୍ମାବଲମ୍ବୀ। ଏହି ଉପଲକ୍ଷେ ଗୋବିନ୍ଦରାୟପୁର, ତାଳପଦା, ଦାହିବାଡ଼ି ସ୍ଥିତ ଇଦ୍ଗାହ ପଡ଼ିଆ ଗୁଡ଼ିକରେ ଶହ ସଂଖ୍ୟାରେ ଇସଲାମ ଧର୍ମାବଲମ୍ବୀ ଏକତ୍ରିତ ହୋଇ ସମୂହ ନମାଜ ପାଠରେ ଭାଗ ନେଇଥିଲେ। ନମାଜ ପାଠ ପରେ ସମସ୍ତେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇ ନିଜ ନିଜ ଘରକୁ ଫେରିଥିଲେ। କେବଳ ଇଦ୍ଗାହ ପଡ଼ିଆ ନୁହେଁ ଏହିଭଳି ପ୍ରାୟ ୭ଟି ସ୍ଥାନରେ ସମସ୍ତ ମସଜିଦରେ ମଧ୍ୟ ନମାଜ ପାଠ ହୋଇଥିଲା।ଏହି ଅବସରରେ ମୁଖ୍ୟ ପ୍ରଚାରକ ମୌଲାନା ମୁକ୍ତି ଗୁଲାମ ହାଇଦର କହିଥିଲେ ଯେ ଇଦ୍-ଉଲ-ଜୁହା ଇସ୍ଲାମିକ ସମାଜରେ ବଳିଦାନ ଦିବସ ରୂପେ ସୁପରିଚିତକ୍ଷ ସମାଜରେ ବାସ୍ତବିକ ଖୁସି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ନିମନ୍ତେ ଆମ ସଭିଙ୍କୁ ତ୍ୟାଗ ଓ ବଳିଦାନ କରିବା ନିତାନ୍ତ ଆବଶ୍ୟକ ଅଛି। ଯଦି ପ୍ରତ୍ୟେକ ମନୁଷ୍ୟ ଉପରୋକ୍ତ ବଳିଦାନ ପାଇଁ ଆଗଭର ହୁଏ, ତେବେ ସମାଜରେ ଶାନ୍ତି ଓ ଭାତୃତ୍ୱ ଭାବ ପ୍ରତିଷ୍ଠା ହୋଇ ପାରିବ ବୋଲି ସେ ପ୍ରକାଶ କରିଥିଲେ।ଏହା ପରେ ବିଶ୍ୱ ଶାନ୍ତି ଓ ଭ୍ରାତୃଭାବ ପାଇଁ ନିରବ ପ୍ରାର୍ଥନା କରା ଯାଇଥିଲା। ଅନ୍ୟ ପଟେ ଆଜି ଇଦ-ଉଲ-ଜୁହା ପାଳନ ଅବସରରେ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବୈଶିଙ୍ଗା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ବନ୍ତ ଛକରୁ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ: ୮ ଗୋରୁ ଉଦ୍ଧାର

ଭଦ୍ରକ: ଭଦ୍ରକରେ ଥମୁନି ଗୋଚାଲାଣ। ଆଜି ପୁଣି ବନ୍ତ ଛକରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ ହୋଇଥିବାର ଖବର ମିଳିଛି । ଗାଡ଼ିରେ ଥିବା ୮ ଗୋରୁ ଉଦ୍ଧାର କରିଛି ଭଦ୍ରକ ଟାଉନ ଥାନା ପୁଲିସ।ବନ୍ତ ଛକରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ ହୋଇଥିବାର ଖବର ମିଳିଛି ।ଗାଡ଼ିରେ ଥିବା ୮ ଗୋରୁ ଉଦ୍ଧାର କରିଛି ଭଦ୍ରକ ଟାଉନ ଥାନା ପୁଲିସ।ସୂଚନା ଅନୁଯାୟୀ, ବୋଝେଇ ପିକଅପ୍ ଭ୍ୟାନ୍ ଭଦ୍ରକରୁ କଲିକତା ଯାଉଥିବା ବେଳେ ଟାଉନ ପୁଲିସର ପେଟ୍ରୋଲିଙ୍ଗ ବେଳେ ଧରାପଡ଼ିଛି। ତେବେ କୌଶଳକ୍ରମେ ଡ୍ରାଇଭର ଫେରାର ହୋଇଥିବା ବେଳେ ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ରଖାଯାଇଛ। ଏନେଇ ପୁଲିସ ଅଧିକ ତଦନ୍ତ କରୁଛି। ପ୍ରତିଦିନ ଭଦ୍ରକରୁ ବହୁ ଗୋରୁଗାଡ଼ି ପଶ୍ଚିମବଙ୍ଗ ଯାଉଥିବାରୁ ପୁଲିସ ଏଥିପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛ।

## ମାଣ୍ଡିଆ ବସ୍ତା ଭିତରେ ୮୦ ହଜାର ଟଙ୍କା ରଖିଥିଲେ ଚାଷୀ, ହାତୀ ଦେଲେ ଚୋବାଇ !

ବିଷମ କଟକ: ସରକାରୀ ରେକର୍ଡରେ ଜଙ୍ଗଲ ବଢୁଛି। କିନ୍ତୁ ବାସ୍ତବ ଅଲଗା। ଜଙ୍ଗଲ ଅବକ୍ଷୟ ଓ ଖାଦ୍ୟର ଘୋର ଅଭାବ ଯୋଗୁଁ ଦିନକୁଦିନ ହାତିପଲ ଗାଁ ମୁହାଁ ହେଉଛନ୍ତି। ବନ ବିଭାଗର ସଚେତନତା କାର୍ଯ୍ୟକ୍ରମ କିଛି କାମରେ ଆସୁନି। ଲୋକେ ସର୍ବଦା କ୍ଷତି ସହୁଛନ୍ତି। ଜବୀନକୁ ବାଜିରେ ଲଗାଇ ଦିନ କାଟୁଛନ୍ତି। ଗତ କିଛି ଦିନ ହେବ ରାୟଗଡ଼ଶ ଜିଲ୍ଲା ବିଷମକଟକ ବ୍ଲକର ବିଭିନ୍ନ ଗାଁରେ ହାତୀ ପଶି ଉପଦ୍ରବ କରୁଛନ୍ତି। ଗତ ସପ୍ତାହରେ ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକୋଣା ଗ୍ରାମ ପଂଚାୟତର ବାରିଗୁଡ଼ା ଗ୍ରାମରେ ଜଙ୍ଗଲି ହାତୀ ପଶି ଦିନ ତମାମ ରହିଯାଇଥିବା ବେଳେ ବର୍ତ୍ତମାନ ଭାପତପୁର ଗ୍ରାମ ପଂଚାୟତର କୁମ୍ଭାରବାଡ଼ି ଗାଁରେ କିଛି ଦୂର କଟରିଗୁଡ଼ା ଗାଁ ଦୁଇ ଦିନରେ ଦୁଇ ପରିବାରକୁ ସର୍ବସ୍ୱାନ୍ତ କରିଦେଇଛନ୍ତି। ଗତକାଲି ରାତିରେ ନାରାୟଣ ହୁଇକାଙ୍କ ପରିବାର ଲୋକ ହାତୀପଲର ଗର୍ଜନ ଶୁଣି ଘର ଛାଡ଼ି ଅନ୍ୟତ୍ର ଲୁଚି ଯାଇଥିଲେ। ହାତୀପଲ ଘରମୁହାଁ ହୋଇ ଚାଳ ଛପର ଘରଟିକୁ ସଂପୂର୍ଣ୍ଣ ଭାଙ୍ଗିଦେବା ସହ ଘରେ ରହିଥିବା କଷ୍ଟ ଉପାର୍ଜୀତ ଧାନ, ଚାଉଳ, ମାଣ୍ଡିଆ,ଘରର ଆସବାବପତ୍ର ସୋଲାରଲାଇଟ ନଷ୍ଟ କରି ଦେଇଥିଲେ। କେବଳ ସେତିକି ନୁହେଁ, ମାଣ୍ଡିଆ ବସ୍ତା ଭିତରେ ନାରାୟଣ ନଗଦ ୮୦ହଜାର ଟଙ୍କା ରଖିଥିଲେ। ତାକୁ ମଧ୍ୟ ହାତୀପଲ ଖାଇଦେଇଥିବା ନାରାୟଣ କହିଛନ୍ତି।ହାତୀର ପ୍ରିୟ ଖାଦ୍ୟ ହେଉଛି ବାଉଁଶ ପତ୍ର। କିନ୍ତୁ ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ କାରଣରୁ ଜଙ୍ଗଲରେ ଆଉ ପୂର୍ବ ଭଳି ବାଉଁଶ ଗଛ ନାହିଁ। ହାତୀମାନଙ୍କର ଖାଦ୍ୟ ସଂକଟ ଦେଖାଯାଇଛି। ସେଥି ପାଇଁ ସେମାନେ ଗାଁ ମୁହାଁ ହେଉଛନ୍ତ। ଲୋକଙ୍କର ଘରେ ପଶି ଧାନ-ଚାଉଳ, ଡାଲିଜାତୀୟ ଫସଲ ଆଦି ଖାଉଛନ୍ତି। ସବୁଠାରୁ ଅଭାବନୀୟ ଘଟଣା ହେଲା ଯେ, ହାତୀମାନେ ନଗଦ ୮୦ ହଜାର ଟଙ୍କା ଚୋବାଇ ଦେବାୟ ଘର ଭାଙ୍ଗିବା ପରେ ହାତୀପଲ ବଗିଚାରେ କଦଳୀ, ପଣସ ଏବଂ ଆମ୍ବ ଫସଲ ସଂପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି। ହାତୀପଲ୍ ଦିନ ତମାମ ସେହି ସ୍ଥାନରେ ରହି ପୁଣି କାଲି ରାତିରେ ଲକି ପ୍ରସ୍କାଙ୍କ ଘର ଭାଙ୍ଗିଦେଇ ଘୋରେ ସଞ୍ଚିତ ଖାଦ୍ୟ ସାମଗ୍ରୀ ଖାଇଛନ୍ତି। ଖବର ପାଇ ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଁଚି କ୍ଷୟକ୍ଷତିର ଆକଳନ କରିବା ସହ ହାତି ପାଦ ଚିହ୍ନକୁ ଚିହ୍ନଟ କରି ୨୪ରୁ ଉର୍ଦ୍ଧ୍ୱ ହାତୀପଲ ରହିଥିବାର ସୂଚନା ଦେଇଛନ୍ତି। ହାତୀମାନେ ନିକଟସ୍ଥ ଜଙ୍ଗଲରେ ରହିଥିବା ମଧ୍ୟ ପ୍ରକାଶ କରିଛନ୍ତ। ହାତୀର ଗତବିଧି ଉପରେ ବନ ବିଭାଗ ନଜର ରଖିଥିବାବେଳେ ରାତ୍ରି ସମୟରେ ହାତୀ ଚଳପ୍ରଚଳ ଆରମ୍ଭ କରିବ ବୋଲି ସୂଚନା ରହିଛି। ତେବେ ସେହି ଜଙ୍ଗଲ ଦେଇ ଟ୍ରେନ୍ ଲାଇନ୍ ରହିଥିବା ବେଳେ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ରେଳ ଚଳାଚଳର ଗତି କମେଇ ଦିଆଯାଇଛି। ହାତୀମାନେ କଲ୍ୟାଣସିଂହପୁରସ୍ଥ ନିୟମିଗିରି ଜଙ୍ଗଲରୁ ଓହ୍ଲାଇ ଆସିଥିବା ବନ ବିଭାଗ ସୂଚନା ଦେଉଛି। ହାତୀପଲ ଗାଁ ନିକଟ ଜଙ୍ଗଲରେ ରହିଥିବାରୁ କୁମ୍ଭାରବାଡି ଗାଁ ଲୋକେ ଭୟଭୀତ ହୋଇ ରହିଛନ୍ତି।

# ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ରାଷ୍ଟ୍ର ର୍ନିମାଣ ପାଇଁ ଧର୍ମପଦମାନଙ୍କୁ ସୃଷ୍ଟି କରୁଛି: ମନ୍ତ୍ରୀ




କଟକ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦିଆଯାଉଥିବା ଭାରତୀୟ ସଂସ୍କୃତି ପରମ୍ପରା ଓ ରାଷ୍ଟ୍ରୀୟ ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ର କୋଣାର୍କ ର୍ନିମାଣ ପାଇଁ ଧର୍ମପଦମାନଙ୍କୁ ସୃଷ୍ଟିକରୁଛି। ଯେଉଁମାନଙ୍କ ଦ୍ୱାରା ଏକ ସମର୍ଥ ଭାରତ ତଥା ବିକଶିତ ଭାରତ ର୍ନିମାଣ ହୋଇପାରିବ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ଏହା କହିଛନ୍ତି। ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ତାଙ୍କର ବହୁମୂଲ୍ୟ ବକ୍ତବ୍ୟ ମାଧ୍ୟମରେ ଓଡ଼ିଶା ଶାଖା ଦ୍ୱାରା ପରିଚାଳିତ ଶିକ୍ଷା ବିକାଶ ସମିତି ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ ।କଟକର ଗତିରାଉତପାଟଣାସ୍ଥିତ କେଶବଧାମ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଆନୁକୁଲ୍ୟରେ ପ୍ରାଦେଶିକ ସମ୍ପାଦକ ସମ୍ମିଳନୀକୁ ଉଦ୍ଘାଟନ କରିଥିଲେ। ଶିକ୍ଷା ବିକାଶ ସମିତିର ଓଡ଼ିଶା ଶାଖାର ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ମହାନ୍ତ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟବକ୍ତା ବିଦ୍ୟା ଭାରତୀଙ୍କ ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମାର୍ଗଦର୍ଶନରେ କହିଥିଲେ ୪୮ ବର୍ଷ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପ୍ରତିଷ୍ଠା ସୃଷ୍ଟି କରିଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ୧୦ମ ଶ୍ରେଣୀ ସରକାରୀ ବୋର୍ଡ଼ ପରୀକ୍ଷା ବିଭିଓ ବୃତ୍ତି ଓ ମେଧା ପରୀକ୍ଷାରେ ଯେଉଁଭଳି ଭାବେ ସଫଳତା ପ୍ରାପ୍ତ କରୁଛନ୍ତି ଓଡ଼ିଆ ମାଧ୍ୟମ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଏକ ଉଦାହରଣ ସୃଷ୍ଟି ହୋଇପାରିଛି। ବିଦ୍ୟା ଭାରତୀର ପୂର୍ବତନ ଛାତ୍ରମାନେ ପୃଥିବୀର କୋଣ ଅନୁକୋଣରେ ପ୍ରାଶାସନିକ କ୍ଷେତ୍ରରେ, ବିଜ୍ଞାନ ପ୍ରଯୁକ୍ତି କ୍ଷେତ୍ରରେ ରାଜନୀତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ର୍ନିବାହନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ୧୯୫୨ ମସିହାରେ ବିଦ୍ୟା ଭାରତୀ ଯେଉଁ ଶିକ୍ଷାନୀତି ପ୍ରଚଳନ କରିଥିଲେ ବର୍ତ୍ତମାନ କେନ୍ଦ୍ର ସରକାର ତାହାକୁ ସାରା ଦେଶରେ ପ୍ରଚଳନ କରାଇଛନ୍ତି। ଏପରିକି ଓଡ଼ିଶାର ନୂତନ ସରକାର ରାଜ୍ୟରେ ଏହି ଶିକ୍ଷାନୀତିକୁ ଲାଗୁ କରୁଥିବାରୁ ଭୂୟଶୀ ପ୍ରଶଂସା କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶା ଶାଖାର ସଂଗଠନ ମନ୍ତ୍ରୀ ତାରକଦାସ ସରକାର ସମ୍ମିଳନୀର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ ।ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକରେ ଶିକ୍ଷଣ ଗତିବିଧିର ଗୁଣାତ୍ମକମାନ ବୃଦ୍ଧି ତଥା ରାଣୀ ଅହିଲ୍ୟାବାଇ ହୋଲକରଙ୍କର ୩୦୦ ବର୍ଷ ପୂର୍ତ୍ତିଭଳି ଏକ ଗୌରବମୟ ବର୍ଷ ପର୍ତ୍ତି ଅବସରରେ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ସମ୍ମିଳନୀ ଭଳି ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ ବୋଲି କହିଥିଲେ। ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି ସମ୍ପାଦକ ବନ୍ଧୁମାନଙ୍କୁ ନିଜ ନିଜ କ୍ଷେତ୍ରରେ ସମ୍ପାଦକ ସମ୍ମିଳନୀର ଲକ୍ଷ ଓ ଉଦ୍ଦେଶ୍ୟ ସାଧନ ପାଇଁ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେଇ ରାଷ୍ଟ୍ର ର୍ନିମାଣର ନୂତନ ପି ର୍ନିମାଣ ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସମ୍ପାଦକ ଡ. ସରୋଜ କୁମାର ହାତୀ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମସମ୍ପାଦକ ଉମେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ପରିଚାଳିତ ୯୮୦ ବିଦ୍ୟାଳୟରୁ ସମ୍ପାଦକ, ସଙ୍କୁଳ ପ୍ରମୁଖ ଜିଲ୍ଲା ଓ ସହଜିଲ୍ଲା ପ୍ରମୁଖ, ସମ୍ଭାଗ କାର୍ଯ୍ୟକର୍ତ୍ତା, ପ୍ରାଦେଶିକ କାର୍ଯ୍ୟକର୍ତ୍ତା, କେନ୍ଦ୍ରୀୟ ଅଧିକାରୀ ଓ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ମୋଟ ୧୨୭୮ଜଣଙ୍କ ସମାବେଶ ହୋଇଥିଲା। ଆଜିର ଦିନରେ ଉଦଘାଟିତ କାର୍ଯ୍ୟକ୍ରମ ଆସନ୍ତାକାଲି ୮ ତାରିଖ ଅପରାହ୍ଣ ୨ ଘଟିକାରେ ସମାପନ ହେବ । ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ, ଗତିରାଉତପାଟଣା, କଟକର ସମସ୍ତ କର୍ମକର୍ତ୍ତା, ଗୁରୁଜୀଗୁରୁମା ସମେତ ଓଡ଼ିଶାର ବିଭିଓ ଶିଶୁ ବିଦ୍ୟା ମନ୍ଦିରରୁ ୧୫୦ ଜଣ ଗୁରୁଜୀ ଓ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଞ୍ଚାଳନ ହୋଇଥିଲା।

## ସାମ୍ନାକୁ ଆସିଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକର ଅସଲ କାରଣ

ନୂଆଦିଲ୍ଲୀ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ହତ୍ୟା ଧମକ ଦେଇଥିବା ବ୍ୟକ୍ତିଙ୍କୁ ଦିଲ୍ଲୀ ପୋଲିସ ଉତ୍ତର ପଶ୍ଚିମ ଜିଲାର ସ୍ୱତନ୍ତ୍ର କର୍ମଚାରୀଙ୍କ ଦଳ ଗାଜିଆବାଦରୁ ଗିରଫ କରିଛି । ଅଭିଯୁକ୍ତ କହିଛନ୍ତି ଯେ, ସେ ମଦ୍ୟପାନ କରି କଲ୍ ? କରିଥିଲେ । ପୋଲିସ ସନ୍ଦେହ କରୁଛି ଅଭିଯୁକ୍ତ ପୋଲିସକୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି । ତେଣୁ ପୋଲିସ ଏହି ଘଟଣାର ତଦନ୍ତ କରୁଛି । ରେଖା ଗୁରୁବାର ହତ୍ୟା ଧମକ ପାଇଥିଲେ । ଗାଜିଆବାଦ ଥାନାରେ ୧୧୨ ନମ୍ବରରେ କଲ୍ ? କରି ଏହି ଧମକ ଦିଆଯାଇଥିଲା । ଧମକ ଦେବା ପରେ କଲର ତାଙ୍କ ଫୋନ୍ ? ବନ୍ଦ କରିଦେଇଥିଲେ । ଦିଲ୍ଲୀ ପୋଲିସ ଏବଂ ଗାଜିଆବାଦ ପୋଲିସ ଉଭୟ ଲଗାତର କଲ୍ ? କରୁଥିବା ବ୍ୟକ୍ତିଙ୍କୁ ଖୋଜୁଥିଲେ । ଅଭିଯୁକ୍ତ କହିଛନ୍ତି, ସେ ଏହି କଲ୍ ? କରିବା ସମୟରେ ମଦ୍ୟପାନ କରିଥିଲେ । ସେ କହିଛନ୍ତି ମୁଁ ଏହି କଲ୍ ? ବିଷୟରେ କିଛି ଜାଣିନାହିଁ । ପଚରାଉଚରା ପରେ ଜଣାପଡ଼ିଲା ଯେ ଅଭିଯୁକ୍ତ ଏଲ୍ ?ଏଲ୍ ?ବି ପଢ଼ିଛି । ତାଙ୍କ ସ୍ତ୍ରୀ ତାଙ୍କୁ ଛାଡ଼ିବା ପରେ, ସେ କିଛି ଦିନ ଧରି ମାନସିକ ଭାବରେ ବହୁତ ବିଚଳିତ ଥିଲେ । ଏହି ସମସ୍ୟା ଯୋଗୁ ସେ ମଦ୍ୟପାନରେ ନିଶାଗ୍ରସ୍ତ ହୋଇଗଲେ । ଏହି କାରଣରୁ ସେ ମଦ୍ୟପାନ କରିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ ? କରି ହତ୍ୟା କରିବାକୁ ଧମକ ଦେଇଥିଲେ । ପୋଲିସ କହିଛି, ଅଭିଯୁକ୍ତଙ୍କ ପାଖରୁ ଅନେକ ନକଲି ପରିଚୟପତ୍ର ମିଳିଛି । ଯାହା ଦର୍ଶାଉଛି ଯେ, ମାମଲାଟି ଗମ୍ଭୀର । ପୋଲିସ କହିଛି ଯେପର୍ଯ୍ୟନ୍ତ ମାମଲାର ସମ୍ପୂର୍ଣ୍ଣ ତଦନ୍ତ ନ ହୁଏ, ପୋଲିସ ଅଭିଯୁକ୍ତଙ୍କୁ ବିଶ୍ୱାସ କରିପାରିବ ନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା କରିବା ପାଇଁ କଲ ହେବାର କିଛି ଦିନ ପୂର୍ବରୁ ଆଉ ଏକ ଧମକପୂର୍ଣ୍ଣ ଇମେଲ ଆସିଥିଲା, ଯେଉଁଥିରେ ଉଦ୍ୟୋଗ ଭବନ ଏବଂ ନିର୍ମାଣ ଭବନକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଥିଲା । ଏହା ପରେ ପୋଲିସ ପ୍ରଶାସନ ବହୁତ ସତର୍କ ହୋଇଯାଇଥିଲା ।

## ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନକୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ: ଜାତିସଂଘ ଉପରେ ଭାରତ କ୍ଷୁବ୍ଧ

ନୂଆଦିଲ୍ଲୀ :ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍ସି)ର ୨ଟି ଆତଙ୍କବାଦ ନିରୋଧୀ କମିଟିରେ ପାକିସ୍ତାନକୁ ଅଧ୍ୟକ୍ଷ ଓ ସହଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବାରୁ ଭାରତ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି । ୟୁଏନ୍ଏସ୍ସିର ତାଲିବାନ ବିରୋଧୀ କଟକଣା କମିଟିରେ ଇସ୍ଲାମାବାଦକୁ ଅଧ୍ୟକ୍ଷତା ମିଳିଥିବାବେଳେ ୯/୧୧ ପରବର୍ତ୍ତୀ ଆତଙ୍କବାଦ ନିରୋଧୀ କମିଟି ଏବଂ ଜାତିସଂଘ ପ୍ରତିବନ୍ଧ ବ୍ୟବସ୍ଥା କାର୍ଯ୍ୟକାରୀ ଗୋଷ୍ଠୀର ଉପାଧ୍ୟକ୍ଷ କରାଯାଇଛି, ଯାହା ନୂଆଦିଲ୍ଲୀକୁ କ୍ଷୁବ୍ଧ କରିଛି । ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ମେ’ ୭ରୁ ୪ ଦିନ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ପରେ ପାକିସ୍ତାନକୁ ଆତଙ୍କବାଦର କେନ୍ଦ୍ରସ୍ଥଳ ଭାବେ ପ୍ରଚାର କରାଇବା ପାଇଁ ଭାରତ ଉଦ୍ୟମ ଚଳାଇଥିବା ସତ୍ତ୍ୱେ ଜାତିସଂଘର ଆତଙ୍କବାଦ ନିରୋଧୀ କମିଟିରେ ଇସ୍ଲାମାବାଦକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବା ନୂଆଦିଲ୍ଲୀକୁ ବିସ୍ମିତ କରିଛି । ପାକିସ୍ତାନରୁ ସୃଷ୍ଟ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇ ପଛରେ ସମର୍ଥନ ଯୋଗାଡ଼ ଉଦ୍ୟମ ସ୍ୱରୂପ କେନ୍ଦ୍ର ସରକାର ଗତ ମାସରେ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ରାଷ୍ଟ୍ର ସମେତ ବିଭିନ୍ନ ଦେଶର ରାଜଧାନୀକୁ ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀ ପଠାଇଥିଲେ ।

## ଉତ୍ତରାଖଣ୍ଡ ରାଜରାସ୍ତାରେ ଜରୁରୀକାଳୀନ ଅବତରଣ କଲା ହେଲିକପ୍ଟର, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଉତ୍ତରାଖଣ୍ଡ : କେଦାରନାଥ ଦର୍ଶନ ପାଇଁ ଯାଉଥିବାବେଳେ ଉତ୍ତରାଖଣ୍ଡ ରୁଦ୍ରପ୍ରୟାଗରେ ହେଲା ଏମର୍ଜେନ୍ସି ଲ୍ୟାଣ୍ଡିଂ । ଅବତରଣ ସମୟରେ ଏକ ଗାଡି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଟଉଇଉଇ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଉଏଉଇକୁ ଜଣାଇଛି । ସୂଚନା ଅନୁଯାୟୀ, କେଦାରନାଥ ଦର୍ଶନ ପାଇଁ ଯାଉଥିବାବେଳେ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । କୌଣସି ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ, ପାଇଲଟ ହେଲିକପ୍ଟରକୁ ରାଜପଥରେ ହିଁ ଅବତରଣ କରିଥିଲେ । ଅବତରଣ ସମୟରେ କୌଣସି ମୃତାହତ ଥିବା ଖବର ନଥିବାବେଳେ କିନ୍ତୁ ଏକ ଗାଡି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ହେଲିକପ୍ଟରରେ ୨ଜଣ ପାଇଲଟଙ୍କ ସମେତ ଅନ୍ୟ ୫ ଜଣ ଯାତ୍ରୀ ଥିବା ସୂଚନା ମିଳିଛି । ସୂଚନା ପାଇବା ମାତ୍ରେ ପୋଲିସ ଦଳ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ରେସ୍କ୍ୟୁ ଅପରେସନ ଆରମ୍ଭ କରିବା ସହିତ ଯାତ୍ରୀଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇଥିଲେ । ଅବତରଣ ସମୟରେ ସହ- ପାଇଲଟଙ୍କୁ ସାମାନ୍ୟ ଆଘାତ ଲାଗିଥିବା କୌଣସି ଏକ ସୂତ୍ରରୁ ପ୍ରକାଶ ପାଇଛି । ଅନ୍ୟପଟେ ମେ ମାସ ୨୦୨୫ ମସିହାରେ କେଦାରନାଥ ଧାମରେ ??ଅବତରଣ କରିବା ସମୟରେ ଏକ ହେଲି ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଯାହା ଋଷିକେଶରୁ କେଦାରନାଥ ଯାଉଥିଲା । ଏହା ପୂର୍ବରୁ ମଧ୍ୟ ମେ ୮ରେ ଗଙ୍ଗୋତ୍ରୀ ଧାମ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପୂର୍ବ ସୂଚନାନୁଯାୟୀ ସେହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ଅପରେସନ ସିନ୍ଦୂରକୁ ପୂରିଲା ମାସେ, ୯ଟି ଆତଙ୍କବାଦୀ ଶିବିର ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା ସେନା






ନୂଆଦିଲ୍ଲୀ : ଅପରେସନ ସିନ୍ଦୂରକୁ ପୂରିଲା ମାସେ । ଭାରତର ଅପରେସନ ସିନ୍ଦୂରରେ ଛାରଖାର ହୋଇଥିଲା ପାକିସ୍ତାନର ୯ ଆତଙ୍କୀ ଆଡ୍ଡା । ପହଲଗାମ ଆତଙ୍କୀ ଆକ୍ରମଣରୁ ଅପରେସନ ସିନ୍ଦୂରର ସୂତ୍ରପାତ । ମେ ୭ ତାରିଖ ବିଳମ୍ବିତ ରାତି । ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଶିବିର ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା ଭାରତୀୟ ସେନା । ୨୫ ମିନିଟର ଥିଲା ଅପରେସନ । ଜୈସ-ଏ-ମହମ୍ମଦ, ଲସକର ଏ ତୋଇବା ଏବଂ ହିଜବୁଲ୍ଲ ମୁଜାହିଦ୍ଦିନ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା ଭାରତୀୟ ସେନା । ଏଥିରେ ଭାରତୀୟ ବାୟୁ ସେନା ପକ୍ଷରୁ ସ୍କାଲପ ମିସାଇଲ ଓ ହାମର ପ୍ରେସିଜନ ଗାଇଡେଡ ବୋମା ବ୍ୟବହାର କରାଯାଇଥିଲା । ଭାରତୀୟ ସେନାର ଅପରେସନ ସିନ୍ଦୂରରେ ଶତାଧିକ ଆତଙ୍କବାଦୀ ନିପାତ ହୋଇଥିଲେ । ଏହାପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା । ଶ୍ରୀନଗର, ଭୁଜ, ଚଣ୍ଡୀଗଡ଼ ଲୁଧିଆନା ଆଦି ସହରରେ ପାକିସ୍ତାନ ଡ୍ରୋନ ଓ ମିସାଇଲ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା । ଭାରତୀୟ ସେନା ପକ୍ଷରୁ ଦିଆଯାଇଥିଲା କଡ଼ା ଜବାବ । ଲାହୋରରେ ପାକିସ୍ତାନର ଏୟାର ଡିଫେନସ ସିଷ୍ଟମକୁ ଧ୍ୱଂସ କରିଥିଲା ଭାରତ । ମେ ୯ରେ ଭାରତୀୟ ସେନା ଜମ୍ମୁ, ସାମ୍ବା ଓ ପଠାନକୋଟରେ ପାକିସ୍ତାନର ଡ୍ରୋନକୁ ନଷ୍ଟ କରିଦେଇଥିଲା । ମେ ୧୦ରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତ-ପାକିସ୍ତାନ ଯୁଦ୍ଧବିରତି ପାଇଁ ରାଜି ହୋଇଥିବା ଘୋଷଣା କରିଥିଲେ । ମେ ୧୦ରେ ଭାରତ-ପାକିସ୍ତାନ ଡିଜିଏମଓ ସ୍ତରରେ ଆଲୋଚନା ପରେ ଯୁଦ୍ଧବିରତି ଘୋଷଣା କରାଯାଇଥିଲା । ଏପ୍ରିଲ ୨୨ରେ ପହଲଗାମ ବୈସରନରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ ୨୬ ପର୍ଯ୍ୟଟକ । ସମସ୍ତ ପୁରୁଷଙ୍କୁ ହିଁ ଟାର୍ଗେଟ କରିଥିଲେ ଆତଙ୍କବାଦୀ । ସ୍ୱାମୀକୁ ହରାଇ ଶୋକରେ ଭାଙ୍ଗି ପଡ଼ିଥିବା ମହିଳାଙ୍କ ସିନ୍ଦୁରକୁ ସମ୍ମାନ ଜଣାଇ ଭାରତ ପକ୍ଷରୁ ଅପରେସନ ସିନ୍ଦୁର କରାଯାଇଥିଲା । ଅପରେସନ ସିନ୍ଦୂର ଜରିଆରେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନର ଅସଲ ମୁଖାକୁ ଖୋଲି ଦେଇଛି ଭାରତ ।

## ୟୁକ୍ରେନରେ ପୁଣି ତାଣ୍ଡବ ରଚିଲା ଋଷ



ନୂଆଦିଲ୍ଲୀ : ୟୁକ୍ରେନର ଭୟଙ୍କର ଡ୍ରୋନ ଆକ୍ରମଣ ପରେ ରୁଷ ପ୍ରତିଶୋଧ ନେଇଛି । ଶନିବାର ଦିନ ରୁଷ ପୂର୍ବ ୟୁକ୍ରେନର ଖାରକିଭ ସହର ଉପରେ ଏକ ଭୟଙ୍କର ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ଯେଉଁଥିରେ ୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୧ ଜଣ ଆହତ ହୋଇଛନ୍ତି । ୟୁକ୍ରେନର ସ୍ଥାନୀୟ କର୍ତ୍ତୃପକ୍ଷ ଏହା ନିଶ୍ଚିତ କରିଛନ୍ତି । ୟୁକ୍ରେନର ଭୟାନକ ଡ୍ରୋନ ଆକ୍ରମଣ ପରେ କଡା ଜବାବ ଦେଇଛି ରୁଷ । ଖାରକିଭ ମେୟର ଇଗୋର ତେରେଖୋଭ କହିଛନ୍ତି ଯେ, ଏହି ଆକ୍ରମଣରେ ୧୮ଟି ବିଶାଳ କୋଠା ଏବଂ ୧୩ଟି ଘର କ୍ଷତିଗ୍ରସ୍ତ ହୋଇଛି । ସୂଚନା ମୁତାବକ, ଏହି ହମଲାରେ ରୁଷ ୪୮ଟି ଶହୀଦ ଡ୍ରୋନ୍ ୨ଟି କ୍ଷେପଣାସ୍ତ୍ର ଏବଂ ୪ଟି ଏରିଆଲ୍ ଗ୍ଲାଇଡ୍ ବୋମା ବ୍ୟବହାର କରିଥିଲା । ଏରିଆଲ୍ ଗ୍ଲାଇଡ୍ ବୋମାଗୁଡ଼ିକ ଅତ୍ୟନ୍ତ ଘାତକ ବୋଲି ବିବେଚନା କରାଯାଏ, କାରଣ ଏଗୁଡ଼ିକ ସଠିକ୍ ଭାବରେ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିଥାଏ ଏବଂ ବଡ଼ ଧରଣର ଧ୍ୱଂସ ଘଟାଇପାରେ । ସମ୍ପ୍ରତି ୟୁକ୍ରେନ ଡ୍ରୋନ ବ୍ୟବହାର କରି ରୁଷ ଉପରେ ଆକ୍ରମଣର ଏକ ସିରିଜ୍ କରିଥିଲା । ରଏଟର୍ସ ତିନି ଜଣ ଓପନ୍ ସୋର୍ସ ବିଶ୍ଳେଷକଙ୍କୁ ଉଦ୍ଧୃତ କରି କହିଛି ଯେ ‘ୟୁକ୍ରେନ ରୁଷ ଭିତରେ ଡ୍ରୋନ ଆକ୍ରମଣ ଆରମ୍ଭ କରିବା ପରେ ତୁରନ୍ତ ନିଆଯାଇଥିବା ରୁଷୀୟ ବାୟୁସେନା ଘାଟିର ସାଟେଲାଇଟ୍ ଚିତ୍ରଗୁଡ଼ିକ ଦର୍ଶାଉଛି ଯେ ଅନେକ ବୋମା ବିସ୍ଫୋରଣ ବିମାନ ନଷ୍ଟ ହୋଇ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି’ । ୟୁକ୍ରେନ ଲକ୍ଷ୍ୟସ୍ଥଳ ନିକଟରୁ କଣ୍ଟେନରରୁ ଉଡ଼ାଣ କରାଯାଇଥିବା ୧୧୭ଟି ମଣିଷ ନଥିବା ବିମାନ ଯାନ ବ୍ୟବହାର କରି ରୁଷର ପ୍ରାୟ ଚାରୋଟି ବାୟୁସେନା ଘାଟିକୁ ଟାର୍ଗେଟ କରିଥିଲା । ରଏଟର୍ସ ଦ୍ୱାରା ଯାଞ୍ଚ କରାଯାଇଥିବା ଅପରେସନର ଡ୍ରୋନ୍ ଫୁଟେଜ ଦର୍ଶାଉଛି ଯେ ନିକଟବର୍ତ୍ତୀ ଦୁଇଟି ସ୍ଥାନରେ ଅନେକ ବିମାନ ଆକ୍ରମଣ କରାଯାଇଥିଲା ।

## ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଦୁଇ ଦିନ ପାଇଁ ପୋଲିସ ହେପାଜତରେ ରହିବେ ଜସବୀର ସିଂହ

ନୂଆଦିଲ୍ଲୀ : ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଛନ୍ତି ଜସବୀର । ୟୁଟ୍ୟୁବର ଜସବୀର ସିଂହ ଙ୍କୁ ଆଜି ମୋହାଲି କୋର୍ଟରେ ହାଜର କରାଯାଇଛି । କୋର୍ଟ ଅଭିଯୁକ୍ତକୁ ଦୁଇ ଦିନିଆ ପୋଲିସ ରିମାଣ୍ଡରେ ପଠାଇ ଦେଇଛନ୍ତି । ଜସବୀର ସିଂହ ୟୁଟ୍ୟୁବରେ ଜାନ ମହଲ ନାମକ ଏକ ଚ୍ୟାନେଲ ଚଳାଉଛନ୍ତି । ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ତାଙ୍କୁ ଜୁନ ୪ ତାରିଖରେ ଗିରଫ କରାଯାଇଥିଲା । ପୋଲିସ ଖବର ଅନୁସାରେ ଜସବୀରଙ୍କର ଆତଙ୍କବାଦ-ସମର୍ଥିତ ଗୁପ୍ତଚର ନେଟୱାର୍କ ପାକିସ୍ତାନୀ ଗୁପ୍ତଚର ଅଧିକାରୀ (ପିଆଇଓ) ଶାକିର ଓରଫ ଜଟ୍ଟ ରନ୍ଧାୱାଙ୍କ ସହ ସମ୍ପର୍କ ଥିବା ଜଣାପଡ଼ିଥିଲା । ଜସବୀର ସିଂହଙ୍କର



ହରିଆଣାରୁ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଏବଂ ପାକିସ୍ତାନୀ ନାଗରିକ ଏବଂ ବହିଷ୍କୃତ ପାକ୍ ହାଇ କମିଶନ ଅଧିକାରୀ ଏହସାନ-ଉର-ରହିମ ଓରଫ ଦାନିଶଙ୍କ ସହିତ ମଧ୍ୟ ସମ୍ପର୍କ ଥିଲା । ଜସବୀର ସିଂହ ଜାନ ମହଲ ନାମକ ଏକ ୟୁଟ୍ୟୁବ ଚ୍ୟାନେଲ୍ ଚଲାନ୍ତି । ତାଙ୍କର ୟୁଟ୍ୟୁବ ଚ୍ୟାନେଲ୍ର ୧.୧ ନିୟୁତ ସବସ୍କ୍ରାଇବର୍ ଅଛନ୍ତି । ସେ ପିଆଇଓ ଶାକିର ଓରଫ ଜଟ୍ଟ ରନ୍ଧାୱାଙ୍କ ସହ ଜଡିତ ଥିବା ଜଣାପଡ଼ିଛି । ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଏବଂ ପାକିସ୍ତାନୀ ନାଗରିକ ତଥା ବହିଷ୍କୃତ ପାକ୍ ହାଇ କମିଶନ୍ ଅଧିକାରୀ ଏହସାନ-ଉର-ରହିମ ଓରଫ ଦାନିଶ୍ଙ୍କ ସହ ମଧ୍ୟ ତାଙ୍କର ଘନିଷ୍ଠ ସମ୍ପର୍କ ଅଛି ।

## ବେଙ୍ଗାଲୁରୁରୁ ସୁଟକେସ ଭିତରୁ ମିଳିଲା କିଶୋରୀଙ୍କ ମୃତଦେହ, ବିହାରରୁ ୭ଗିରଫ

ବିହାର: ମେ’ ୨୧ ତାରିଖରେ ବେଙ୍ଗାଲୁରୁରୁ ଜଣେ କିଶୋରୀଙ୍କ ମୃତଦେହ ସୁଟକେସରୁ ମିଳିଥିଲା । ଜଣେ ୧୭ ବର୍ଷୀୟ ଝିଅଟିକୁ ହତ୍ୟା କରି କେହି ସୁଟକେସରେ ଭର୍ତ୍ତି କରି ଫିଙ୍ଗି ଦେଇଥିଲେ । ବେଙ୍ଗାଲୁରୁ ପୁଲିସ୍ ଏହି ଘଟଣାର ତଦନ୍ତ କରି ବିହାରରୁ ୭ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି । ବେଙ୍ଗାଲୁରୁ ଗ୍ରାମାଞ୍ଚଳ ଡିଭିଜନର ସୂର୍ଯ୍ୟନଗର ପୁଲିସ୍ ବିହାରରୁ ୭ ଜଣଙ୍କୁ ଧରିବା ସହ ସେମାନଙ୍କୁ କର୍ଣ୍ଣାଟକା ଆଣୁଛି । ସମସ୍ତ ଗିରଫ ଅଭିଯୁକ୍ତ ବିହାରର ନୱାଡା ଜିଲ୍ଲାର । ୭ ଜଣଙ୍କ ମଧ୍ୟରୁ ୩ ଜଣ ପରିଚୟ ମିଳିଛି । ସେମାନେ ହେଲେ ମୁକେଶ, ରାଜାରାମ ମୋହନ ଓ ଆଶିଷ କୁମାର । କୁମାର ବିବାହିତ ଓ ତା’ର ୨ଟି ପିଲା ମଧ୍ୟ ରହିଛନ୍ତି । ପୁଲିସ୍ ଏବେ ୭ ଜଣଙ୍କୁ ଗିରଫ କରି ହତ୍ୟା ପଛର ଉଦ୍ଦେଶ୍ୟ ଉପରୁ ପରଦା ହଟାଇବାକୁ ଚେଷ୍ଟା କରୁଛି । ମେ’ ୨୧ ତାରିଖରେ ବେଙ୍ଗାଲୁରୁର ପୁରୁଣା ଚାନ୍ଦପୁରା ରେଲ ବାଇ ବ୍ରିଜ ନିକଟରୁ ଗୋଟିଏ ବ୍ଲୁ ରଙ୍ଗର ସୁଟକେସ ମିଳିଥିଲା । ଏହାକୁ ପୁଲିସ ଖୋଲିବା ପରେ ଭିତରୁ ୧୭ ବର୍ଷୀୟ ରୀମାଙ୍କ ମୃତଦେହ ମିଳିଥିଲା । ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିଲା ଯେ ରୀମାଙ୍କୁ ଅନ୍ୟତ୍ର ହତ୍ୟା କରାଯିବା ପରେ ମୃତଦେହକୁ ସୁଟକେସରେ ଭର୍ତ୍ତି କରାଯାଇଥିଲା । ଏହାପରେ ଚଳନ୍ତା ଟ୍ରେନରୁ ଏହାକୁ ଫିଙ୍ଗି ଦିଆଯାଇଥିଲା । ତେବେ ପୁଲିସ୍ ପରବର୍ତ୍ତୀ ଅବସ୍ଥାରେ କହିଥିଲା ଯେ ରୀମାଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତମାନେ ମୃତଦେହକୁ ସୁଟକେସରେ ଭର୍ତ୍ତି କରିଥିଲେ । ଏହାପରେ ଏହାକୁ ଗୋଟିଏ କ୍ୟାବ ଦ୍ୱାରା ରେଳ ଟ୍ରାକ ନିକଟକୁ ଆଣିଥିଲେ । କିଶୋରୀଙ୍କ ପରିଚୟ ହାସଲ କରିବା ପାଇଁ ପୁଲିସ୍ ପକ୍ଷରୁ କର୍ଣ୍ଣାଟକାର ବିଭିନ୍ନ ସ୍ଥାନରେ ପୋଷ୍ଟର ମରାଯାଇଥିଲା । କିନ୍ତୁ କୌଣସି ସୁଫଳ ମଳି ନଥିଲା । ପରବର୍ତ୍ତୀ ସମୟରେ ପୁଲିସ୍ ? କିଶୋରୀ ଜଣଙ୍କ ବାହାର ରାଜ୍ୟର ଅନୁଭବ କରିଥିଲେ । ତଦନ୍ତ ଜାରି ରହିଥିବା ବେଳେ କିଶୋରୀଙ୍କ ପରିଚୟ ମିଳିଥିଲା । ତାଙ୍କ ଘର ବିହାରର ନୱାଡା ଜିଲ୍ଲାର ବେଲାରୁ ଗାଁରେ ବୋଲି ପୁଲିସ୍ ଜାଣିବାକୁ ପାଇଥିଲା । ରୀମାଙ୍କ ନିଖୋଜ ସମ୍ପର୍କରେ ମେ’ ୨୩ରେ ପରିବାର ଲୋକ ହିସା ପୁଲିସ୍ରେ ଅଭିଯୋଗ କରିଥିଲେ । ରୀମାଙ୍କୁ ଅପହରଣ କରାଯାଇଥିବା ଖବର ବେଙ୍ଗାଲୁରୁ ପୁଲିସ ପାଖରେ ପହଞ୍ଚିଥିଲା । ପୁଲିସ୍ର କହିବା କଥା ଯେ ମୁଖ୍ୟ ଅଭିଯୁକ୍ତ ୪୨ ବର୍ଷୀୟ ଆଶିଷ କୁମାର ମେ’ ୧୫ରେ ରୀମାକୁ ତାଙ୍କ ଘରୁ ପ୍ରଲୋଭିତ କରି ନିଜ ସହ ଆଣିଥିଲା । ବିହାରରୁ ସିଧା ସେମାନେ ମେ’ ୧୭ରେ କର୍ଣ୍ଣାଟକାର କଚାନାୟକାନାହାଲିରେ ପହଞ୍ଚିଥିଲେ । ଜଣେ ବନ୍ଧୁଙ୍କ ଘରେ ରହିଥିଲେ । ସୂର୍ଯ୍ୟ ନଗର ପୁଲିସ୍ ଇନସପେକ୍ଟର ସଞ୍ଜୀବ କୁମାର ମହାଜନ କହିଛନ୍ତି, “ଆଶିଷ କୁମାର କିଶୋରୀ ରୀମାଙ୍କୁ ତା’ ପତ୍ନୀ ଭାବେ ବନ୍ଧୁଙ୍କୁ ପରିଚୟ ଦେଇଥିଲେ । ସେମାନେ କିଛି ଦିନ ସେଠାରେ ରହିବାକୁ ଚାହୁଁଥିବା ଜଣାଇଥିଲା । ବନ୍ଧୁ ଜଣଙ୍କ ରହିବାକୁ ଅନୁମତି ମଧ୍ୟ ଦେଇଥିଲେ । କିନ୍ତୁ ମେ’ ୨୦ ତାରିଖ ସକାଳ ୮ରୁ ୯ଟା ମଧ୍ୟରେ ବନ୍ଧୁ ଜଣଙ୍କ ତାଙ୍କ କାମରେ ଚାଲି ଯାଇଥିଲେ । ଏହି ସମୟରେ ଆଶିଷ କୁମାର ତାଙ୍କୁ ଅପ୍ରାକୃତିକ ଯୌନ ନିର୍ଯାତନା ଦେଇଥିଲେ । ଏହାପରେ ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲା । ହତ୍ୟା ପରେ ସେ ତା’ର ସହଯୋଗୀମାନଙ୍କୁ ଖବର ଦେଇଥିଲା । ନିଜର ସହଯୋଗୀମାନଙ୍କ ସହଯୋଗରେ ସେ ରୀମାଙ୍କ ମୃତଦେହକୁ ସୁଟକେସରେ ଭର୍ତ୍ତି କରିଥିଲା ଓ ଏହାକୁ ରେଳ ବ୍ରିଜ ନିକଟରେ ଫିଙ୍ଗି ଦେଇଥିଲେ । ତଦନ୍ତକୁ ବାଟବଣା କରିବା ପାଇଁ ସେ ଏପରି କରିଥିଲା ।” ଆଶିଷ ହେଉଛି ବୋମାସାନ୍ଦ୍ରା ଇଣ୍ଡଷ୍ଟ୍ରିଆଲ ଫାର୍ମର ପୂର୍ବତନ ଆସିସଷ୍ଟାଣ୍ଟ । ସେ ବିବାହିତ ଓ ତା’ର ୨ ଜଣ ପିଲା ରହିଛନ୍ତି । ଏକଦା ସେ ରୀମାଙ୍କ ଗାଁକୁ ବୁଲିବାକୁ ଯାଇଥିଲା । ସେଠାରେ ଆଶିଷର ସମ୍ପର୍କୀୟ ରୁହନ୍ତି । ସେଠାକୁ ଯିବା ସମୟରେ ସେ ୧୦ମ ଶ୍ରେଣୀରେ ପଢୁଥିବା ରୀମାଙ୍କ ସହ ପରିଚିତ ହୋଇଥିଲା । ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ ବିଭିନ୍ନ ପ୍ରକାରର ପ୍ରତିଶ୍ରୁତି ଦେଇ ବେଙ୍ଗାଲୁରୁ ଆଣିବା ସହ ହତ୍ୟା କରିଛି । ଇନସପେକ୍ଟର ମହାଜନ କହିଛନ୍ତି, “ସମସ୍ତ ୭ ଅଭିଯୁକ୍ତଙ୍କୁ ବିହାରରୁ ଗିରଫ କରାଯାଇଛି । ଆଉ ୨ ଜଣ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି । ସେମାନଙ୍କୁ ଖୋଜା ଚାଲିଛି । ରୀମାଙ୍କ ମୃତଦେହକୁ ରେଳ ଟ୍ରାକ ନିକଟରେ ଫିଙ୍ଗିବା ପରେ ଅଭିଯୁକ୍ତମାନେ ସିଧା ବିହାର ଚାଲି ଆସିଥିଲେ । ତେବେ ସେମାନଙ୍କୁ ସ୍ଥାନୀୟ ପୁଲିସ ସହାୟତାରେ ଗିରଫ କରାଯାଇଛି ।”

## ଦକ୍ଷିଣ ମେକ୍ସିକୋରେ ବିମାନ ଦୁର୍ଘଟଣା, ତିନି ମୃତ

ନୂଆଦିଲ୍ଲୀ : ଦକ୍ଷିଣ ମେକ୍ସିକୋରେ ବିମାନ ଦୁର୍ଘଟଣା, ତିନି ଜଣଙ୍କ ମୃତ୍ୟୁ । ଗୁଆଟେମାଲା ସୀମା ନିକଟରେ ଦକ୍ଷିଣ ମେକ୍ସିକୋରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ଦୁଇଜଣ ଗୁଆଟେମାଲା ପାଇଲଟ ଏବଂ ଜଣେ ମେକ୍ସିକୋ କୃଷି ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଛି । ମେକ୍ସିକୋର କୃଷି ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଗୁଆଟେମାଲା ବିମାନଟି ଦକ୍ଷିଣ ମେକ୍ସିକୋର ତାପାଚୁଲା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନବନ୍ଦର ଅଧିକାରୀଙ୍କ ଅନୁଯାୟୀ, ଲାର୍ଭା ଆକ୍ରମଣର ମୁକାବିଲା ପାଇଁ ଏକ ଯୋଜନା ଉପରେ କାମ କରାଯାଉଥିଲା । ଏହି ଛୋଟ ବିମାନକୁ ଏଥିପାଇଁ ବ୍ୟବହାର କରାଯାଉଥିଲା । ଅଧିକାରୀମାନେ କହିଛନ୍ତି ଯେ ସ୍କ୍ରୁୱାର୍ମ ମହୁମାଛିଙ୍କୁ ଛାଡିବା ସମୟରେ ବିମାନଟି ହଠାତ୍ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଲା । ମେକ୍ସିକୋ ଏବଂ ଆମେରିକା ସ୍କ୍ରୁୱାର୍ମ ମହୁମାଛି ଆକ୍ରମଣକୁ ରୋକିବା ପାଇଁ ଏକାଠି କାମ କରୁଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏପ୍ରିଲରେ ଅଭିଯୋଗ କରିଥିଲା ଯେ ମେକ୍ସିକୋ ଏହି ଯୋଜନାରେ ସାମିଲ ଥିବା ଆମେରିକା-କଣ୍ଟ୍ରାକ୍ଟଡ଼ ବିମାନଗୁଡ଼ିକୁ ସପ୍ତାହରେ ସାତ ଦିନ ପରିବର୍ତ୍ତେ ଛଅ ଦିନ ଚଳାଚଳ କରିବାକୁ ପ୍ରତିବନ୍ଧକ ଲଗାଉଛି । ଆମେରିକା ବିମାନ ଉପକରଣ ଏବଂ ଜୀବାଣୁମୁକ୍ତ ମାଛିର ସିପମେଣ୍ଟ ଉପରେ ମେକ୍ସିକୋ କର୍ତ୍ତୃପକ୍ଷଙ୍କୁ ଯଥେଷ୍ଟ ଆମଦାନୀ ଶୁଳ୍କ ଲାଗୁ କରୁଥିବା ଅଭିଯୋଗ କରିଛି । ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ ପଶୁଧନ ଆମଦାନୀ ଉପରେ ଆମେରିକାର ପ୍ରତିବନ୍ଧକକୁ ଅନ୍ୟାୟ ବୋଲି କହିଛନ୍ତି ଏବଂ ସେ ଆଶା କରୁଛନ୍ତି ଯେ ଏହା ଶୀଘ୍ର ପ୍ରତ୍ୟାହାର ହୋଇଯିବ ।

## ନୂଆ ଦଳ ଗଠନ କରୁଛନ୍ତି ଏଲନ ମସ୍କ, ସୋସିଆଲ୍ ମିଡିଆ ପୋଲକୁ ମିଳିଲା ୮୦ ପ୍ରତିଶତ ଲୋକଙ୍କର ସମର୍ଥନ

ନୂଆଦିଲ୍ଲୀ : ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲନ ମସ୍କ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବନ୍ଧୁତା ଭାଙ୍ଗି ଯାଇଛି । ଉଭୟଙ୍କ ମଧ୍ୟରେ ବାକ୍ ଯୁଦ୍ଧ ଜାରି ରହିଛି । ଏହି ସମୟରେ, ମସ୍କ ଆମେରିକାରେ ଏକ ନୂତନ ରାଜନୈତିକ ଦଳର ଆବଶ୍ୟକତା ବିଷୟରେ ଏକ ବଡ଼ ବୟାନ ଦେଇଛନ୍ତି । ପ୍ରକୃତରେ, ଏଲୋନ ମସ୍କ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଲ କରିଥିଲେ, ଯେଉଁଥିରେ ସେ ପଚାରିଥିଲେ ଯେ ଆମେରିକାରେ ଏକ ନୂତନ ରାଜନୈତିକ ଦଳ ଗଠନ କରାଯିବା ଉଚିତ କି ନାହିଁ । ଏବେ ସେ ଏହି ପୋଲର ଫଳାଫଳ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ୮୦% ଲୋକ ସମର୍ଥନରେ ଭୋଟ ଦେଇଛନ୍ତି । ମସ୍କ ଢ ରେ ଲେଖିଛନ୍ତି ଯେ ଜନସାଧାରଣ ତାଙ୍କର ରାୟ ଦେଇଛନ୍ତି, ଆମେରିକାକୁ ଏକ ନୂତନ ରାଜନୈତିକ ଦଳ ଆବଶ୍ୟକ ଯାହା ମଧ୍ୟମ ୮୦% ଲୋକଙ୍କ ପ୍ରତିନିଧିତ୍ୱ କରେ ଏବଂ ଠିକ୍ ୮୦% ଲୋକ ଏହାକଲୋକ ଏହାକୁ ସମର୍ଥନ କରିଛନ୍ତି । ଏହା ଭାଗ୍ୟ । ଏହା ପରେ, ସେ ‘ଦ ଆମେରିକା ପାର୍ଟି’ ନାମକ ଅନ୍ୟ ଏକ ପୋଷ୍ଟରେ କେବଳ ଏହା ଲେଖିଛନ୍ତି । ଏହା ଏପରି ସମୟରେ ଘଟିଥିଲା ଯେତେବେଳେ ସୋସିଆଲ ମିଡିଆରେ ମସ୍କ ଏବଂ ଟ୍ରମ୍ପଙ୍କ ମଧ୍ୟରେ ବାକ୍ ଯୁଦ୍ଧ ତୀବ୍ର ହୋଇଥିଲା । ମସ୍କ ଟ୍ରମ୍ପଙ୍କୁ ଟାର୍ଗେଟ କରି ଲେଖିଥିଲେ ଯେ ମୋ ବିନା ଟ୍ରମ୍ପ ନିର୍ବାଚନ ହାରିଯାଇଥାନ୍ତେ । ଏହା ପରେ ସେ ସ



ଲେଖିଥିଲେ ଯେ ଏପରି ବେଇମାନି । ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ମସ୍କଙ୍କ ବିଶ୍ୱାସଘାତକ ବୋଲି କହି ତ । ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ଚେତାବନୀ ଦେଇଥିଲେ । ଏଥି ସହ ସେ କହିଛନ୍ତି ଯେ ବଜେଟରେ କୋଟି କୋଟି ଡଲାର ସଞ୍ଚୟ କରିବାର ସହଜ ଉପାୟ ହେଉଛି ଏଲୋନ୍ ମସ୍କଙ୍କ ସରକାରୀ ସବସିଡି ଏବଂ ଚୁକ୍ତିନାମାକୁ ବନ୍ଦ କରିବା । ମସ୍କଙ୍କ ଦ୍ୱାରା ପ୍ରସ୍ତାବିତ ଆମେରିକା ପାର୍ଟି ଏପର୍ଯ୍ୟନ୍ତ କେବଳ ଏକ ଧାରଣା, କିନ୍ତୁ ଏହାକୁ ଆମେରିକୀୟ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭର ସଙ୍କେତ ଭାବରେ ଦେଖାଯାଉଛି । ବିଶେଷକରି ଯେତେବେଳେ ମସ୍କଙ୍କ ସୋସିଆଲ ମିଡିଆ ପହଞ୍ଚିବା ଏବଂ ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଉଛି । ଆପଣଙ୍କୁ କହି ରଖୁଛୁ ଯେ ମେ ୩୦ରେ ଡୋନାଲ୍ଡ ଟ୍ରମ୍ପ ଏବଂ ଏଲୋନ ମସ୍କଙ୍କୁ ଏକାଠି ଦେଖିବାକୁ ମିଳିଥିଲା । ଉଭୟ ପରସ୍ପରକୁ ଧନ୍ୟବାଦ ଦେଉଥିବାର ଶୁଣିବାକୁ ମଧ୍ୟ ମିଳିଥିଲା । ସେହି ସମୟ ମଧ୍ୟରେ, ଏକ ମୁହୂର୍ତ୍ତ ପାଇଁ ମଧ୍ୟ ମନେ ହୋଇନଥିଲା ଯେ ଉଭୟଙ୍କ ମଧ୍ୟରେ ପରସ୍ପର ପ୍ରତି ଏତେ ଘୃଣା ଥିଲା, କାରଣ ଛଅ ଦିନ ମଧ୍ୟରେ ଟ୍ରମ୍ପ ବିଗ୍ ବିୟୁଟିଫୁଲ୍ ବିଲ୍ ଉପରେ ବହୁତ ରାଗିଥିଲେ । ଏହା ପରେ ମସ୍କ ସୋସିଆଲ ମିଡିଆରେ ଆକ୍ରମଣ କରିଥିଲେ ଏବଂ ଦାବି କରିଥିଲେ ଯେ ତାଙ୍କ ବିନା ଟ୍ରମ୍ପ ନିର୍ବାଚନ ଜିତିପାରି ନଥାନ୍ତେ । ମସ୍କ ଟ୍ରମ୍ପଙ୍କୁ ମହାଭିଯୋଗ କରିବା ଏବଂ ତାଙ୍କୁ ହଟାଇବା ପାଇଁ ସମର୍ଥନ କରିଥିଲେ ଏବଂ ଆମେରିକାରେ ତୃତୀୟ ପକ୍ଷର ଆବଶ୍ୟକତା ଉପରେ ଏକ ସର୍ଭେ ମଧ୍ୟ କରିଥିଲେ, ଯେଉଁଥିରେ ୮୦% ଲୋକ ମସ୍କଙ୍କ ସହ ସହମତ ହୋଇଥିଲେ ।


## ଦକ୍ଷିଣ ମେକ୍ସିକୋରେ ବିମାନ ଦୁର୍ଘଟଣା, ତିନି ମୃତ

ନୂଆଦିଲ୍ଲୀ : ଦକ୍ଷିଣ ମେକ୍ସିକୋରେ ବିମାନ ଦୁର୍ଘଟଣା, ତିନି ଜଣଙ୍କ ମୃତ୍ୟୁ । ଗୁଆଟେମାଲା ସୀମା ନିକଟରେ ଦକ୍ଷିଣ ମେକ୍ସିକୋରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ଦୁଇଜଣ ଗୁଆଟେମାଲା ପାଇଲଟ ଏବଂ ଜଣେ ମେକ୍ସିକୋ କୃଷି ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଛି । ମେକ୍ସିକୋର କୃଷି ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଗୁଆଟେମାଲା ବିମାନଟି ଦକ୍ଷିଣ ମେକ୍ସିକୋର ତାପାଚୁଲା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନବନ୍ଦର ଅଧିକାରୀଙ୍କ ଅନୁଯାୟୀ, ଲାର୍ଭା ଆକ୍ରମଣର ମୁକାବିଲା ପାଇଁ ଏକ ଯୋଜନା ଉପରେ କାମ କରାଯାଉଥିଲା । ଏହି ଛୋଟ ବିମାନକୁ ଏଥିପାଇଁ ବ୍ୟବହାର କରାଯାଉଥିଲା । ଅଧିକାରୀମାନେ କହିଛନ୍ତି ଯେ ସ୍କ୍ରୁୱାର୍ମ ମହୁମାଛିଙ୍କୁ ଛାଡିବା ସମୟରେ ବିମାନଟି ହଠାତ୍ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଲା । ମେକ୍ସିକୋ ଏବଂ ଆମେରିକା ସ୍କ୍ରୁୱାର୍ମ ମହୁମାଛି ଆକ୍ରମଣକୁ ରୋକିବା ପାଇଁ ଏକାଠି କାମ କରୁଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏପ୍ରିଲରେ ଅଭିଯୋଗ କରିଥିଲା ଯେ ମେକ୍ସିକୋ ଏହି ଯୋଜନାରେ ସାମିଲ ଥିବା ଆମେରିକା-କଣ୍ଟ୍ରାକ୍ଟଡ଼ ବିମାନଗୁଡ଼ିକୁ ସପ୍ତାହରେ ସାତ ଦିନ ପରିବର୍ତ୍ତେ ଛଅ ଦିନ ଚଳାଚଳ କରିବାକୁ ପ୍ରତିବନ୍ଧକ ଲଗାଉଛି । ଆମେରିକା ବିମାନ ଉପକରଣ ଏବଂ ଜୀବାଣୁମୁକ୍ତ ମାଛିର ସିପମେଣ୍ଟ ଉପରେ ମେକ୍ସିକୋ କର୍ତ୍ତୃପକ୍ଷଙ୍କୁ ଯଥେଷ୍ଟ ଆମଦାନୀ ଶୁଳ୍କ ଲାଗୁ କରୁଥିବା ଅଭିଯୋଗ କରିଛି । ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ ପଶୁଧନ ଆମଦାନୀ ଉପରେ ଆମେରିକାର ପ୍ରତିବନ୍ଧକକୁ ଅନ୍ୟାୟ ବୋଲି କହିଛନ୍ତି ଏବଂ ସେ ଆଶା କରୁଛନ୍ତି ଯେ ଏହା ଶୀଘ୍ର ପ୍ରତ୍ୟାହାର ହୋଇଯିବ ।

# ଅଲ୍‌ବିଦା କହିବେ କି ଜୋକୋଭିକ୍

## ଫ୍ରେଞ୍ଚ ଓପନ୍ ସେମିରୁ ହାରିବା ପରେ ଦେଲେ ସଂକେତ

ନୂଆଦିଲ୍ଲୀ,୦୭।୦୬: ନୋଭାକ ଜୋକୋଭିକ୍ ଟେନିସ୍ ଜଗତର ବାଦ୍‌ଶାହ ସର୍ବଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ୨୦୨୫ ଫ୍ରେଞ୍ଚ୍ ଓପନ୍‌ର ସେମିଫାଇନାଲ୍‌ରେ ଜାନିକ୍ ସିନର୍‌ଙ୍କଠାରୁ ପରାସ୍ତ ହେବା ପରେ ଟେନିସ୍‌ରୁ ଅବସର ନେବା ନେବା ନେଇ ବଡ଼ ସଙ୍କେତ ଦେଇଛନ୍ତି।



ପ୍ୟାରିସର ଫିଲିପ୍ ଚାଟିଅର୍ କୋର୍ଟରେ ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ୩୮ବର୍ଷୀୟ ସର୍ବିଆନ୍ ଖେଳାଳି ସିନର୍‌ଙ୍କଠାରୁ ୪-୬, ୫-୭, ୬-୭ରେ ପରାସ୍ତ ହୋଇଥିଲେ।

ଫ୍ରେଞ୍ଚ୍ ଓପନ୍‌ର ଏହି ସେମିଫାଇନାଲ୍ ମ୍ୟାଚ୍ ଥିଲା ବେଶ୍ ହୃଦୟସ୍ପର୍ଶୀ। ମୁହୂର୍ତ୍ତ ଏମିତି ଥିଲା କି, ମ୍ୟାଚ୍ ହାରିବା ପରେ ଜୋକୋଭିକ୍ କୋର୍ଟ ଛାଡିବା ସମୟରେ କିଛି ସମୟ ପାଇଁ ଅଟକିଯାଇଥିଲେ। ତାଙ୍କ ବ୍ୟାଗ୍ ତଳେ ରଖି ତାଙ୍କ ପ୍ରଶଂସକଙ୍କୁ ହାତ ହଲାଇଥିଲେ। ଏହା ଦେଖି ମନେ ହେଉଥିଲା ଯେପରି ଏହି କୋର୍ଟରେ ଖେଳିବାର ଏହା ଶେଷ ଥର।

ମ୍ୟାଚ୍ ପରେ ଜୋକୋଭିକ୍ ଏକ ସାମ୍ବାଦିକ ସମ୍ମିଳନୀରେ ଟିକେ ଭାବପ୍ରବଣ ହୋଇଯାଇଥିଲେ। କହିଥିଲେ- 'ଆଜିର ମ୍ୟାଚ୍ ହୁଏତ ମୁଁ ଏଠାରେ ଖେଳିଥିବା ଶେଷ ମ୍ୟାଚ୍ ହୋଇପାରେ। ସେଥିପାଇଁ ମୁଁ ଶେଷରେ ଟିକେ ଅଧିକ ଭାବପ୍ରବଣ ହୋଇଥିଲି'। ଜୋକୋଭିକ୍ ସାମ୍ବାଦିକ ସମ୍ମିଳନୀରେ ଆହୁରି କହିଛନ୍ତି, ମୁଁ ଏହି ସ୍ଥାନରେ ଆହୁରି ଖେଳିବାକୁ ଚାହୁଁଛି, କିନ୍ତୁ ବର୍ତ୍ତମାନ ମୁଁ କେବଳ ଏତିକି କହିପାରିବି ଯେ ମୁଁ ଜାଣିନାହିଁ ଯେ ମୁଁ ୧୨ ମାସ ପରେ ପୁଣି ଏହି ସ୍ଥାନରେ ଖେଳିପାରିବି କି ନାହିଁ। ଫ୍ରେଞ୍ଚ ଓପନର ସେମିଫାଇନାଲରେ ଜାନିକ୍ ସିନରଙ୍କଠାରୁ ହାରିବା ପରେ ମଧ୍ୟ ଜୋକୋଭିକ୍‌ଙ୍କ ମୁହଁରେ କୌଣସି ଦୁଃଖ ନଥିଲା ।

ସିନରଙ୍କ ବିପକ୍ଷ ପରାଜୟ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସିଧାସଳଖ ସେଟରେ ହାରିଥିଲେ ମଧ୍ୟ, ସେ ଏହି ମ୍ୟାଚ୍‌ରେ ଯଥାସମ୍ଭବ ପ୍ରତିଯୋଗିତା ଦେଇଥିଲେ। ସେ କହିଥିଲେ, ମୁଁ ସିନରଙ୍କୁ ଶେଷ ସଟ୍ ପର୍ଯ୍ୟନ୍ତ କଠିନ ପରିଶ୍ରମ କରିବାକୁ ବାଧ୍ୟ କରିଥିଲି। ଖେଳ ସମୟରେ ମୁଁ ମୋର ସର୍ବୋତ୍ତମ ପ୍ରଦର୍ଶନ କରିଥିଲି। କ୍ରୀଡ଼ାର ପରିଭାଷା ହେଉଛି ଯେ ପରାଜୟ ପରେ, ଆପଣଙ୍କୁ ନିଜଠାରୁ ଭଲ ଖେଳାଳିଙ୍କ ସହ ହାତ ମିଳାଇ ଆଗକୁ ବଢ଼ିବାକୁ ପଡିବ। ସେ ଏହା ମଧ୍ୟ କହିଥିଲେ ଯେ ଫ୍ରେଞ୍ଚ୍ ଓପନ୍ ଆରମ୍ଭ ହେବା ପୂର୍ବରୁ ସେ ତାଙ୍କର ସର୍ବୋତ୍ତମ ଫର୍ମରେ ନଥିଲେ। କିନ୍ତୁ ତଥାପି ସେ ଏହି ସମଗ୍ର ଟୁର୍ଣ୍ଣାମେଣ୍ଟରେ ତାଙ୍କର ପ୍ରଦର୍ଶନକୁ ସନ୍ତୋଷଜନକ ବୋଲି ପାଇଥିଲେ ସେ କହିଥିଲେ, ମୁଁ ମୋର ଖେଳ ଓ ପ୍ରୟାସ ଉପରେ ଗର୍ବିତ।

# ଦିବ୍ୟାଙ୍ଗ କ୍ରିକେଟରଙ୍କ ଅକାଳ ବିୟୋଗ

ରାୟପୁର,୭।୬: ଛତିଶଗଡ଼ ଏକ୍ସପ୍ରେସରେ ଏକ ଭୟଙ୍କର ଘଟଣା ଘଟିଛି। ପଞ୍ଜାବର ୩୮ ବର୍ଷୀୟ ଦିବ୍ୟାଙ୍ଗ କ୍ରିକେଟର ବିକ୍ରମ ସିଂହ ହ୍ୱିଲଚେୟାର କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀରୁ ଗ୍ୱାଲିୟର ଯାଉଥିବା ସମୟରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।ଯାତ୍ରା ସମୟରେ ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଯାଇଥିଲା। ତାଙ୍କୁ ସାହାଯ୍ୟ କରିବା ପାଇଁ ଅନେକ ଜରୁରୀକାଳୀନ କଲ କରାଯାଇଥିଲା କିନ୍ତୁ ସମୟ ମଧ୍ୟରେ ଡାକ୍ତରୀ ସହାୟତା ପହଞ୍ଚି ପାରି ନ ଥିଲା। ସାହାଯ୍ୟ ପାଇଁ ବାରମ୍ବାର ଚେଷ୍ଟା କରାଯାଉଥିଲା।କିନ୍ତୁ କୌଣସି ସାହାଯ୍ୟ ଆସି ନ ଥିଲା ଟ୍ରେନ ମଥୁରା ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା।



ସିଂହ ଏବଂ ତାଙ୍କ ସାଥୀମାନେ ହଜରତ ନିଜାମୁଦ୍ଦିନ ଷ୍ଟେଶନ୍ ଛତିଶଗଡ଼ ଏକ୍ସପ୍ରେସ୍‌ରେ ଚଢ଼ିଥିଲେ। ଟ୍ରେନ ଛାଡ଼ିବାର କିଛି ସମୟ ପରେ, ତାଙ୍କର ପ୍ରବଳ ଯନ୍ତ୍ରଣା ଆରମ୍ଭ ହୋଇଥିଲା ଏବଂ ଟ୍ରେନ ମଥୁରା ନିକଟରେ ପହଞ୍ଚିବା ପରେ ତାଙ୍କ ଅବସ୍ଥା ଖରାପ ହୋଇଯାଇଥିଲା। ସକାଳ ୪.୫୮ରେ ରେଳବାଇ ହେଲ୍ପଲାଇନକୁ ଏକ ଜରୁରୀକାଳୀନ କଲ କରାଯାଇଥିଲା, ତୁରନ୍ତ ଡାକ୍ତରୀ ସହାୟତା ଦାବି କରାଯାଇଥିଲା। ଅନେକ ଥର ଫୋନ କରିବା ସତ୍ତ୍ୱେ କୌଣସି ସାହାଯ୍ୟ ମିଳି ନ ଥିଲା। ଟ୍ରେନ ପ୍ରାୟ ୯୦ ମିନିଟ ବିଳମ୍ବ ହୋଇଥିଲା ଏବଂ ଶେଷରେ ସକାଳ ୮.୧୦ରେ ମଥୁରା ଷ୍ଟେଶନରେ ପହଞ୍ଚିଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସେ ଅମେ ଆଖି ସାମ୍ନାରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଆମେ ସାହାଯ୍ୟ ପାଇଁ ଡାକୁଥିଲୁ, କିନ୍ତୁ କେହି ଆସିଲେ ନାହିଁ ବୋଲି ତାଙ୍କ ଜଣେ ଶୋକସନ୍ତପ୍ତ ସାଥୀ କହିଥିଲେ।

# ଇସ୍ତଫା ଦେଲେ କ୍ରିକେଟ ସଂଘର ୨ ସଦସ୍ୟ

କର୍ଣ୍ଣାଟକ,୭।୬: ଚିନ୍ନାସ୍ୱାମୀ ଷ୍ଟାଡିୟମ ଦଳାଚକଟା ଘଟଣାରେ ବଡ ଟ୍ୱିଷ୍ଟ ଘଟିଛି। କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘର ସମ୍ପାଦକ ଏ ଶଙ୍କର ଏବଂ କୋଷାଧ୍ୟକ୍ଷ ଇଏସ ଜୟରାମ ଇସ୍ତଫା ଘୋଷଣା କରିଛନ୍ତି। ଉଭୟ ନୈତିକ ଦୃଷ୍ଟିର ଇସ୍ତଫା ଦେଇଥିବା ସୂଚନା ମିଳିଛି। ଦଳାଚକଟା ମାମଲାରେ, ଆରସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସାଲେଙ୍କ ସମେତ ଚାରି ଜଣଙ୍କୁ କର୍ଣ୍ଣାଟକ ପୋଲିସ ଗିରଫ କରିଥିଲା।ସୋସାଲେଙ୍କ ବ୍ୟତୀତ, ଡିଏନଏ ଏଣ୍ଟରଟେନମେଣ୍ଟ ପ୍ରାଇଭେଟ ଲିମିଟେଡର ସୁନୀଲ ମାଥ୍ୟୁ, ସୁମନ୍ତ ଏବଂ କିରଣ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଥିଲା ।ସୋସାଲେ ତାଙ୍କ ଗିରଫଦାରୀକୁ ବେଆଇନ ବୋଲି କହି କର୍ଣ୍ଣାଟକ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି ।

# କୋହଲିଙ୍କ ନାମରେ ଅଭିଯୋଗ ହୋଇନି

ନୂଆଦିଲ୍ଲୀ,୭।୬: ଦଳାଚକଟା ଘଟଣାରେ ଆରସିବି ବିରୋଧରେ ମାମଲା ରୁଜୁ ହୋଇଛି। ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଡା ଘଟଣାକୁ ନେଇ ସାମାଜିକ କର୍ମଚାରୀ ଏଚଏମ୍ ଭେଙ୍କଟେଶ କବ୍ବନ ପାର୍କ ପୁଲିସ ଷ୍ଟେସନରେ ବିରାଟ କୋହଲିଙ୍କ ବିରୋଧରେ ଅଭିଯୋଗ ଦାୟର କରିବାକୁ ଚେଷ୍ଟା କରିଥିଲେ।

ଭେଙ୍କଟେଶ ଅଭିଯୋଗ କରି କହିଛନ୍ତି, ବିରାଟ 'ଆଇପିଏଲ୍' ମାଧ୍ୟମରେ ଜୁଆକୁ ପ୍ରୋତ୍ସାହିତ ଦେଉଛନ୍ତି ପଡ଼ିଆ। ବାହାରେ ହୋଇଥିବା ଦଳାଚକଡା ଘଟଣାରେ ବିରାଟଙ୍କ ହାତ ଅଛି। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।



ସାମାଜିକ କର୍ମଚାରୀଙ୍କ ଏଭଳି ଅଭିଯୋଗକୁ ନେଇ ପୁଲିସ କହିଛି, ଏଚ୍.ଏମ୍. ଭେଙ୍କଟେଶଙ୍କ ଅଭିଯୋଗର ସମୀକ୍ଷା କରାଯିବ, କିନ୍ତୁ ବିରାଟ କୋହଲିଙ୍କ ବିରୋଧରେ ଏପର୍ଯ୍ୟନ୍ତ ଗୋଟିଏ ବି ମାମଲା ରୁଜୁ ହୋଇନାହିଁ। ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଘଟିଥିବା ଘଟଣା ପରେ ସୋସିଆଲ ମିଡିଆରେ 'କୋହଲିଙ୍କୁ ଗିରଫ କରାଯାଉ' ଉଲ୍ଲେଖ ଥିବା ନେଇ ଏକ ଟ୍ରେଣ୍ଡ ଆରମ୍ଭ ହୋଇଛି। ବେଙ୍ଗାଲୁରୁ ଦଳାଚକଡା ମାମଲାରେ ଏପର୍ଯ୍ୟନ୍ତ ୪ ଜଣଙ୍କୁ ଗିରଫ କରାଯାଇଛି ଏଥିରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜଣେ ବରିଷ୍ଠ ଅଧିକାରୀ ନିଖିଲ ସୋସାଲେଙ୍କ ସମେତ ତିନିଜଣ ଇଭେଣ୍ଟ ମ୍ୟାନେଜମେଣ୍ଟ ଜଡିତ ଥିବା ଜଣାପଡ଼ିଛି।ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଐତିହାସିକ ବିଜୟର ଦିନକ ପରେ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଡା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୧ଜଣ ଖେଳପ୍ରେମୀଙ୍କ ଜୀବନ ଚାଲିଯାଇଥିବା ପ୍ରକାଶିତ ରିପୋର୍ଟରୁ ସ୍ପଷ୍ଟ ହୋଇଛି।

### ଅନ୍ତଃ ଜିଲ୍ଲା ଫୁଟବଲ ସିଏମ୍ ଟ୍ରଫି

# ଭୁବନେଶ୍ୱର- ବରଗଡ଼ ଫାଇନାଲ

ଭୁବନେଶ୍ୱର,୭।୬(ଏଜେନ୍ସି) ୧୫ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସିଏମ୍ ଟ୍ରଫିର ଫାଇନାଲ ମ୍ୟାଚ୍ ଆସନ୍ତା ୮ ତାରିଖରେ ଖେଳାଯିବ। ଭୁବନେଶ୍ୱର ଓ ବରଗଡ଼ ମଧ୍ୟରେ ଟ୍ରଫି ଲଢ଼େଇ ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ସ ଷ୍ଟାଡ଼ିୟମରେ ଖେଳାଯିବ।ମ୍ୟାଚର ସିଧାପ୍ରସାରଣ ଫାଓର ୟୁଟ୍ୟୁବ ଚ୍ୟାନେଲ କରାଯିବ। ଦୁଇଟି ପର୍ଯ୍ୟାୟରେ ସିଏମ ଟ୍ରଫି ଆୟୋଜିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ଜିଲ୍ଲାରେ ଅନ୍ତଃ କ୍ଲବ୍ ମ୍ୟାଚ୍ ଆୟୋଜିତ ହୋଇଥିଲା । ଜାନୁଆରୀ ୧୬ରୁ ଆରମ୍ଭ ହୋଇ ଏହା ଏପ୍ରିଲ ୧୯ ତାରିଖରେ ଶେଷ ହୋଇଥିଲା । ଏଥିରେ ମୋଟ୍ ୪୪୮ଟି ମ୍ୟାଚ୍ ଖେଳାଯାଇଥିଲା। ସେମିତି ଦ୍ୱିତୀୟ ପର୍ଯ୍ୟାୟ ଅନ୍ତଃ ଜିଲ୍ଲା ଟୁର୍ଣ୍ଣାମେଣ୍ଟ ମେ ୨୮ ତାରିଖରୁ ଆରମ୍ଭ ହୋଇ ଆସନ୍ତ ୮ତାରିଖରେ ଶେଷ ହେବ। ଏଥିରେ ୫୨ଟି ମ୍ୟାଚ୍ ରହିଥିଲା ଏମିତି ଅନ୍ତଃ କ୍ଲବରୁ ଅନ୍ତଃ ଜିଲ୍ଲା ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୫୦୦ଟି ମ୍ୟାଚ୍ ଖେଳାଯାଇଛି।

### ୟୁଇଏଫ୍ଏ ନେସନ୍ସ ଲିଗ୍

# ରବିବାର ପର୍ତ୍ତୁଗାଲ-ସ୍ପେନ ଫାଇନାଲ୍ ଫାଇଟ୍

ଷ୍ଟଟଗାର୍ଟ,୭।୬(ଏଜେନ୍ସି): ନେସନ୍ସ ଲିଗର ଦ୍ୱିତୀୟ ସେମିଫାଇନାଲରେ ଦୁଇ ପୂର୍ବତନ ବିଶ୍ୱ ଚାମ୍ପିଅନ ଫ୍ରାନ୍ସ ଓ ସ୍ପେନ ନିଜ ନିଜର ପୂର୍ଣ୍ଣ ସାମର୍ଥ୍ୟ ସହ ମୁହାଁମୁହିଁ ହୋଇଥିଲେ। ଲଢ଼େଇ ବେଶ ସଂଘର୍ଷପୂର୍ଣ୍ଣ ଥିଲା। କିନ୍ତୁ ଶେଷରେ ୧୭ ବର୍ଷୀୟ ଯୁବ ତାରକା ଲାମିନ ୟାମାଲଙ୍କ ଡବଲ ଗୋଲ୍ ସହାୟତାରେ ସ୍ପେନ ୫-୪ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା।ପ୍ରଥମେ ସେମିରେ ପର୍ତ୍ତୁଗାଲ ୨-୧ ଗୋଲରେ ଜର୍ମାନୀକୁ ହରାଇଥିଲା। ଆସନ୍ତା ୮ ତାରିଖରେ ପର୍ତ୍ତୁଗାଲ ଓ ସ୍ପେନ ଫାଇନାଲ ଖେଳିବେ।





ଫ୍ରାନ୍ସ-ସ୍ପେନ ମ୍ୟାଚ ବେଶ ଚିତାକର୍ଷକ ହୋଇଥିଲା ଫ୍ରାନ୍ସ ଖେଳର ପରିସଂଖ୍ୟାନ ଦୃଷ୍ଟିରୁ (ସଟ୍, ସଟ୍ ଟାର୍ଗେଟ, ପୋଜେସନ, ପାସ, ପାସ୍ ଆକ୍ୟୁରେସୀ ଓ କର୍ଣ୍ଣର) ସବୁଥିରେ ଅଗ୍ରଣୀ ରହିବି ମ୍ୟାଚ୍ ଜିତି ପାରିନଥିଲା। ପ୍ରଥମ ଭାଗରେ ସ୍ପେନ ୨୨ (ନିକୋ ଲିୟମ୍ସ ) ଓ ୨୫ ମିନିଟରେ (ମିକେଲ ମେରିନୋ) ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ ଦ୍ୱିତୀୟ ଭାଗରେ ବି ସ୍ପେନ ପ୍ରଭାବ ବିସ୍ତାର କରି ଖେଳିଥିଲା। ୟାମାଲ ୫୪ ମିନିଟରେ ଏକ ପେନାଲ୍ଟିକୁ ଗୋଲ ରୂପ ଦେଇଥିଲେ ସେମିତି ୬୭ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ ୫୫ ମିନିଟରେ ପେଡ୍ରି ଦଳ ପାଇଁ ପଞ୍ଚମ ଗୋଲ୍ ଦେଇଥିଲେ।

ଫ୍ରାନ୍ସ ୫୯ ମିନିଟରେ ପେନାଲ୍ଟିରୁ ପ୍ରଥମ ଗୋଲ ପରିଶୋଧ କରିଥିଲା କିଲିଆନ ଏମ୍‌ବାପେ ଏହି ଗୋଲ୍ ଦେଇଥିଲେ ୭୯ ମିନିଟରେ ରାୟାନ ଚେର୍କି ଦ୍ୱିତୀୟ ଗୋଲ୍ ଦେବା ପରେ ଦଳ ମନୋବଳ ଦୃଢ଼ ହୋଇଥିଲା ୮୪ ମିନିଟରେ ସ୍ପେନ ପକ୍ଷରୁ ଏକ ଆତ୍ମଘାତୀ ଗୋଲ ହେବା ପରେ ମ୍ୟାଚ୍ ସ୍ଥିତି ୫-୩ ହୋଇଥିଲା ଶେଷରେ ଇନ୍‌ଜ୍ୟୁରୀ ଟାଇମରେ (୯୦+୩) ଫ୍ରାନ୍ସ ତୃତୀୟ ଗୋଲ୍ ଦେବା ପରେ ମ୍ୟାଚକୁ ଅମୀମାଂସିତ ରଖିବା ନେଇ ତତ୍ପର ହୋଇ ଉଠିଥିଲା ମାତ୍ର ସ୍ପେନ ରକ୍ଷଣଭାଗ ଆଉ ସୁଯୋଗ ଦେଇ ନଥିଲେ ଶେଷରେ ଫ୍ରାନ୍ସ ୫-୪ ଗୋଲରେ ପରାଜିତ ହୋଇ ବିଦାୟ ନେଇଥିଲା।

# କୋହଲିଙ୍କ ପାଗଳ ପ୍ରଶଂସକ

## ହାତକାଟି ପୋଷ୍ଟରରେ ରକ୍ତରେ ଟିକା

ନୂଆଦିଲ୍ଲୀ,୭।୬: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ରେ ଆରସିବିର ବିଜୟ ପରେ ଦଳର ପ୍ରଶଂସକମାନେ ଖୁବ ଉତ୍ସାହିତ ଅଛନ୍ତି। ଏହି ପ୍ରଶଂସକମାନଙ୍କ ମଧ୍ୟରୁ ଏମିତି କିଛିଜଣ ଅଛନ୍ତି ଯେଉଁମାନଙ୍କର ଖେଳ



ପ୍ରତି ଖୁବ ଦୁର୍ବଳତା ରହିଛି। ସମୟସମୟରେ ଦଳ ବିଜୟୀ ହୋଇଗଲେ ପ୍ରଶଂସକମାନେ ଖୁବ ଉତ୍ସାହିତ ହୋଇ ସେମାନଙ୍କ ପାଗଳାମୀ ଦେଖାଇବା ଆରମ୍ଭ କରି ଦେଇଥାଆନ୍ତି। ଏପରି କିଛି ଭିଡିଓ ଆରସିବିର ବିଜୟ ହେବାପରେ ସାମ୍ନାକୁ ଆସିଛି ସୋସିଆଲ୍ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ, ଆରସିବି ଏବଂ ବିରାଟ କୋହଲିଙ୍କ ଜଣେ ପ୍ରଶଂସକ ଏତେ ମାତ୍ରାରେ ଉତ୍ସାହିତ ହୋଇଯାଇଛନ୍ତି କି ସେ ତାଙ୍କ ହାତ କାଟି ଦେଉଛନ୍ତି।ହାତ କାଟିବା ପରେ ସେଥିରୁ ବାହାରୁଥିବା ରକ୍ତକୁ ନେଇ ଫ୍ୟାନ୍ସ ଜଣକେ ବିରାଟଙ୍କ ପୋଷ୍ଟରରେ ଟିକା ଲଗାଉଥିବାର ଦେଖିବାକୁ ମିଳୁଛି। ତେବେ ବିରାଟଙ୍କ ମଥାରେ ଟିକା ଲଗାଇବା ପାଇଁ ଉକ୍ତ ଖେଳପ୍ରେମୀ ଓ ବିରାଟଙ୍କ ଫ୍ୟାନ୍ସ ଜଣକ ଥରେ ନୁହେଁ ତିନିଥର ଏକ ବ୍ଲେଡ଼ ସାହାଯ୍ୟରେ ହାତକୁ କାଟି ଦେଇଥିଲେ।

# ଟେଷ୍ଟ ନେତୃତ୍ୱ ମୋ ପାଇଁ ବଡ଼ ସୁଯୋଗ : ଗିଲ

ମୁମ୍ବାଇ,୭।୬: ରବିଚନ୍ଦ୍ରନ ଅଶ୍ୱିନ, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଅବସର ପରେ ଏବେ ଭାରତୀୟ ଟେଷ୍ଟ୍ ଦଳ ଏକ ଯୁବବାହିନୀରେ ପରିଣତ ହୋଇଛି।ଏହାର ନେତୃତ୍ୱ ବି ମିଳିଛି ଯୁବ ବ୍ୟାଟର୍ ଶୁବମନ ଗିଲଙ୍କୁ।ଏହି ପରିସ୍ଥିତିକୁ କିନ୍ତୁ ସକରାତ୍ମକ ନଜରରେ ଦେଖିଛନ୍ତି।



ଗିଲ୍ କହିଛନ୍ତି ସେମାନଙ୍କ ସ୍ଥାନକୁ ପୂରଣ କରିବା କଷ୍ଟକର କାମ। କିନ୍ତୁ ସମାନ ସମୟରେ ଏହା ଯୁବ ଖେଳାଳିମାନଙ୍କ ପାଇଁ ସୁଯୋଗ ଆଣିଛି। ମେ ୭ ତାରିଖରେ ରୋହିତ ଶର୍ମାଙ୍କ ଅବସର ଘୋଷଣାର ୫ ଦିନ ପରେ (ମେ ୧୨) ବିରାଟ କୋହଲି ବି ଏହି ଫର୍ମାଟକୁ ଛାଡ଼ି ଦେଇଥିଲେ। ଇଂଲଣ୍ଡ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା ପୂର୍ବରୁ ଉଭୟଙ୍କ ଏହି ନିଷ୍ପତ୍ତି ଆସିଯାଇଥିଲା। ଇଂଲଣ୍ଡ ଗସ୍ତ ପୂର୍ବରୁ ଗିଲ୍ କହିଛନ୍ତି ପ୍ରତିଟି ଗସ୍ତରେ ଭାରତକୁ ଜିତିବା ନେଇ ଚାପ ରହିଥାଏ। ଦୁଇ ଅଭିଜ୍ଞ ବ୍ୟାଟର୍ ରୋହିତ ଶର୍ମା ଓ ବିରାଟ କୋହଲି ଦଳରେ ନଥିବା ଦୁର୍ଭାଗ୍ୟଜନକ କଥା ସେମାନେ ଏତେ ମ୍ୟାଚ୍ ଜିତିଛନ୍ତି ଯେ, ସେମାନଙ୍କ ସ୍ଥାନ ପୂରଣ କରିବା କଷ୍ଟକର ହେବ ତଥାପି ଆମେ ବ୍ୟାଟିଂ ଓ ବୋଲିଂ ବିଭାଗରେ ଏକ ଭଲ ସନ୍ତୁଳନ ଦଳ ନେଇ ଯାଉଛୁ ଏଥିରେ ଅଭିଜ୍ଞତା ଓ ପ୍ରତିଭାର ଭଲ ମିଶ୍ରଣ ବି ହୋଇଛି ଏଭଳି ପରିସ୍ଥିତିକୁ ନେଇ ମୁଁ ଉଲ୍ଲସିତ ଅଛି, ମୋ ପାଇଁ ମଧ୍ୟ ଏହା ବଡ଼ ସୁଯୋଗ ଆଣି ଦେଇଛି ବଡ଼ ଆହ୍ୱାନକୁ ପାଇଁ ବି ମୁଁ ପ୍ରସ୍ତୁତ ସୂଚନାଯୋଗ୍ୟ, ୨୫ ବର୍ଷୀୟ ଗିଲଙ୍କ ଟେଷ୍ଟ୍ ନେତୃତ୍ୱ ଅଭିଯାନ ଜୁନ୍ ୨୦ ତାରିଖରୁ ଆରମ୍ଭ ହେବ। ହେଡିଙ୍ଗଲେରେ ଇଂଲଣ୍ଡ୍ ବିପକ୍ଷ ୫ ମ୍ୟାଚ୍ ଶୃଙ୍ଖଳାର ପ୍ରଥମ ଟେଷ୍ଟ୍ ଏହି ଦିନଠାରୁ ଆରମ୍ଭ ହେବ।

# କ'ଣ ରହିବ ଟିମ୍ ଇଣ୍ଡିଆର ଚୂଡ଼ାନ୍ତ ଏକାଦଶ

ନୂଆଦିଲ୍ଲୀ,୭।୬: ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ ୨୦ରୁ ଖେଳାଯିବ ଏହା ପୂର୍ବରୁ ଇଂଲଣ୍ଡ ଲାୟନ୍ସ ଓ ଭାରତୀୟ ଦଳ ମଧ୍ୟରେ ଦ୍ୱିତୀୟ ଅନୌପଚାରିକ ଟେଷ୍ଟ ମ୍ୟାଚ୍ ଖେଳା ଯାଉଛି। ଏହି ମୁକାବିଲାରେ ତାରକା ବ୍ୟାଟର କେଏଲ ରାହୁଲ ଶତକ ହାସଲ କରିଛନ୍ତି। ନର୍ଥମ୍ପଟନର କାଉଣ୍ଟି ଗ୍ରାଉଣ୍ଡରେ ଖେଳା ଯାଉଥିବା ମୁକାବିଲାରେ କେଏଲ ରାହୁଲ ୧୬୮ ବଲ୍‌ରୁ ୧୧୬ ରନର ଶତକୀୟ ଇନିଂସ ଖେଳିଛନ୍ତି। ଏଥିରେ ୧୫ ଚୌକା ଓ ଗୋଟିଏ ଛକା ସାମିଲ୍।



କେଏଲ ରାହୁଲ ଇଣ୍ଡିଆ ଏର ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଓପନିଂ କରିଥିଲେ। ରାହୁଲ ଓପନିଂ କରିବାରୁ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ତୃତୀୟ ସ୍ଥାନରେ ବ୍ୟାଟିଂ କରିଛନ୍ତି। କିନ୍ତୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ଅନୌପଚାରିକ ଟେଷ୍ଟରେ ଈଶ୍ୱରନ ଜୟସ୍ୱାଲଙ୍କ ସହ ଓପନିଂ କରିଥିଲେ। ତେବେ ଦ୍ୱିତୀୟ ଅନୌପଚାରିକ ଟେଷ୍ଟରେ କେଏଲ ରାହୁଲ ଶତକ ହାସଲ କରି ସ୍ପଷ୍ଟ କରିଛନ୍ତି। ସେ, ଇଂଲଣ୍ଡ ପ୍ରଥମ ଟେଷ୍ଟରେ ଓପନିଂ କରିବାକୁ ସଂପୂର୍ଣ୍ଣ ପ୍ରସ୍ତୁତ ରାହୁଲ ଓ ଜୟସ୍ୱାଲ ଓପନିଂ କଲେ ଦଳକୁ ଲେଫ୍ଟ-ରାଇଟ୍ କମ୍ବିନେସନ ମଧ୍ୟ ମିଳି ପାରିବ।

ହେଣ୍ଡିଗ୍ଲେ ଟେଷ୍ଟରେ ତୃତୀୟ କ୍ରମରେ କରୁଣ ନାୟର, ସାଇ ସୁଦର୍ଶନ କିମ୍ବା ଅଭିମନ୍ୟୁ ଈଶ୍ୱରନଙ୍କ ମଧ୍ୟରୁ କୌଣସି ଜଣେଙ୍କୁ ସୁଯୋଗ ମିଳିପାରେ। ତଥାପି କରୁଣ ନାୟରଙ୍କ ଖେଳିବାର ସମ୍ଭାବନା ରହିଛି। ତାଙ୍କୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ମଧ୍ୟ ପ୍ରଶଂସା କରିଛନ୍ତି ଅଧିନାୟକ ଶୁଭମନ ଗିଲ୍ ନମ୍ବର ୪ରେ ବ୍ୟାଟିଂ କରି ପାରନ୍ତି।ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତ ପଞ୍ଚମ ଓ ରବୀନ୍ଦ୍ର ଜାଡ଼େଜା ଷଷ୍ଠ କ୍ରମରେ ବ୍ୟାଟିଂ କରିବା ନିଶ୍ଚିତ ଲାଗୁଛି। ଅଲରାଉଣ୍ଡର ନୀତିଶ କୁମାରଙ୍କୁ ଶାର୍ଦ୍ଦୁଳ ଠାକୁରଙ୍କ ଉପରେ ଅଧିକ ଗୁରୁତ୍ୱ ମିଳିପାରେ। ଏହା ପରେ ମହମ୍ମଦ ସିରାଜ, ଯଶପ୍ରୀତ ବୁମରା ଓ ପ୍ରସିଦ୍ଧ କୃଷ୍ଣଙ୍କ ଭାବେ ତିନି ସ୍ପେଶାଲିଷ୍ଟ ବୋଲରଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବାର ସମ୍ଭାବନା ରହିଛି। ଚାଇନାମ୍ୟାନ ବୋଲର କୁଲଦୀପ ଯାଦବଙ୍କୁ ସ୍ପେଶାଲିଷ୍ଟ ସ୍ପିନର ଭାବେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ। ଅର୍ଥାତ ପ୍ରଥମ ଟେଷ୍ଟରେ ଭାରତୀୟ ଦଳ ୪ ସ୍ପେଶାଲିଷ୍ଟ ବ୍ୟାଟର, ଜଣେ ୱିକେଟ୍ କିପର, ଦୁଇ ଅଲରାଉଣ୍ଡର, ତିନି ସ୍ପେଶାଲିଷ୍ଟ ଦ୍ରୁତ ବୋଲର ଓ ଜଣେ ବିଶେଷଜ୍ଞ ସ୍ପିନର ସହ ମଇଦାନକୁ ଓହ୍ଲାଇପାରେ।

ପ୍ରଥମ ଟେଷ୍ଟ ପାଇଁ ଭାରତୀୟ ଦଳର ସମ୍ଭାବିତ ଏକାଦଶ

ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ/କରୁଣ ନାୟର/ ଅଭିମନ୍ୟୁ ଈଶ୍ୱରନ, ଶୁଭମନ ଗିଲ୍(ଅଧିନାୟକ), ଋଷଭ ପନ୍ତ(ୱିକେଟ୍ କିପର), ରବୀନ୍ଦ୍ର ଜାଡ଼େଜା, ନୀତିଶ କୁମାର ରେଡ୍ଡୀ, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ପ୍ରସିଦ୍ଧ କୃଷ୍ଣ।

# ଆୟରଙ୍କ ପ୍ରେମରେ ପାଗଳ ଅଭିନେତ୍ରୀ ଏଡିନ୍

ନୂଆଦିଲ୍ଲୀ: ପଞ୍ଜାବ କିଙ୍ଗସ୍ ୨୦୨୫ ଟାଇଟଲ୍ ଜିତି ନାହିଁ ସତ କିନ୍ତୁ ଟିମ୍‌ର ଅଧିନାୟକ ଶ୍ରେୟସ ଆୟରଙ୍କ ପାଇଁ ଅନେକ ପାଗଳ। ପ୍ରଶଂସକଙ୍କ ଗହଣରେ ଏବେ ବି ଅଧିନାୟକ ଶ୍ରେୟସ ଆୟରଙ୍କ କ୍ରେଜ୍ ପ୍ରବଳ।ଏହାର ସଦ୍ୟତମ ଉଦାହରଣ ହେଉଛି, ଏକ ସାକ୍ଷାତକାରରେ ଚଳଚ୍ଚିତ୍ର ଅଭିନେତ୍ରୀ ଏଡିନ ରୋଜ୍ ଦେଇଥିବା ବୟାନ ସେ କହିଛନ୍ତି ଯେ, ସେ ଆୟରଙ୍କୁ ହୃଦୟରେ ତାଙ୍କ ସ୍ୱାମୀ ବୋଲି ମାନିଛନ୍ତି ଏବଂ ନିଜକୁ ତାଙ୍କ ପିଲାମାନଙ୍କର ମା ବୋଲି ଭାବୁଛନ୍ତି ବିଗ୍ ବସ୍ ୧୮ ଫେମ୍ ଅଭିନେତ୍ରୀ ଏଡିନ ରୋଜ୍ ଫିଲ୍ମିଜ୍ଞାନକୁ ଦେଇଥିବା ଏକ ସାକ୍ଷାତକାରରେ ତାଙ୍କର ପ୍ରିୟ କ୍ରିକେଟରଙ୍କ ବିଷୟରେ କହିଛନ୍ତି ।





ସେ କହିଛନ୍ତି ଯେ, ସେ ଶ୍ରେୟସ ଆୟରଙ୍କୁ ବହୁତ ପସନ୍ଦ କରନ୍ତି। ସେ ତାଙ୍କୁ ତୁରନ୍ତ ବିବାହ କରିବାକୁ ଚାହାଁନ୍ତି। ସେ ତାଙ୍କ ପିଲାମାନଙ୍କର ମାଆବୋଲି ମାନୁଛନ୍ତି। ଏପରିକି ସେ ଶ୍ରେୟସଙ୍କ ଚାରୋଟି ଗୁଣ ସଂପର୍କରେ କହିଛନ୍ତି। ଆୟରଙ୍କ ଉଚ୍ଚତା ଅଧିକ। ସେ କଳା ଏବଂ ସୁନ୍ଦର ତାଙ୍କର ଭଲ ଦାଢ଼ି ମଧ୍ୟ ଅଛି। ସେ ଭାରତକୁ ପ୍ରତିନିଧି କରନ୍ତି ଏବଂ ଦେଶ ପାଇଁ ଖେଳନ୍ତି। ରୋଜ୍ କହିଛନ୍ତି, ମୁଁ ତାଙ୍କୁ ତୁରନ୍ତ ବିବାହ କରିବାକୁ ଚାହୁଁଛି। ମୁଁ ଚାରୋଟି ଗୁଣ ଚାହୁଁଛି – ସେ ଉଚ୍ଚ, କଳା ଏବଂ ସୁନ୍ଦର, ତାଙ୍କର ଭଲ ଦାଢ଼ି ଏବଂ ମାଂସପେଶୀ ମଧ୍ୟ ଅଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ଆମ ଦେଶ ପାଇଁ ଖେଳନ୍ତି। ସେ ମୋ ବାପାଙ୍କ ପରି ଦକ୍ଷିଣ ଭାରତରୁ ଆସିଛନ୍ତି। ସେ କହିଛନ୍ତି, ମୁଁ ବିଶ୍ୱାସ କରେ ଯେ ମୁଁ ତାଙ୍କ ପିଲାମାନଙ୍କର ମା ମୋ ମତରେ, ମୁଁ ତାଙ୍କୁ ବିବାହ କରିଛି'। ଶ୍ରେୟସ ଆୟରଙ୍କ ନେତୃତ୍ୱପରେ ପଞ୍ଜାବ ଟାଇଟଲ ଜିତିପାରିନଥିଲେ ମଧ୍ୟ, ଦଳ ୨୦୧୪ ପରେ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା । ସେ ତିନୋଟି ଭିନ୍ନ ଦଳ ସହିତ ଆଇପିଏଲ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଅଧିନାୟକ ଶ୍ରେୟସ ପୂର୍ବରୁ ୨୦୨୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ୨୦୨୪ରେ କୋଲକାତା ନାଇଟ୍ ରାଇଡର୍ସକୁ ସହିତ ଆଇପିଏଲ ଫାଇନାଲରେ ପହଞ୍ଚାଇଥିଲେ। ତାଙ୍କ ଅଧିନାୟକତ୍ୱରେ ଗତ ବର୍ଷ ମଧ୍ୟ ଟାଇଟଲ ଜିତିଥିଲା ଆୟର ନିଜକୁ ଜଣେ ଅଧିନାୟକ ଭାବରେ ପ୍ରତିଷ୍ଠିତ କରିବାରେ ସଫଳ ହୋଇଛନ୍ତି ଯାହା ଭବିଷ୍ୟତରେ ଭାରତକୁ ଆବଶ୍ୟକ ହୋଇପାରେ।

# ବିନୟ ପାଣ୍ଡେ ଓଡିଶା ଭାରୋତ୍ତଳନ ସଂଘର କାର୍ଯ୍ୟକାରୀ କମିଟି ସଭ୍ୟ

ବଲାଙ୍ଗିର,୭।୬: ବଲାଙ୍ଗିର ପାଇଁ ଏକ ଗର୍ବ ଓ ଗୌରବ ବିଷୟ । ଇତି ମଧ୍ୟରେ ଓଡିଶା ରାଜ୍ୟ ଭାରୋତ୍ତଳନ ସଂଘର ନିଷ୍ପତ୍ତି କ୍ରମେ ବଲାଙ୍ଗିର ସହର ମହାଲକ୍ଷ୍ମୀ ନଗର ମୂଳ ନିବାସୀ ବିନୟ ରଂଜନ ପାଣ୍ଡେ ଙ୍କୁ ରାଜ୍ୟ ଭାରୋତ୍ତଳ ସଂଘର କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନିତ କରାଯାଇଛି । ଏହି ଖବର ପାଇବା ପରେ କ୍ରୀଡାପ୍ରେମୀ ତଥା ଶୁଭେଚ୍ଛୁ ଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଛି । ଏଠାରେ ପ୍ରକାଶ ଥାଉ କି ଶ୍ରୀ ପାଣ୍ଡେ ବର୍ତ୍ତମାନ ଓଡିଶା ରାଜ୍ୟ ଭାରୋତ୍ତଳନ ସଂଘର ରେଫରି ଭାବରେ କାର୍ଯ୍ୟରତ ତା ସଙ୍ଗେ ବଲାଙ୍ଗିର ଜିଲ୍ଲା ଭାରୋତ୍ତଳନ ସଂଘର ସଂପାଦକ ଓ କୋଚ ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଆସୁଛନ୍ତି । ବଲାଙ୍ଗିର ଭାରୋତ୍ତଳ କ୍ରୀଡା କ୍ଷେତ୍ରରେ ଶ୍ରୀ ପାଣ୍ଡେଙ୍କ ଅବଦାନ ପ୍ରଶଂସନୀୟ । ତାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗିର ର ଅନେକ ଭାରୋତ୍ତଳନ କ୍ରୀଡା ପ୍ରତିଭା ବର୍ତ୍ତମାନ ଓଡିଶାରେ ସୁନାମ ଅର୍ଜନ କରିଛନ୍ତି । ବିଗତ ରାଜ୍ୟ ସ୍ତରୀୟ ଇଣ୍ଟର କ୍ଲବ ଭାରୋତ୍ତଳନ ପ୍ରତିଯୋଗିତାରେ ଏକଦା ରୌପ୍ୟ ଏବଂ କାଂସ୍ୟ ପଦକ ବିଜୟିନୀ ହୋଇସାରିଥିବା ବଲାଙ୍ଗିର ର ପ୍ରଥମ ଝିଅ ସୁନେନା ବେହେରା ମଧ୍ୟ ଶ୍ରୀ ପାଣ୍ଡେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଇନ୍‌ଡୋର ଷ୍ଟାଡିୟମ ସ୍ପୋର୍ଷ୍ଟ ହଷ୍ଟେଲ ରେ ନିଜର ଅଭ୍ୟାସ ଜାରି ରଖିଛନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ